# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in


•VOLUME- 42 •ISSUE-334 •BHUBANESWAR •MONDAY •2 JUNE 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୨ •ସଂଖ୍ୟା-୩୩୪ •ଭୁବନେଶ୍ୱର •ସୋମବାର •୨ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦




ଆଇପିଏଲ୍ ଫାଇନାଲ୍

ବେଙ୍ଗାଲୁରୁ-ପଞ୍ଜାବ ଲଢ଼େଇ

▶ପୃଷ୍ଠା ୧୨ ଦେଖନ୍ତୁ...

# ପ୍ରଥମ ପ୍ରେମିକ ଠାରୁ ୩୦ କୋଟି ନେଇ ଦ୍ୱିତୀୟ ପ୍ରେମିକ ସହ ଫେରାର

ଓଟାୱା, ୧।୬ (ଏଜେନ୍ସି):

ଜୀବନ ଦେଇ ଭଲ ପାଉଥିଲେ। ନିଜଠାରୁ ଅଧିକ ଭରସା କରିଥିଲେ। ଲିଭ୍-ଇନ୍‌ରେ ରହୁଥିଲେ। ଦେଢ଼ ବର୍ଷ ହେଲା ସମ୍ପର୍କରେ ଥିଲେ। ସାରା ଜୀବନ ରହିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ ଅର୍ଥର ଲୋଭ କାଳ ପାଲଟି ଗଲା। ପ୍ରେମିକ ଦେଇଥିବା ୩୦ କୋଟି ଟଙ୍କାର ଲଟେରି ପାଇଁ ଦେଢ଼ ବର୍ଷର ସମ୍ପନ୍ଧ ଦେଢ଼ ଦିନରେ ଭାଙ୍ଗିଗଲା। ପ୍ରେମିକର ବିଶ୍ୱାସକୁ ଦଳି ଚକଟି ଦେଇ ପ୍ରେମିକା ୩୦ କୋଟି ଟଙ୍କା ଧରି ଦ୍ୱିତୀୟ ପ୍ରେମିକା ସହ ପଳାଇ ଥିଲା। କାନାଡ଼ାର ୱିନପେଗ୍‌ରେ ଏହି ଘଟଣା ଘଟିଛି। ଏବେ ପ୍ରେମିକ ଲରେନ୍ସ କାମ୍ପବେଲ୍ ପୂର୍ବତନ ପ୍ରେମିକାକୁ କୋର୍ଟକୁ ଟାଣିଛି।

ସୂଚନା ଅନୁଯାୟୀ ଲରେନ୍ସ ୨୦୨୪ରେ ଏକ ଲଟେରି ଟିକେଟ କିଣିଥିଲେ। କିନ୍ତୁ ଉପଯୁକ୍ତ ପରିଚୟ ପତ୍ର ନ ଥିବାରୁ ଲଟେରୀ ଅଧିକାରୀଙ୍କ ପରାମର୍ଶ ନେଇ ସେ ପ୍ରେମିକା କ୍ରିଷ୍ଟାଲ ଅନା ମ୍ୟାକେଙ୍କୁ ୱେଷ୍ଟର୍ଣ୍ଣ କାନାଡା ଲଟେରି କର୍ପୋରେସନ (ଡବ୍ଲ୍ୟୁସିଏଲସି)ରୁ ପୁରସ୍କାର ଗ୍ରହଣ ପାଇଁ କହିଥିଲେ। ମ୍ୟାକେଙ୍କୁ ସେ ସମ୍ପୂର୍ଣ୍ଣ ବିଶ୍ୱାସ କରୁଥିଲେ। ପ୍ରେମ ପ୍ରଣୟରେ ଉଭୟେ ପରସ୍ପରକୁ ବହୁତ ସମ୍ମାନ ଦେଉଥିଲେ। ତେଣୁ ଭରସା ନ କରିବାର ପ୍ରଶ୍ନ ଉଠୁ ନ ଥିଲା। ଲରେନ୍ସଙ୍କ ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ନ ଥିଲା। ତେଣୁ ସେ ପ୍ରେମିକାଙ୍କୁ ନିଜ ଖାତାରେ ୫ ନିୟୁତ ଡଲାର (କାନାଡୀୟ) ଡିପୋଜିଟ କରିବାକୁ କହିଥିଲେ। ପ୍ରଥମେ ତ ସବୁକିଛି ଠିକ୍ ଥିଲା। ଉଭୟେ ଚେକ୍ ସହ ଖୁସିରେ ଭିଡିଓ ରେକର୍ଡିଂ କରି ତାହାକୁ ସୋସିଆଲ ମିଡିଆରେ ଛାଡ଼ିଥିଲେ। ଏଥିରେ ମ୍ୟାକେ ବହୁତ ଖୁସି

## ଧୂର୍ତ୍ତ ପ୍ରେମିକା

ଥିବା ଦେଖାଯାଉଛି। କିନ୍ତୁ ଏହା ପରେ ସ୍ଥିତି ବଦଳି ଯାଇଥିଲେ। ମ୍ୟାକେ ଏହି ଲଟେରିକୁ ନିଜର ଜନ୍ମଦିନ ଉପହାର କହିବା ଆରମ୍ଭ କରିଦେଇଥିଲେ। ଏହା ପରେ ଧିରେ ଧିରେ କାମ୍ପବେଲଙ୍କଠାରୁ ଦୂରେଇବାରେ ଲାଗିଥିଲେ। ଉଭୟେ ଏକାଠି ରହୁଥିବା ହୋଟେଲକୁ ମଧ୍ୟ ଆସି ନ ଥିଲେ। ଟଙ୍କା ନ ଫେରାଇ ସମସ୍ତ ସମ୍ପର୍କ କଟାଇ ଦେଇଥିଲେ। ଫୋନ୍ ବି ଉଠାଇ ନ ଥିଲେ। ବାର୍ତ୍ତାର ଉତ୍ତର ବି ଦେଇ ନ ଥିଲେ। ସୋସିଆଲ ମିଡିଆରେ ବ୍ଲକ କରି ଦେଇଥିଲେ। କେବଳ ସେତିକି ନୁହେଁ ପୁଲିସଠାରୁ ସୁରକ୍ଷା ମଧ୍ୟ ମାଗିଥିଲେ। ଏହା ମଧ୍ୟରେ କାମ୍ପବେଲ ପ୍ରେମିକାକୁ ନ ପାଇ ପାଗଳ ପ୍ରାୟ ହୋଇ ଯାଇଥିଲେ। ବୁଲି ବୁଲି ତାଙ୍କୁ ଖୋଜିଥିଲେ। ଶେଷରେ ଆଉ ଜଣଙ୍କ ସହ ଉତ୍ତେଜକ ଅବସ୍ଥାରେ ମ୍ୟାକେଙ୍କୁ ଦେଖିବାକୁ ପାଇ ଲରେନ୍ସ ନିଜକୁ ଘୃଣା କରିବାରେ ଲାଗିଥିଲେ। ଶେଷରେ ନିରାଶ ହୋଇ ସେ ମାନିଟୋବାର 'କୋର୍ଟ ଅଫ୍ କିଙ୍ଗସ୍ ବେଞ୍ଚ'ରେ ମାମଲା ରୁଜୁ କରିଥିଲେ।



## ଶେଖ ହସିନାଙ୍କ ବିରୋଧରେ ମକଦ୍ଦମା ଆରମ୍ଭ



ଢ଼ାକା, ୧।୬ (ଏଜେନ୍ସି): ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ମାନବତା ବିରୋଧରେ ଅପରାଧ କାରଣରୁ ମକଦ୍ଦମା ଆରମ୍ଭ କରାଯାଇଛି। ଏ ନେଇ ବିଧିବଦ୍ଧ ଭାବେ ଟ୍ରାଏଲ ଆରମ୍ଭ ହୋଇଛି। ବାଂଲାଦେଶର ଇଣ୍ଟରନ୍ୟାସନାଲ କ୍ରାଇମ୍ ଟ୍ରିବୁନାଲ (ଆଇସିଟି) ରବିବାର ଆନୁଷ୍ଠାନିକ ଭାବେ ତାଙ୍କ ବିରୋଧରେ ବିଭିନ୍ନ ଅପରାଧ ମାମଲାର ମକଦ୍ଦମା ଆରମ୍ଭ କରିଛି। ଚିଫ୍ ପ୍ରସିକ୍ୟୁଟର ତାଜୁଲ ଇସଲାମ୍ ଟ୍ରିବ୍ୟୁନାଲରେ ଏହି ଅଭିଯୋଗ ନେଇ ମମାଲା ରୁଜୁ କରିଛନ୍ତି। ମେ ୧୨ରେ ଟ୍ରିବୁନାଲର ଯାଞ୍ଚ୍ ଏଜେନ୍ସି ହସିନାଙ୍କ ବିରୋଧରେ ରିପୋର୍ଟ ପ୍ରଦାନ କରିଥିଲା। ଏଥିରେ ୨୦୨୪ ଆନ୍ଦୋଳନ ଅବସରରେ ୫ଟି ଅପରାଧିକ ଅଭିଯୋଗ ଦାଏର କରାଯାଇଥିଲା। ରିପୋର୍ଟ ମୁତାବକ ଆନ୍ଦୋଳନ ବେଳେ ୧୫୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

## ମୁକ୍ତାର ଅନ୍‌ସାରୀ ପୁଅଙ୍କ ବିଧାୟକ ପଦ ରଦ୍ଦ



ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ଗ୍ୟାଙ୍ଗଷ୍ଟାରରୁ ନେତା ବନିଥିବା ସ୍ୱର୍ଗତ ମୁକ୍ତାର ଅନସାରୀଙ୍କ ପୁଅ ଅବାସା ଅନସାରୀର ବିଧାୟକ ପଦ ରଦ୍ଦ କରାଯାଇଛି। ଉତ୍ତରପ୍ରଦେଶ ବିଧାନସଭାରେ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଛି। ୨୦୨୨ରେ ସେ ଦେଇଥିବା ଏକ ଘୃଣାସ୍ପଦ ଭାଷଣ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ଫଳରେ ତାଙ୍କୁ ବିଧାୟକ ପଦ ହରାଇବାକୁ ପଡିଛି। ୨୦୨୨ ବିଧାନସଭା ନିର୍ବାଚନ ଅବସରରେ ମୋଉ ଜିଲ୍ଲାରେ ଏକ ରାଲିରେ ଭାଷଣ ଦେଉଥିବା ବେଳେ ସେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଉତ୍ତରପ୍ରଦେଶର ଏକ କୋର୍ଟ ତାଙ୍କୁ ଏହି ମାମଲାରେ ଦୋଷୀ ସାବ୍ୟସ୍ତ କରିବା ସହ ଦୁଇ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି ଓ ୩,୦୦୦ ଟଙ୍କାର ଜରିମାନା ଧାର୍ଯ୍ୟ କରିଛନ୍ତି। ନିର୍ବାଚନ ରାଲିରେ ବିଜୟୀ ହେବା ପରେ ଅଖିଳେଶ ଯାଦବଙ୍କୁ କୌଣସି ଟ୍ରାନ୍ସଫର ଓ ପୋଷ୍ଟିଂ ନ କରିବାକୁ ଓ ପ୍ରଥମେ ଅଧିକାରୀଙ୍କ ହିସାବ କିତାବ ହେବ ବୋଲି ସେ କହିଥିଲେ।

## ଇରାନ ପରମାଣୁ ବୋମା ପ୍ରସ୍ତୁତିର ନିକଟତର

ନୂଆଦିଲ୍ଲୀ,୧।୬(ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ଇରାନ ପରମାଣୁ ବୋମା ପ୍ରସ୍ତୁତିର ନିକଟତର ହୋଇଛି। ଜାତିସଂଘର ପରମାଣୁ ନୀରିକ୍ଷଣ ସଂସ୍ଥା, ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସୀ (ଆଇଏଇଏ) ଏକ ରିପୋର୍ଟରେ ଏ ନେଇ ଦାବି କରିଛି। ଇରାନ ଇତିମଧ୍ୟରେ ମିଲେଟ୍ରି ଗ୍ରେଡ୍ ଅର୍ଥାତ ୬୦ ପ୍ରତିଶତ ପର୍ଯ୍ୟନ୍ତ ଯୁଦ୍ଧ ୟୁରାନିୟମର ମହଜୁଦ ବଢ଼ାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ୟୁରାନିୟମ ପରମାଣୁ ଅସ୍ତ୍ର ସୃଷ୍ଟି କରିବାର ଅତି ନିକଟତର ବୋଲି ଗ୍ରହଣ କରାଯାଏ। ଇରାନ ସହଯୋଗ ବଢ଼ାଇବା ସହ ନିଜ ନୀତିରେ ପରିବର୍ତ୍ତନ ଆଣିବାକୁ ଏହି ଏଜେନ୍ସି ଅପିଲ କରିଛି। ଆମେରିକା ଓ ଇରାନ ମଧ୍ୟରେ ପରମାଣୁ ବୁଝାମଣା ନେଇ ପୁଣି ପ୍ରୟାସ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ରିପୋର୍ଟ ଆସିଛି। ଏହାକୁ ନେଇ ଦୁଇ ପକ୍ଷ ମଧ୍ୟରେ ଆଲୋଚନ ଆରମ୍ଭ ହୋଇଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଠୋସ୍ ପରିଣାମ ମଳି ପାରିନାହିଁ। ତେଣେ ଏହି ରିପୋର୍ଟକୁ ଇସ୍ରାଏଲ୍ ବେଶ୍ ଉଦବେଗଜନକ ବୋଲି କହିଛି। ଇରାନକୁ ଏଥିରୁ ନିବୃତ ରହିବା ପାଇଁ ଓ ତୁରନ୍ତ ରୋକିବା ପାଇଁ ଅନ୍ତର୍ଜାତୀୟ ସମୁଦାୟ ଚାପ ପକାଇବାକୁ ପ୍ରୟାସ କରିବା ଉଚିତ ବୋଲି ଇସ୍ରାଏଲ ଅପିଲ୍ କରିଛି।

## ଜଗନ୍ନାଥଙ୍କ ରଥରେ ସୁଖୋଇ ଜେଟ୍ ଟାୟାର ଲଗାଇଲା ଇସ୍କନ

କୋଲକାତା,୧।୬(ଏଜେନ୍ସି): କୋଲକାତାର ପ୍ରସିଦ୍ଧ ଇସ୍କନ ରଥଯାତ୍ରାରେ ଏଥର ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଦୀର୍ଘ ୪୮ ବର୍ଷପରେ ପ୍ରଭୁ ଜଗନ୍ନାଥଙ୍କ ରଥର ଚକ ବଦଳିବାକୁ ଯାଉଛି। ଏଥର ରଥର ଚକ ବଦଳରେ ସୁଖୋଇ ଜେଟ୍‌ର ଟାୟାର ବ୍ୟବହାର କରାଯିବ। ଏହି ଫାଇଟର ଜେଟ୍‌ର ଟେକ୍ ଅଫ୍‌ସ୍ପିଡ୍ ଘଣ୍ଟାପ୍ରତି ୨୮୦ କିମି ରହିଥିବା ବେଳେ ରଥ ଘଣ୍ଟାପ୍ରତି ୧.୪ କିମି ବେଗରେ ଯିବ। ଗତବର୍ଷ ରଥ ଚଳାଇବାରେ ସମସ୍ୟା ରହିଥିଲା। ଆୟୋଜକ ୧୫ ବର୍ଷ ହେବ ନୂଆ ଟାୟାର ଖୋଜୁଥିଲେ। ବୋଇଂ ବିମାନର ପୁରୁଣା ଟାୟାର ବ୍ୟବହାର କରିବାର ଥିଲା। କିନ୍ତୁ ଏହା ବଜାରରେ ମିଳିବା କଷ୍ଟକର ଥିଲା। ଏହାପରେ ଆୟୋଜକ ରଥରେ ସୁଖୋଇ ଜେଟ୍‌ର ଟାୟାର ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ଟାୟାର ବ୍ୟାସ ବୋଇଂ ସହ ପାଖାପାଖି ସମାନ।



# ଇସ୍ରାଏଲର ଅମାନବୀୟ ଆକ୍ରମଣ



## ଗାଜାରେ ଖାଦ୍ୟ ବଣ୍ଟନ ବେଳେ ଗୁଳିମାଡ଼; ୩୨ ମୃତ

ଗାଜା,୧।୬ (ଏଜେନ୍ସି): ଦକ୍ଷିଣ ଗାଜାରେ ରବିବାର ଆଉ ଏକ ଅଭାବନୀୟ ଘଟଣା ଘଟିଛି। ଖାଦ୍ୟ ବଣ୍ଟନ ବେଳେ ଗୁଳିମାଡରେ ପାଲେଷ୍ଟାଇନ୍‌ର ୩୨ ଜଣ ଲୋକ ପ୍ରାଣ ହରାଇଛନ୍ତି। ରାଫା ସହରରେ ଏକ ସହାୟତା ବିତରଣ କେନ୍ଦ୍ର ନିକଟରେ ଇସ୍ରାଏଲ ସେନା ଗୁଳିବର୍ଷଣ କରିବା ଫଳରେ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଛି ବୋଲି ଗାଜାର ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ୨୦୦ ଲୋକ ଆହତ ହୋଇଛନ୍ତି। ପୁଣି ମଧ୍ୟ ଗାଜାରେ ଏକ ସହାୟତା କେନ୍ଦ୍ରରେ ସମାନ ଘଟଣା ଘଟିଛି। ଏଠାରେ ହୋଇଥିବା ଗୁଳି ମାଡରେ ଜଣେ ପାଲେଷ୍ଟାଇନ୍ ନାଗରିକ ମୃତ୍ୟୁବରଣ କରିଛନ୍ତି ଓ ୩୨ଜଣ ଆହତ ହୋଇଛନ୍ତି। ଆମେରିକାର ଏକ ଏଜେନ୍ସି ଜିଏଚ୍‌ଏଫ୍ ଗାଜାରେ ଖାଦ୍ୟ ବଣ୍ଟନର କାର୍ଯ୍ୟ ସମ୍ପାଦନ କରୁଛି। ତେବେ ଇସ୍ରାଏଲ ସେନା ଏ ବିଷୟରେ କିଛି ଜାଣିନାହିଁ ବୋଲି କହିଛି। ଏହି ମାମଲାରେ ତଦନ୍ତ କରାଯାଉଛି ବୋଲି ସେନା ତରଫରୁ କୁହାଯାଇଛି। ଅନ୍ୟପଟେ ଅଲ-ଜଜିରା ରିପୋର୍ଟ ମୁତାବକ ଗାଜାରେ ମେ ୨୭ରୁ ଜୁନ୍ ୧ ପର୍ଯ୍ୟନ୍ତ ହୋଇଥିବା ଖାଦ୍ୟ ବଣ୍ଟନ ପ୍ରକ୍ରିୟାରେ ହୋଇଥିବା ଗୁଳିମାଡ଼ରେ ୪୯ ଜଣ ଲୋକଙ୍କ ପ୍ରାଣହାନୀ ଘଟିଥିବା ବେଳେ ୩୦୦ ଲୋକ ଆହତ ହୋଇଛନ୍ତି। ଖାଦ୍ୟ ନେବା ସମୟରେ ବହୁ ସଂଖ୍ୟାରେ ଲୋକ ଏକାଠି ହୋଇଥିଲେ। ଫଳରେ ପ୍ରବଳ ଭିଡ଼ ଜମିଥିଲା। ଏହି ଘଟଣାରେ ୩୦ ଲୋକ ପ୍ରାଣ ହରାଇଥିବା ବେଳେ ୧୭୯ ଲୋକ ଆହତ ହୋଇଛନ୍ତି ବୋଲି ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଗତ ଗୋଟିଏ ସପ୍ତାହ ମଧ୍ୟରେ ଗାଜାରେ ଇସ୍ରାଏଲ ସେନା ଆକ୍ରମଣରେ ମୋଟ୍ ୫୦୦ ଲୋକଙ୍କ ମୃତ୍ୟୁ ହୋଇଛି। ୨୦୨୩ ଅକ୍ଟୋବର ୭ରୁ ଆରମ୍ଭ ହୋଇଥିବା ଇସ୍ରାଏଲ-ହମାସ ଯୁଦ୍ଧରେ ଏପର୍ଯ୍ୟନ୍ତ ୫୫,୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ହଜାର ହଜାର ଛୋଟ ପିଲା, ମହିଳା ଓ ବୟସ୍କ ଲୋକ ସାମିଲ ରହିଛନ୍ତି।

# ଅଥୟ କରୁଛି କରୋନା

## ୨୪ ଘଣ୍ଟାରେ ଆଉ ୩୬୩ ମାମଲା, ୪ ମୃତ

ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ଥମୁନି କରୋନା ସଂକ୍ରମଣ। ଏହା ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ୩୦୦ରୁ ଅଧିକ ଲୋକ ସଂକ୍ରମିତ ହୋଇଛନ୍ତି ଏବଂ ୪ ଜଣ ପ୍ରାଣ ହରାଇଛନ୍ତି। ଏହାସହିତ ଦେଶରେ ସଂକ୍ରମଣ ମାମଲା ୩୭୦୦ ଅତିକ୍ରମ କରିଥିବା ବେଳେ ମୃତ୍ୟୁସଂଖ୍ୟା ବର୍ତ୍ତମାନ ସୁଦ୍ଧା ୨୭କୁ ବୃଦ୍ଧି ପାଇଛି। କେରଳରେ ସର୍ବାଧିକ ୧୪୦୦ରୁ ଅଧିକ ସଂକ୍ରମିତ ରୋଗୀ ଥିବା ବେଳେ ମହାରାଷ୍ଟ୍ରରେ ୪୮୫, ଦିଲ୍ଲୀରେ ୪୩୬, ଗୁଜରାଟରେ ୩୨୦ ଏବଂ ପଶ୍ଚିମବଙ୍ଗରେ ୨୮୭ ଜଣ ସଂକ୍ରମିତ ହୋଇଛନ୍ତି। ସେହିଭଳି ଗତ ୨୪ ଘଣ୍ଟାରେ ଯେଉଁ ୪ ଜଣଙ୍କର ମୃତ୍ୟୁ ଘଟିଛି, ସେମାନଙ୍କ ମଧ୍ୟରେ ପଶ୍ଚିମ ବଙ୍ଗରେ ଦୁଇ ଜଣ ପ୍ରାଣ ହରାଇଥିବା ବେଳେ କେରଳ ଓ କର୍ଣ୍ଣାଟକରେ ଜଣେ ଲେଖାଏଁ ପ୍ରାଣ ହରାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମେ ୨୨ ତାରିଖ ସୁଦ୍ଧା ସାରା ଦେଶରେ ମାତ୍ର ୨୫୭ କରୋନା ମାମଲା ରେକର୍ଡ କରାଯାଇଥିବା ବେଳେ ଏହାପରେ ୧୦ ଦିନ ଭିତରେ ୧୦ ଗୁଣାରୁ ଅଧିକ ରୋଗୀ ଚିହ୍ନଟ ହେଲେଣି। ଏଥିରେ ଉପରୋକ୍ତ ରାଜ୍ୟ ସହିତ କର୍ଣ୍ଣାଟକ, ତାମିଲନାଡୁ, ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନରେ ମଧ୍ୟ ସଂକ୍ରମଣ ଦ୍ରୁତ ଗତିରେ ଉପରମୁହାଁ ହେବାକୁ ଲାଗିଛି। ବିଶେଷ କରି ପଶ୍ଚିବଙ୍ଗରେ ଏହା ଅଧିକ ସଂଖ୍ୟାରେ ବଢ଼ିବାର ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମବଙ୍ଗରେ ସର୍ବାଧିକ ୮୨ ରୋଗୀ ଚିହ୍ନଟ ହୋଇଥିବା ବେଳେ କେରଳରେ ୬୪, ଦିଲ୍ଲୀରେ ୬୧ ଏବଂ ଗୁଜରାଟରେ ୫୫ ନୂଆ ସଂକ୍ରମିତ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ନୂଆ ସଂକ୍ରମଣକୁ ନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି କହିଛନ୍ତି ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍)ର ନିର୍ଦ୍ଦେଶକ ଡ. ରାଜୀବ ବେହେଲ। ସେ କହିଛନ୍ତି ଯେ କୋଭିଡର ୪ ପ୍ରକାର ଭୂତାଣୁ ଚିହ୍ନଟ ହୋଇଛନ୍ତି। ସେଗୁଡ଼ିକ ହେଲା ଏଲ୍‌ଏଫ୍-୭, ଏକ୍‌ଓଏଫ୍‌ଜି, ଜେଏନ୍ ୧ ଏବଂ ଏନ୍‌ବି.୧.୮.୧। ପ୍ରଥମ ତିନିଟି ଭୂତାଣୁ ଯୋଗୁଁ ଏବେ ସଂକ୍ରମଣ ବଢୁଛି। ପରିସ୍ଥିତି ଉପରେ ନଜର ରଖାଯାଇଛି। କିନ୍ତୁ ପରିସ୍ଥିତି ନିୟନ୍ତ୍ରଣରେ ରହିଛି ଏବଂ ବ୍ୟସ୍ତ ହେବାର କୌଣସି କାରଣ ନାହିଁ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

# ଶର୍ମିଷ୍ଠାଙ୍କ ଗିରଫକୁ ନେଇ ତେଜିଲା ରାଜନୀତି



ନୂଆଦିଲ୍ଲୀ,୧।୬(ଏଜେନ୍ସି): ପୁଣେ ଆଇନ୍ ଛାତ୍ରୀ ତଥା ଇନ୍‌ଷ୍ଟାଗ୍ରାମ ଇନଫ୍ଲ୍ୟୁଏନ୍ସର ଶର୍ମିଷ୍ଠା ପାନୋଲିଙ୍କ ଗିରଫ୍‌କୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ଶର୍ମିଷ୍ଠାଙ୍କୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କୋଲକାତା କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ତାଙ୍କ ପୋଷ୍ଟ ସାମ୍ପ୍ରଦାୟିକ ଥିବାରୁ ତାଙ୍କ ବିରୋଧରେ ମାମଲା ଦାଏର କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ଅପରେସନ ସିନ୍ଦୂର ନେଇ କେତେଜଣ ବଲିଉଡ ଅଭିନେତ୍ରୀ ନିରବ ଥିବା ନେଇ ସେ ନିଜ ପୋଷ୍ଟରେ ଆପତ୍ତି ଉଠାଇଥିଲେ। କିନ୍ତୁ ଏ ନେଇ ଏବେ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଆନ୍ଧ୍ରପ୍ରଦେଶ ଉପ-ମୁଖ୍ୟମନ୍ତ୍ରୀ ତଥା ଜନସେନା ପାର୍ଟି ମୁଖ୍ୟ ପବନ କଲ୍ୟାଣ ଶର୍ମିଷ୍ଠାଙ୍କ ଗିରିଫକୁ କଡ଼ା ବିରୋଧ କରି ନିନ୍ଦା କରିଛନ୍ତି। ସେ ଏଥିପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଦାୟୀ କରିଛନ୍ତି। ଧର୍ମନିରପେକ୍ଷତାରେ ଦୋମୁହାଁ ନୀତି ଚଳିବ ନାହିଁ ବୋଲି ସେ କହିଛନ୍ତି। ପୁଣି ଶର୍ମିଷ୍ଠା ନିଜର ଭୁଲ ସ୍ୱୀକାର କରିବା ସହ ବିବାଦୀୟ ପୋଷ୍ଟକୁ ହଟାଇବା ପରେ ମଧ୍ୟ ତାଙ୍କୁ କାହିଁକି ଗିରଫ କରାଗଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ତେଣେ ବିଜେପି ସାଂସଦ ତଥା ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍ ମଧ୍ୟ ଏ ନେଇ ମମତା ସରକାରଙ୍କୁ ନିନ୍ଦା କରିଛନ୍ତି। ମମତା ପଶ୍ଚିମବଙ୍ଗକୁ ଉତ୍ତର କୋରିଆରେ ପରିଣତ କରିବାକୁ ପ୍ରୟାସ ନ କରନ୍ତୁ ବୋଲି ସେ ଅପିଲ କରିଛନ୍ତି। ଅନ୍ୟପକ୍ଷରେ ମମତାଙ୍କ ଦଳର ନେତାମାନେ ପ୍ରଶ୍ନ କରିଛନ୍ତି ଯେ ବିଜେପି ଓ ଏହାର ସହଯୋଗୀ ଦଳଙ୍କ ଦୋମୁହାଁ ନୀତି ନେଇ ପ୍ରଶ୍ନ ଉଠାଇଛନ୍ତି। ବିଜେପି ଶାସିତ ରାଜ୍ୟରେ ବିରୋଧୀଙ୍କୁ ଚୁପ କରିବା ଲାଗି କିପରି ପୁଲିସର ବ୍ୟବହାର କରୁଛନ୍ତି ତାହାର ଉଲ୍ଲେଖ କରି କହିଛନ୍ତି ଯେ କୋର୍ଟ ସେହି ସରକାରଙ୍କୁ ଭର୍ତ୍ସନା କରିବାର ନଜିର ରହିଛି। କିନ୍ତୁ ଶର୍ମିଷ୍ଠାଙ୍କ ଗିରଫଦାରୀ ସଂପୂର୍ଣ୍ଣ ରୂପେ ଆଇନ ଅନୁଯାୟୀ ହୋଇଛି ବୋଲି ସେମାନେ କହିଛନ୍ତି।

### ଅପରେସନ ସିନ୍ଦୂର

## ଅସ୍ତ୍ରବିରତି ନେଇ ପୁଣି ପ୍ରଶ୍ନ ଉଠାଇଲା କଂଗ୍ରେସ

ନୂଆଦିଲ୍ଲୀ,୧।୬(ଏଜେନ୍ସି):



ଅପରେସନ ସିନ୍ଦୂର ଓ ଏହାପରେ ଅସ୍ତ୍ରବିରତି ନେଇ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ପାର୍ଟି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ ପଚାରିବା ପ୍ରକ୍ରିୟାକୁ ଆହୁରି ଜୋରଦାର କରିଛି। ହଠାତ ଅସ୍ତ୍ରବିରତି ଘୋଷଣା ଓ ଏଥିରେ ଆମେରିକାର ସନ୍ଦେହଜନକ ଭୂମିକା ଏବଂ ନିକଟରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନଙ୍କ ବୟାନ ନେଇ ବରିଷ୍ଠ କଂଗ୍ରେସ ନେତା ପବନ ଖେଡ଼ା ବିଭିନ୍ନ ପ୍ରଶ୍ନ ପଚାରିବା ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ ଦିନକୁ ଦିନ ବିଭିନ୍ନ ପ୍ରଶ୍ନ ମନରେ ଉଙ୍କିମାରୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ସବୁଠାରୁ ବଡ଼ ପ୍ରହେଳିକା ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଅସ୍ତ୍ରବିରତି ପ୍ରକ୍ରିୟାରେ ରହିଥିବା ସର୍ତ୍ତଗୁଡିକ ବିଷୟରେ ଆମେ ତଥା ଦେଶବାସୀ ଅବଗତ ହେବା ନିହାତି ଆବଶ୍ୟକ। ସିଡିଏସ୍ ଚୌହାନଙ୍କ ବୟାନ ଏକାଧିକ ପ୍ରଶ୍ନ ଉତ୍ଥାପନ କରିଛି। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର ଆଗକୁ ଆସିବା ଉଚିତ ଓ ଦେଶବାସୀଙ୍କ ଭ୍ରମ ଓ ଦ୍ୱନ୍ଦ ଦୂର କରିବା ଉଚିତ ବୋଲି ସେ କହିଛନ୍ତି। ଅସ୍ତ୍ରବିରତି ଓ ଜାତୀୟ ନିରାପତ୍ତା ନେଇ ସଂସଦରେ ଏକ ସ୍ୱତନ୍ତ୍ର ଅଧବେଶନ ଡାକିବାକୁ କଂଗ୍ରେସର ଥିବା ପୁରଣା ଦାବିକୁ ଖେଡା ଦୋହରାଇଛନ୍ତି। ଅନ୍ୟତମ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ମଧ୍ୟ ଖେଡାଙ୍କୁ ସମର୍ଥନ କରି ନିଜର ମନ୍ତବ୍ୟ ଦେଇଛନ୍ତି। ଅପରେସନ ସିନ୍ଦୂର ଓ ଅସ୍ତ୍ରବିରତି ନେଇ ସବୁ କିଛି ସ୍ୱଷ୍ଟ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଉତ୍ତର-ପୂର୍ବରେ ପ୍ରବଳ ବର୍ଷା; ୩୫ ମୃତ

ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ଉତ୍ତର-ପୂର୍ବ ଭାରତର ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିଛି। ଏହା ସ୍ଥିତିକୁ ଅତ୍ୟନ୍ତ ଜଟିଳ କରିଦେଇଛି। ବିଭିନ୍ନ ରାଜ୍ୟରେ ବନ୍ୟା ଆସିବା ସହିତ ଭୂସ୍ଖଳନ ହୋଇଛି। ଆସାମଠାରୁ ନେଇ ତ୍ରିପୁରା, ଅରୁଣାଚଳ ପ୍ରଦେଶ ଆଦିରେ ଏ ପର୍ଯ୍ୟନ୍ତ ବର୍ଷା ଜନିତ ଦୁର୍ଘଟଣାରେ ୩୫ରୁ ଅଧିକ ଜୀବନ ଗଲାଣି। ଆସାମରେ ୧୬ ଜଣ, ଅରୁଣାଚଳରେ ୯ , ମିଜୋରାମରେ ୪ ଏବଂ ମେଘାଳୟରେ ୩ ଜଣଙ୍କ ଜୀବନ ଯାଇଛି। ଆସାମର ୧୫ରୁ ଅଧିକ ଜିଲ୍ଲାରେ ୭୮ ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ତ୍ରିପୁରାରୁ ୧୩୦୦ ପରିବାରକୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ମଣିପୁରରେ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ୩, ୮୦୨ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ଉତ୍ତର ସିକିମରେ ୧୫୦୦ ପର୍ଯ୍ୟଟକ ଫସି ରହିଛନ୍ତି। ଶ୍ରୀନଗର-ଲେହ ରାଜପଥରେ ରବିବାର ଭୂସ୍ଖଳନ ହୋଇଛି। ଅବଶେଷ ପଡ଼ି ରହିଥିବାରୁ ରାସ୍ତା ବନ୍ଦ ରହିଛି। ସ୍ଥିତିକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆସାମ, ଅରୁଣାଚଳ, ସିକିମ ମୁଖ୍ୟମନ୍ତ୍ରୀ ଏବଂ ମଣିପୁର ରାଜ୍ୟପାଳଙ୍କ ସହ କଥା ହୋଇଛନ୍ତି।

# ଚୀନ୍‌ର ଋଣ ଜାଲରେ ୧୫୦ ଦେଶ

ବେଜିଂ, ୧।୬ (ଏଜେନ୍ସି)

ବିଶ୍ୱରେ କର୍ତ୍ତୃତ୍ୱ ଜାହିର କରିବା ପାଇଁ ଚୀନ୍ କ୍ରମାଗତ ଭାବେ ପ୍ରଚେଷ୍ଟା ଜାରି ରଖିଛି। ଗରିବ ରାଷ୍ଟ୍ରଙ୍କୁ ଲୋଭ ଦେଖାଇ ଚୀନ୍ ନିଜ ଋଣ ଜାଲରେ ଫସାଇବାରେ ଲାଗିଛି। ଆଉ ଏହି ଦେଶଗୁଡିକ ଲୋଭରେ ଫସି ତଳିତଳାନ୍ତ ହେବାରେ ଲାଗିଛନ୍ତି। ଏବେ ଚୀନ୍ ଅର୍ଥ ଆଦାୟ ପାଇଁ ଏହି ଦେଶଗୁଡିକ ଉପରେ ଚାପ ପକାଉଛି। ବିଭିନ୍ନ ଭୟ ମଧ୍ୟ ଦେଖାଉଛି। ତେଣୁ ଚୀନ୍ ଋଣ ଆଦାୟ କରିବାରେ ବିଶ୍ୱରେ ସବୁଠୁ ଆଗରେ ରହିଛି। ଅଷ୍ଟ୍ରେଲିଆ ଥିଙ୍କ ଟ୍ୟାଙ୍କ ଲୋଭି ଲୋଭି ଇନ୍‌ଷ୍ଟିଚ୍ୟୁଟ ଅନୁଯାୟୀ ଚୀନ୍ ଚଳିତ ବର୍ଷ ବିଭିନ୍ନ ଦେଶଠାରୁ ରେକର୍ଡ ୩ ଲକ୍ଷ କୋଟି ଟଙ୍କାର ଋଣ ଆଦାୟ କରିବ। ଏଗୁଡିକ ମଧ୍ୟରେ ୭୫ଟି ଗରିବ ଦେଶ ସାମିଲ ଅଛନ୍ତି। ଏହି ଦେଶଗୁଡିକ ଚୀନ୍‌କୁ ୧.୯ ଲକ୍ଷ କୋଟି ଟଙ୍କା ପ୍ରଦାନ କରିବେ। ବିକାଶଶୀଳ ଦେଶ ଉପରେ ଚୀନ୍‌ର ମୋଟ ୯୪ ଲକ୍ଷ କୋଟି ଟଙ୍କା ବାକି ରହିଛି। ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ (ବିଆରଆଇ) ଅଧିନରେ ଏକ ଦଶନ୍ଧି ତଳେ ଚୀନ୍ ଏହି ଋଣ ଦେଇଥିଲା।

ଚୀନ୍ ଚାପ ଯୋଗୁଁ ଏହି ଦେଶଗୁଡିକର ଆର୍ଥିକ ସ୍ଥିତି ଉପରେ ଗଭୀର ପ୍ରଭାବ ପଡୁଛି। ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବଜେଟ ଉପରେ ବିପଦ ଦେଖାଦେଇଛି। ୨୦୨୩ରେ ୪୬ଟି ଗରିବ ଦେଶ ନିଜ ଟିକସ ଜନିତ ଆୟର ୨୦ ପ୍ରତିଶତ କେବଳ ଚୀନ୍ ଋଣ ପରିଶୋଧ କରିବାରେ ଖର୍ଚ୍ଚ କରିଥିଲେ। ଲୋଭରେ ପଡ଼ି ଋଣ ଆଣିଥିବା ଏହି ଦେଶ ଏବେ ଚୀନ୍‌ର ଜାଲରେ ପଡ଼ି ହନ୍ତସନ୍ତ ହେଉଛନ୍ତି। ସି ଜିନପିଙ୍ଗଙ୍କ ଏହି ଋଣ ରଣନୀତି ୨୦୧୩ରୁ ଆରମ୍ଭ ହୋଇଥିଲା। ୧୫୦ ଦେଶ ଏହି ପ୍ରକଳ୍ପରେ ସାମିଲ ହୋଇଛନ୍ତି। ବିଶ୍ୱ ଜିଡିପିକୁ ଏହି ଦେଶଗୁଡିକର ଯୋଗଦାନ ୪୦ ପ୍ରତିଶତ। ୪୨ ଦେଶ ଉପରେ ଜିଡିପିରୁ ଅଧିକ ଚୀନ୍ ଋଣ ରହିଛି। ୨୦୧୭ରେ ଚୀନ୍ ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)କୁ ପଛରେ ପକାଇ ସବୁଠାରୁ ବଡ଼ ଋଣଦାତା ହୋଇଥିଲା। ୮୦ ପ୍ରତିଶତ ଋଣ ବିକାଶଶୀଳ ଦେଶ ନେଇଥିଲେ।

### ଗରିବ ଦେଶଙ୍କ ଉପରେ ୯୪ ଲକ୍ଷ କୋଟି ବାକି

ଏବେ ୫୫ ପ୍ରତିଶତ ଋଣ ପରିଶୋଧ କରୁଛନ୍ତି। ୨୦୩୦ ସୁଦ୍ଧା ଏହା ୭୫ ପ୍ରତିଶତରେ ପହଞ୍ଚି ଯିବ। ୨୦୨୨ ସୁଦ୍ଧା ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଦେଶକୁ ଚୀନ୍ ୬୦ ପ୍ରତିଶତ ଋଣ ଦେଇଥିଲା। ଅଧିକ ସୁଧ ହାର ଯୋଗୁଁ ଅନେକ ଦେଶ ଏହାକୁ ପରିଶୋଧ କରିବାରେ ସମସ୍ୟା ଭୋଗୁଛନ୍ତି। ପାକିସ୍ତାନ (୨.୨୭ ଲକ୍ଷ କୋଟି), ଅଙ୍ଗୋଲା (୧.୭୯ ଲକ୍ଷ କୋଟି), ଶ୍ରୀଲଙ୍କା (୭୬ ହଜାର କୋଟି), ଇଥିଓପିଆ (୫୮ ହଜାର କୋଟି), କେନିଆ (୫୭ ହଜାର କୋଟି), ବାଂଲାଦେଶ (୫୨ ହଜାର କୋଟି), ଲାଓସ (୪୫ ହଜାର କୋଟି), ଇଜିପ୍ଟ (୪୪ ହଜାର କୋଟି) ଏବଂ ନାଇଜେରିଆ ୩୬ ହଜାର କୋଟି ଟଙ୍କାର ଋଣ ପରିଶୋଧ କରିବାରେ ବିଫଳ ହୋଇଛି। ଚୀନ୍ ବିଶ୍ୱବ୍ୟାଙ୍କକୁ ଲୁଚାଇ ମଧ୍ୟ ୩୩ ଲକ୍ଷ କୋଟିର ଋଣ ଦେଇଛି।



ଫ୍ରେଞ୍ଚ ଓପନ୍ କ୍ୱାର୍ଟରରେ ଭିଟୋଲିନା

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-334 ♦BHUBANESWAR ♦MONDAY ♦2 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୩୪ ♦ଭୁବନେଶ୍ୱର ♦ସୋମବାର ♦୨ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

ସୁପର ପାୱାରକୁ ସୁପର ଝଟ୍‌କା

# ୟୁକ୍ରେନ ଡ୍ରୋନ୍‌ର ତାଣ୍ଡବ

## ରୁଷର ୪ ଏୟାରବେସ୍‌ରେ ୪୦ ଯୁଦ୍ଧ ବିମାନ ଧ୍ୱଂସ



ରୁଷ୍ ନ ଅଟକିଲେ ପୁଣି ଆକ୍ରମଣ କରିବୁ: ଜେଲେନ୍‌ସ୍କି

■ **ମସ୍କୋ, ୧।୬ (ଏଜେନ୍ସି):** ଅନେକ ପର୍ଯ୍ୟାୟ ଆଲୋଚନା, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ସତ୍ତ୍ୱେ ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ ହେବାର ନା ଧରୁନାହିଁ। ଏହା କ୍ରମାଗତ ଭାବେ ଭୟଙ୍କର ହେବାରେ ଲାଗିଛି। ରବିବାର ରୁଷରେ ବଡ଼ଧରଣର ଆକ୍ରମଣ କରିଛି ୟୁକ୍ରେନ। ନିଜ ସୀମାଠାରୁ ହଜାର ହଜାର କିମି ଦୂରରେ ଥିବା ଇଷ୍ଟର୍ଣ୍ଣ ସାଇବେରିଆ ସ୍ଥିତ ଓଲେନ୍ୟା ଏବଂ ବେଲାୟା ସମେତ ୪ଟି ଏୟାରବେସ୍ ଉପରେ ଡ୍ରୋନ୍ ଆକ୍ରମଣ କରିଛି। ଏଥିରେ ୪୦ଟି ଯୁଦ୍ଧ ବିମାନ ଧ୍ୱଂସ ହୋଇଯାଇଥିବା ୟୁକ୍ରେନ ପକ୍ଷରୁ ଦାବି କରାଯାଇଛି। କିଭ୍ ଇଣ୍ଡିପେଣ୍ଡେଣ୍ଟ ୱେବସାଇଟ ଅନୁଯାୟୀ ଏହି ଆକ୍ରମଣରେ ଏ-୫୦, ଟିୟୁ-୯୫ ଏବଂ ଟିୟୁ-୨୨ ଭଳି ବୋମାବର୍ଷଣକାରୀ ଯୁଦ୍ଧ ବିମାନ ଧ୍ୱଂସ ହୋଇଯାଇଛି। ରୁଷିଆର ଇରକୁଟସ୍କ ପ୍ରଦେଶର ଗଭର୍ଣ୍ଣର ମଧ୍ୟ ଆକ୍ରମଣ ଖବରକୁ ସ୍ୱୀକାର କରିଛନ୍ତି। ରିମୋଟ ଚାଳିତ ବିମାନ ଦ୍ୱାରା ଶ୍ରୀଡନି ଗ୍ରାମରେ ଥିବା ଏୟାରବେସ ଉପରେ ଆକ୍ରମଣ ହୋଇଥିବା ସେ କହିଛନ୍ତି।

ରିପୋର୍ଟ ଅନୁଯାୟୀ ରିପୋର୍ଟ ଅନୁଯାୟୀ, ୟୁକ୍ରେନୀୟ ସୁରକ୍ଷା ଏଜେନ୍ସି (ଏସବିୟୁ) ଏହି ଆକ୍ରମଣ କରିଥିଲା। ଏଥିରେ ଫାଷ୍ଟ ପର୍ସନ ଭ୍ୟୁ (ଏଫପିଭି) ଡ୍ରୋନ ବ୍ୟବହାର କରାଯାଇଥିଲା। ଜଣେ ଏସବିୟୁ ଅଧିକାରୀ କହିଛନ୍ତି ଯେ ଆତ୍ମରକ୍ଷା ପାଇଁ ଏହି ଆକ୍ରମଣ କରାଯାଇଛି। କାରଣ ରୁଷର ଏହି ବିମାନଗୁଡ଼ିକ ▶ପୃଷ୍ଠା-୭


# ୨ ଟଙ୍କା ବଢ଼ିଲା ଓମ୍‌ଫେଡ୍ କ୍ଷୀର

## ଚାଷୀଙ୍କୁ ଲିଟର ପିଛା ଅଧିକ ୩ ଟଙ୍କା

■ **ଭୁବନେଶ୍ୱର, ୧।୬ (ସମିସ):** ଓମ୍‌ଫେଡ୍ ଦୁଗ୍ଧ ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି କରିଛନ୍ତି ସରକାର। ଏହା ସହିତ ଚାଷୀଙ୍କଠାରୁ ଦୁଗ୍ଧ କ୍ରୟ ସମୟରେ ସେମାନଙ୍କୁ ଅଧିକ ୩ ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ପୂର୍ବରୁ ୧ ଲିଟର ଓମ୍‌ଫେଡ୍ ଦୁଗ୍ଧ ମୂଲ୍ୟ ୫୨ ଟଙ୍କା ଥିବାବେଳେ ଏବେ ଏହା ୫୪ ଟଙ୍କାରେ ବିକ୍ରି ହେବ। ଏହା ସହ ଓମ୍‌ଫେଡ୍ ଦ୍ୱାରା ପ୍ରସ୍ତୁତ ଅନ୍ୟାନ୍ୟ ଦୁଗ୍ଧଜାତ ସାମଗ୍ରୀ ଦହି, ରାବିଡ଼ି, ଲସି, ଚହ୍ଲା, ଛେନାପୋଡ଼, ପେଡ଼ା ଆଦିର ମୂଲ୍ୟ ମଧ୍ୟ ବୃଦ୍ଧି ପାଇବ । ଆସନ୍ତା ୧୬ ତାରିଖରୁ ବର୍ଦ୍ଧିତ ଦର ଲାଗୁ ହେବ। ଅନ୍ୟପକ୍ଷରେ ଓମ୍‌ଫେଡ୍ କ୍ଷୀର ଦର ୨ ଟଙ୍କା ବୃଦ୍ଧି ହୋଇଥିଲେ ହେଁ ଦୁଗ୍ଧ ଚାଷୀମାନେ ଲିଟର ପିଛା ୩ ଟଙ୍କା ଲାଭବାନ ହେବେ।

# ଧୋକାଦେଲା ମୌସୁମୀ

## ପ୍ରଚଣ୍ଡ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ




ସ୍ନାନପୂର୍ଣ୍ଣିମା ପୂର୍ବରୁ ନିସ୍ତାର ନାହିଁ

■ **ଭୁବନେଶ୍ୱର, ୧।୬ (ସମିସ):** ଧୋକା ଦେଲା ମୌସୁମୀ। ଓଡ଼ିଶା ଛୁଇଁବା ପୂର୍ବରୁ ଲଘୁଚାପ ଫାନ୍ଦରେ ପଡ଼ି ବାଟରେ ଅଟକି ଗଲା। ଦିନେ ଦୁଇଦିନ ବୁନ୍ଦା ଝାଡ଼ି ପ୍ରାକ୍ ମୌସୁମୀ ବର୍ଷା ବି ଓଡ଼ିଶାରୁ ମୁହଁ ଫେରାଇ ନେଲା। ଏହା ପରେ ରାଜ୍ୟରେ ପୁଣି ବଦଳିଛି ପାଗ; ତାତି ବଢ଼ିଛି, ଆରମ୍ଭ ହୋଇଛି ପ୍ରଚଣ୍ଡ ଗୁଳୁଗୁଳି। ଆଭ୍ୟନ୍ତରୀଣ ଓଡ଼ିଶାରେ ୫ରୁ ୬ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇଛି। ଆସନ୍ତା ଦୁଇ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ସମ୍ଭାବନା ନାହିଁ ଓ ସ୍ନାନପୂର୍ଣ୍ଣିମା ପୂର୍ବରୁ ଗୁଳୁଗୁଳିରୁ ନିସ୍ତାର ମିଳିବ ନାହିଁ ବୋଲି ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସମେତ ଦେଶର ଅଧିକାଂଶ ସ୍ଥାନରେ ମୌସୁମୀ ନିଷ୍କ୍ରିୟ ରହିବ। ଏହି ସମୟରେ କେବଳ ଦେଶର ପଶ୍ଚିମ ଉପକୂଳ ଓ ଉତ୍ତର-ପୂର୍ବ ଭାରତରେ ବର୍ଷା ହେବ। ବର୍ତ୍ତମାନ ରାଜ୍ୟକୁ ପଶ୍ଚିମା ପବନ ବହୁଥିବାରୁ ମୌସୁମୀ ଟ୍ରଫ୍ ସୃଷ୍ଟି ହୋଇପାରୁ ▶ପୃଷ୍ଠା-୭

# ଏଏସ୍‌ଆଇଙ୍କୁ ପୋଡ଼ି ମାରିଦେଲେ !

## ଗାଡ଼ି ସହ ଅର୍ଦ୍ଧଦଗ୍ଧ ଶବ ଉଦ୍ଧାର



### ଥାନାରେ ମାନସିକ ନିର୍ଯାତନା ଦେଉଥିଲେ ଆଇଆଇସି: ପତ୍ନୀ

■ **ଜୁନାଗଡ଼, ୧।୬ (ସମିସ):** ଭବାନୀପାଟଣା ରିଜର୍ଭ ପୁଲିସ୍ ମୁଖ୍ୟାଳୟରେ କାର୍ଯ୍ୟରତ ଏଏସ୍‌ଆଇ ପବିତ୍ର ଗୋଲାପିଙ୍କ ଆଜି ସନ୍ଦେହଜନକ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଜୁନାଗଡ଼ ଥାନା ଅଧୀନ ବନମାଳିପୁର ଏନ୍‌ଏଚ-୨୬ର ରାସ୍ତାକଡ଼ରୁ ବାଇକ୍ ସହ ତାଙ୍କର ଦରପୋଡ଼ା ଶବ ଜବତ ହୋଇଛି। ପୁଲିସ୍ ଏହାକୁ ଦୁର୍ଘଟଣା ବୋଲି କହୁଥିବା ବେଳେ ପରିବାରଲୋକ କିନ୍ତୁ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। କେହି ଦୁର୍ବୃତ୍ତ ତାଙ୍କୁ ପୋଡ଼ି ମାରିଦେଇଛନ୍ତି ବୋଲି ସେ କହିଛନ୍ତି। ଏପରିକି, କେ ଗାଁ ଥାନା ଆଇଆଇସିଙ୍କ ବିରୋଧରେ ମଧ୍ୟ ସଂଗିନ୍ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ଆଇଆଇସି ସବୁବେଳେ ପବିତ୍ରଙ୍କୁ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ତେଣୁ, ଏହାକୁ ନେଇ ପବିତ୍ର ସବୁବେଳେ ଚିନ୍ତାରେ ରହୁଥିଲେ। ଜୁନାଗଡ଼ ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ▶ପୃଷ୍ଠା-୭

## ତାଳଚେର ସଦର ପୁଲିସ ବିରୋଧରେ ସାଂଘାତିକ ଅଭିଯୋଗ

# ରାତିଅଧରେ ଘରେ ପଶି ନିର୍ଘାତ ପିଟିଲେ ୧୫ ପୁଲିସ୍

### ମୁଖ୍ୟମନ୍ତ୍ରୀ, ପୁଲିସ ଡିଜିଙ୍କୁ ଚିଠି

### ନିରପେକ୍ଷ ତଦନ୍ତ ସହ କଠୋର୍ କାର୍ଯ୍ୟାନୁଷ୍ଠାନ ଦାବି

■ **ଭୁବନେଶ୍ୱର, ୧।୬ (ସମିସ):** ତାଳଚେର ସଦର ପୁଲିସ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ରାତିଅଧରେ ଶ୍ରୀକାନ୍ତ ଗୋଚ୍ଛାୟତ ନାମକ ଏକ ବ୍ୟକ୍ତିଙ୍କ ଘରେ ୧୫ରୁ ଅଧିକ ପୁଲିସ କର୍ମଚାରୀ ପଶି ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଛି। ପୁଲିସ୍‌ର ଏହି ବର୍ବରତା ବିରୋଧରେ ଶ୍ରୀ ଗୋଚ୍ଛାୟତ କାର୍ଯ୍ୟାନୁଷ୍ଠାନ ଦାବି କରି ମୁଖ୍ୟମନ୍ତ୍ରୀ ଏବଂ ପୁଲିସ ଡିଜିଙ୍କୁ ଚିଠି ଲେଖିଛନ୍ତି।

ଅଭିଯୋଗ ଅନୁଯାୟୀ, ଶନିବାର ରାତି ପ୍ରାୟ ୧ଟାରେ ୧୫ରୁ ଅଧିକ ପୁଲିସ୍ କର୍ମଚାରୀ ଶ୍ରୀ ଗୋଚ୍ଛାୟତଙ୍କ ଘରେ ପଶି ତାଙ୍କ ପରିବାରଲୋକଙ୍କୁ ମାଡ଼ ମାରିଥିଲେ। କାହିଁକି ମାଡ଼ ମାରୁଛି, ସେମାନଙ୍କର ଦୋଷ କ'ଣ ବୋଲି ପରିବାରଲୋକ ପଚାରିବାରୁ ଆମେ ଏନେଇ କିଛି କହିପାରିବୁନି ବୋଲି ମନା କରିଦେଇଥିଲେ। ଏପରିକି, ଉକ୍ତ ପୁଲିସ୍ କର୍ମଚାରୀଙ୍କ ମଧ୍ୟରୁ କେତେଜଣ ମଦ୍ୟପାନ କରିଥିବା ବେଳେ କିଛି କର୍ମଚାରୀ ବିନା ପୋଷାକରେ ଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ଅନ୍ୟାୟପୂର୍ଣ୍ଣ ଆକ୍ରମଣ କାରଣରୁ ଆମ ପରିବାର ଭୟ ଏବଂ ମାନସିକ ଦୁଃସ୍ଥିତି ମଧ୍ୟରେ ଅଛନ୍ତି। ବିଶେଷକରି, ମୋ ବୋଉ ଗତ ୨ବର୍ଷ ଧରି ଅସୁସ୍ଥ ଥିବା ବେଳେ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରୋପଚାର ହୋଇଛି। ବୋଉଙ୍କ ଉପରେ ▶ପୃଷ୍ଠା-୭

ONCE AGAIN HISTORY RECREATED
CHSE RESULTS-2025
348DB003 Mokshya Ranjan Sahoo 572 | 348DB005 Omm Prakash Sahoo 556 | 348DB001 Omm Shree Behera 555 | 348DB009 Shibam Samal 553 | 348DB052 Shradha Suman Dehury 542 | 348DB019 Yashraj Behera 540
Pratyush Behera 539 | Alpha Priyadarshini 538 | Sambit Sagar Rana 537 | Sumit Mahakhud 536 | Goldei Muduli 531 | Bhaleswar Mahanta 530 | Pranam Jena 529 | Dharmendra Pradhan 528 | Sudiptamaya Rout 524 | Yuvaraj Behera 523
Arpita Pradhan 521 | Pinky Sahoo 518 | Sasmita Sahoo 512 | Priyanka P. Mohanty 512 | Satyajit Sahoo 511 | Rakeswar Sahoo 510 | Pradyumna Sahoo 508 | Priyanka Mohapatra 505 | Laxmipriya Gabrayak 503 | Ashutosh Rout 501 | Ranjan Sahoo 501
MEDICAL
Annapurna Parida SCB Med.: 2001 State Rank: 50 | Nilu Tripathy CBSE Med.: 2003 | Pranaya P. Mohanty CBSE Med.: 2004 Rank: 72 | Tapan Tripathy SCB Med.: 2004 Rank: 26 | Jitendra Mishra SCB Med.: 2004 State Rank: 203 | Manas Ranjan Sahoo SCB Med.: 2004 State Rank: 102 | Sandip Lenka MKCG Medical State Rank: 792
Lusi Moharana CBSE Med: 2006 State Rank: 16 | Dayanidhi Prusty MKCG Med: 2007 State Rank: 235 | Chandan Satapathy SCB Med: 2007 State Rank: 135 | Aditya Dehury SCB Med: 2008 State Rank: 232 | Matrina Mohanty SCB Med: 2010 State Rank: 631 | Ipsita Pr. Sahoo SCB Med: 2011 State Rank: 107 | Satyajit Ray Samanta OJEE Med: 2012 State Rank: 79
Sambit Ku. Pradhan SCB Med: 2013 State Rank: 517 | Barnali Bhardwaj NEET-UG: 2013 | Aiswariya Sahoo Medical: 2015 | Pintu Dalei SCB Med: 2015 State Rank: 213 | Debasish Rout Med: 2018 State Rank: 627 | Asutosh Pati Medical: 2020 State Rank: 578 | Swadhin Parida NEET: 2021 All India Rank: 4521
and many more...
+2 SCIENCE-320 & +2 ARTS-128
IIT - JEE
IIT-2020, RANK-3995 Subhrajyoti Nayak | IIT-2007, RANK-2198 Debasish Sahoo | IIT, RANK-180 Deepak Swain
VIDYARTHEE RESIDENTIAL HIGHER SECONDARY SCHOOL
Permanent Recognised by D.H.S.E. (O) & Affiliated to C.H.S.E. (O)
A RESIDENTIAL +2 SCIENCE COLLEGE
Corporate Office : Main Road, Kunjakanta, Dhenkanal
Own Campus : NH-55, Paikadahikore, Dhenkanal, Mob.:9178032178
BANEESHREE ACHIEVEMENTS-2025
308DB048 Abinash Sahoo 554 | 308DB118 Kirti Chandra Bhutia 546 | 308DB137 Debasish Parida 538
VIDYARTHEE ENTRANCE CLASSESS For IIT JEE, NEET, NISER, IISER Starts from 1st week of June-2025
Mob.: 9437146868, 9438533557, 8926255969, 9178032178, 8917627598, 8658443665, 8249280017, 9938417553, 9777181318, 8763896368, 8018322905, 9938771575, 7008793655, 9777120455, 9658583850, 6371042018

Vikash Bargarh
Vikash Higher Educational Institutions
Vikash Institute of Technology:
• MBA (2 Years)
• B.Tech (4 Years) CSE, EEE, Civil, Mech.
Vikash Polytechnic:
• Diploma (3 Years) Civil, CSE, ECE, Mech., Electrical
• Diploma (Working Professionals) Mechanical Engg., Electrical Engg.
Vikash Law School:
• B.A. LL.B (H) 5 Years Int. Law
Vikash School of Business Management:
• BBA / BCA (3 Years)
Vikash Degree College:
• B.A. (Hons.) English, Economics, Education, Political Science, Psychology
• B.Com. (Hons.) Accountancy (Hons.)
• B.Sc. (Hons.) Physics, Chemistry, Math. Botany, Zoology, Comp.Sc.
• M.Sc. (2 Years) Chemistry
• M.Com. (2 Years) Accountancy
• M.A. (2 Years) English
Vikash Nursing College:
• ANM (2 Years),
• GNM (3 Years)
• B.Sc. Nursing (4 Years)
• P.B. B.Sc. Nursing (2 Years)
Vikash College of Paramedical Science:
• DMLT (2 Years)
• DMRT (2 Years)
Vikash Pharmacy College:
"MOVE TOWARDS YOUR DREAM CAREER IN PHARMACY"
• B. PHARM Bachelor in Pharmacy (4 YRS) Eligibility: +2 Science & OJEE Rank
• D. PHARM Diploma in Pharmacy (2 YRS) Eligibility: +2 Science
AWARDED As the Best Higher Educational Institutions in Western Odisha by OTV.
Visit us @ www.odishavikash.com
Email: vheicampus@gmail.com
ADMISSIONS Open for 2025-26
Courses Offered: PG | UG | Diploma
94380 85817 / 82800 08111
70087 81518 / 94393 49333
Vikash Knowledge Hub, Barahaguda, Bargarh
Grooming Talent
Vikash Higher Educational Institutions

ବାଣିଶ୍ରୀ ଟ୍ୟୁଟୋରିଆଲ୍
ଢେଙ୍କାନାଳର ଉଲ୍ଲେଖନୀୟ ସଫଳତା
Admission Open !
2025 RESULTS
308DB048 ABINASH Sahoo 554 10th 496 | 308DB018 KIRTI CH. Bhutia 546 10th 492 | 308DB137 DEBASISH PARIDA 538 | 308DB017 PRITAM SAHOO 536 | 308DB087 RAJESWARI BEHERA 527
308DB081 SUSHIL SAHOO 526 | 308DB013 PRIYARANJAN BEHERA 524 | 308DB085 ARCHITA BISWAL 523 | 308DB061 JUSMANTA SAHOO 521 | 308DB241 SURYA NARAYAN SETHY 518 | 308DB031 LOPAMUDRA SWAIN 506 | 308DB007 SUBHALAXMI NAYAK 503 | 308DB211 SRDHA SAHIL SAHOO 503 | 308DB048 CHIRANJEEVI SAHOO 500
and many more....
FOR ADMISSION CONTACT
BANEESHREE TUTORIAL
+2 SCIENCE INTIGRATED
MAIN ROAD, KUNJAKANTA, DHENKANAL
Mob. 9437146868, 9438533557, 9178775939, 8763896368, 9938417553, 8018322905
93 1st Class Out of 106

## ଭିନ୍ନକ୍ଷମ ଶିଶୁଙ୍କ ପ୍ରୋସ୍ଥେଟିକ୍ ମାପ ଶିବିର

କେନ୍ଦ୍ରାପଡ଼ା,୧।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘବର୍ଷ ଧରି ବୌଦ୍ଧିକ ଭିନ୍ନକ୍ଷମ ଶିଶୁଙ୍କୁ ଥେରାପି ସେବା ପ୍ରଦାନ କରିଆସୁଥିବା ପୁନର୍ବାସ ଅନୁଷ୍ଠାନ, ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ପ୍ରୋସ୍ଥେଟିକ୍ ମାପ ଶିବିର ଅନୁଷ୍ଠିତ ହୋଇଯାଇଛି। ମାଧପୁରସ୍ଥ ଥେରାପି କେନ୍ଦ୍ରରେ ଆୟୋଜିତ ଏହି ଶିବିରରେ ୧୦ ଜଣ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ଶିଶୁଙ୍କ ଗୋଡ଼ ଓ ହାତ ନିମନ୍ତେ ପ୍ରୋସ୍ଥେଟିକ୍ ସହାୟକ ଉପକରଣର ମାପ ନିର୍ଦ୍ଧାରଣ କରାଯାଇଥିଲା। ବରିଷ୍ଠ ଥେରାପିଷ୍ଟ ଗିରିଜା ଶଙ୍କର ଖୁଣ୍ଟିଆ, ରଶ୍ମୀବାଳା ବେହେରା ଓ ଟେକ୍ନିକାଲ୍ ସହାୟକ ଶ୍ୟାମସୁନ୍ଦର ଷଡ଼ଙ୍ଗୀ ଏହି ସ୍ୱତନ୍ତ୍ର ଶିଶୁଙ୍କ ମାପ ନିର୍ଣ୍ଣୟ କରିଥିଲେ।



କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରାକ୍ତନ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ଓ ସହସମ୍ପାଦକ ବଂଶୀଧର ମହାନ୍ତି ଯୋଗଦେଇ ସ୍ୱତନ୍ତ୍ର ଶିଶୁଙ୍କ ଅଭିଭାବକ ଓ ଭୁବନେଶ୍ୱରରୁ ଆସିଥିବା ପ୍ରୋସ୍ଥେଟିକ୍ ଟିମ୍ ସହ ଆଲୋଚନା କରିଥିଲେ। ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଆମେରିକାସ୍ଥ ଆଲାସ୍କା ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଦେବେନ୍ଦ୍ର ଦାସ ସ୍ୱତନ୍ତ୍ର ଶିଶୁଙ୍କ ଏହି ପ୍ରୋସ୍ଥେଟିକ୍ ଉପକରଣ ସହାୟକ ନିମନ୍ତେ ସହାୟତା ପ୍ରଦାନ କରିଛନ୍ତି। ଶିବିରକୁ ପୁନର୍ବାସର ଫିଜିଓଥେରାପିଷ୍ଟ ରଚିତା ଜେନା, ଅନୁଷ୍ଠାନର ସଭ୍ୟ ମହମ୍ମଦ ଜାହିଦ୍ ଖାନ୍, ରଞ୍ଜନ ସ୍ୱାଇଁ, ଗାୟତ୍ରୀ ପୃଷ୍ଟି, ଦୀପକ ସାହୁ ଓ ଟ୍ରଷ୍ଟର ପ୍ରତିନିଧି ଭୁବନମୋହନ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଚଳିତ ମାସରେ ମାପ ନିର୍ଦ୍ଧାରିତ ହୋଇଥିବା ଶିଶୁଙ୍କୁ ପ୍ରୋସ୍ଥେଟିକ୍ ଉପକରଣ ପ୍ରଦାନ କରାଯିବ ବୋଲି ପୁନର୍ବାସର ଉପସଭାପତି ଜ୍ୟୋତିରଞ୍ଜନ ନାୟକ ପ୍ରକାଶ କରିଛନ୍ତି।

## ଜ୍ଞାନଜ୍ୟୋତି ଆର୍ଟ୍ସ ପଏଣ୍ଟର ପ୍ରତିଭା ସମ୍ମାନ ସମାରୋହ

ମାର୍ଶାଘାଇ,୧।୬(ସମିସ):ମାର୍ଶାଘାଇ ତହସିଲ ରୋଡସ୍ଥ ଜ୍ଞାନଜ୍ୟୋତି ଆର୍ଟ୍ସ ପଏଣ୍ଟର ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ସୁକାନ୍ତ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଦି ରୟାଲ ଗାଇଡ୍‌ର



ଚେୟାରମ୍ୟାନ ଇଂ ଚିତ୍ତରଞ୍ଜନ ରଥ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅରଜିତ୍ ମହାନ୍ତି, ବରିଷ୍ଠ ଶିକ୍ଷକ ଲକ୍ଷ୍ମୀଧର ଲେଙ୍କା, ବିଭୂତି ଭୂଷଣ ଦାସ, ମାର୍ଶାଘାଇ ସମବାୟ ସମିତି ସମ୍ପାଦକ ଗୋବର୍ଦ୍ଧନ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ନିଷ୍ଠା, ଏକାଗ୍ରତା, ଅଧ୍ୟବସାୟ, ଆତ୍ମବିଶ୍ୱାସ ଓ ଶିକ୍ଷକଙ୍କ ମାର୍ଗଦର୍ଶନରେ ଜ୍ଞାନଜ୍ୟୋତି ଶତପ୍ରତିଶତ ସଫଳତା ହାସଲ କରିଛି। ଛାତ୍ରୀ ସଚିପ୍ରଜ୍ଞା ପ୍ରିୟଦର୍ଶିନୀ ପରିଡ଼ା ୫୨୬ ନମ୍ବର ରଖି ମାର୍ଶାଘାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ କଳା ବିଭାଗରେ ଟପ୍ପର ହୋଇଥିବାରୁ ମୁଖ୍ୟଅତିଥି ଶ୍ରୀ ରଥ ସମ୍ବର୍ଦ୍ଧିତ କରିଥିଲେ। ଜ୍ଞାନଜ୍ୟୋତି ଆର୍ଟ୍ସ ପଏଣ୍ଟ ପରିଚାଳନା ନିର୍ଦ୍ଦେଶକ ଅଧ୍ୟାପକ ଧୀରେନ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରତିଷ୍ଠାନର ୬୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୫ ଜଣ, ଦ୍ୱିତୀୟରେ ୧୫, ତୃତୀୟରେ ୧୭ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିଲେ। ଛାତ୍ର ଆଦର୍ଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଆଳି,୧।୬(ସମିସ): ଜଣେ ଶିକ୍ଷକ ହେଉ କିମ୍ବା ଜଣେ ଶିକ୍ଷା ଅଧିକାରୀ ହୁଅନ୍ତି, କେବେ ସେମାନଙ୍କର ଅବସର ନ ଥାଏ। ପରୋକ୍ଷରେ ହେଉ କି ପ୍ରତ୍ୟକ୍ଷରେ ହେଉ ସେମାନେ ଶିକ୍ଷା ସହିତ ସବୁବେଳେ ଜଡ଼ିତ ରହିଥା'ନ୍ତି ବୋଲି ଆଜି ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ଦେମାଳସ୍ଥ ଆଳି ବ୍ଲକ୍ ଶିକ୍ଷା ଅଫିସରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଆଳି ବ୍ଲକ୍‌ର ସମସ୍ତ ସିଆରସିସି ଓ ବିଆରସିସିଙ୍କ ଦ୍ୱାରା ଆୟୋଜିତ ଏହି ସଭାରେ ଆଳି ବ୍ଲକ ଓ ରାଜକନିକା ବ୍ଲକ ଶିକ୍ଷା ଯୁଗ୍ମ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ବ୍ଲକ୍ ଶିକ୍ଷାଧିକାରୀ ନଳିନୀ ରଞ୍ଜନ ରାଉତରାୟ ଓ ମୁଖ୍ୟ କିରାଣି ବିଧାନ ଚନ୍ଦ୍ର ପରିଡ଼ାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ସହିତ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତି ଫଟୋ ଚିତ୍ର ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉଭୟ ଅଧିକାରୀ ନିଜ କାର୍ଯ୍ୟ କାଳରେ ନିଜର ସମୟାନୁବର୍ତ୍ତିତା, ସହଯୋଗୀଙ୍କ ସହ ମେଳାପୀ ଓ କାର୍ଯ୍ୟଦକ୍ଷତାରେ ବେଶ ପାରଙ୍ଗମ ବୋଲି ସମ୍ବର୍ଦ୍ଧିତ ସଭାରେ ଆଲୋଚନା ହୋଇଥିଲେ। ଏହି ସଭାରେ ପୂର୍ବତନ ବିଆରସିସି ଉଦକର ସାମଲ, ଏବିଇଓ ଓ ବିଆରସିସି ଜ୍ୟୋତି ପୁଷ୍ପା ମହାନ୍ତିଙ୍କ ସହ ଆଳି ବ୍ଲକ ସିଆରସିସି ହଳଧର ସାହୁ, ନିରଞ୍ଜନ ଜେନା, ଅନୀଲ କୁମାର ନନ୍ଦ , ପ୍ରିୟରଞ୍ଜନ ରାଉତରାୟ, ପ୍ରିୟବ୍ରତ ସଞ୍ଜୟ କୁମାର ମହାଲିକ, ଭାଗ୍ୟବତୀ ସାହୁ, ଲକ୍ଷ୍ମୀପ୍ରିୟା ମଥାନ, ପ୍ରକାଶ ପାତ୍ର, ବିକ୍ରମ କେଶରୀ ସାମଲ, ସୁନୀଲ ସାହୁଙ୍କ ସମେତ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା, ଶିକ୍ଷା କାର୍ଯ୍ୟାଳୟର ସମସ୍ତ ସହଯୋଗୀ କର୍ମକର୍ତ୍ତାଙ୍କ ସହ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

**ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନା**

# ବିଭିନ୍ନ ବିଭାଗର ବିଶେଷଜ୍ଞ ପଦବୀ ଖାଲି, ରୋଗୀସେବା ବ୍ୟାହତ

ପଟ୍ଟାମୁଣ୍ଡାଇ,୧।୬(ସମିସ):




ଭୌଗୋଳିକ ଦୃଷ୍ଟିକୋଣରୁ କେନ୍ଦ୍ରାପଡ଼ା, ଆଳି, ରାଜକନିକା, ରାଜନଗର ଓ ମହାକାଳପଡ଼ା ବ୍ଲକ୍‌ର କେନ୍ଦ୍ରସ୍ଥଳରେ ଅବସ୍ଥିତ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନା। ଏହି ଡାକ୍ତରଖାନାରେ ବିଭିନ୍ନ ବିଭାଗରେ ବିଶେଷଜ୍ଞ ପଦବୀ ବର୍ଷ ବର୍ଷ ଧରି ଖାଲିପଡ଼ିଛି। ଫଳରେ ରୋଗୀ ସେବା ବ୍ୟାହତ ହେବା ସହ ଉତ୍ତମ ସ୍ୱାସ୍ଥ୍ୟ ସେବା ନ ପାଇ ରୋଗୀ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଓ କଟକ ବଡ ଡାକ୍ତରଖାନାକୁ ଯିବାକୁ ବାଧ ହେଉଛନ୍ତି। ଏହି ଡାକ୍ତରଖାନାରେ ଭେଷଜ, ଶିଶୁ ରୋଗ, ଅସ୍ଥିଶଲ୍ୟ, ଚକ୍ଷୁରୋଗ ବିଶେଷଜ୍ଞ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡିଛି। ଦୀର୍ଘଦିନର ଦାବି ପରେ କେବଳ ପ୍ରସୂତି ବିଭାଗରେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଦନ୍ତ ବିଭାଗରେ ଦୁଇଜଣଙ୍କ ସ୍ଥାନରେ ମାତ୍ର ଜଣେ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି। କିନ୍ତୁ ଏହି ବିଭାଗରେ ଏକ୍ସରେ ମେସିନ, ରୁଟ କେନାଲ ମେସିନ ନ ଥିବାରୁ ଗୁରୁତ୍ୱପୂର୍ଣ୍ଣ ଅପରେସନ ପାଇଁ ରୋଗୀଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦିଆଯାଉଛି।

ପଟ୍ଟାମୁଣ୍ଡାଇ ସହରର କେନ୍ଦ୍ରସ୍ଥଳରେ ଜମିଦାର ଅମଳରୁ ଚାଲିଆସୁଥିବା ସର୍ବପୁରାତନ ଦାତବ୍ୟ ଚିକିତ୍ସାଳୟକୁ ସ୍ୱାଧୀନତା ପରେ ରାଜ୍ୟ ସରକାର ପଟ୍ଟାମୁଣ୍ଡାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନାମରେ ନାମିତ କରିଥିବାବେଳେ ପରେ ଉନ୍ନିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରି ପୁରାତନ ଦାତବ୍ୟ ଚିକିତ୍ସାଳୟ ଗୃହ ସ୍ଥାନରେ ନୂତନ ଡାକ୍ତରଖାନାର ଭିତ୍ତିଭୂମି ସ୍ଥାପନ କରିଥିଲେ। ଡାକ୍ତରଖାନାର ଶଯ୍ୟା ବୃଦ୍ଧି କରି ୩୦ଶଯ୍ୟାରେ ପରିଣତ କରିଥିଲେ। ଚିକିତ୍ସା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ତତ୍କାଳୀନ ରାଜ୍ୟ ସରକାର ବ୍ୟାପକ ଡାକ୍ତର ଓ କର୍ମଚାରୀଙ୍କ ନିଯୁକ୍ତି ସହିତ ଉନ୍ନତମାନର ଯନ୍ତ୍ରପାତି ଯୋଗାଇ ଦେବା ସଙ୍ଗେ ସଙ୍ଗେ ପରୀକ୍ଷାଗାର (ପ୍ୟାଥୋଲ୍ୟାବ) ପ୍ରତିଷ୍ଠା କରିଥିଲେ। ଏଠାରେ ଶିଶୁ ରୋଗ, ସ୍ତ୍ରୀରୋଗ, ଅସ୍ଥିଶଲ୍ୟ, ଭେଷଜ, ସର୍ଜିକାଲ ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି


**ଭେଷଜ, ଶିଶୁ ରୋଗ, ଅସ୍ଥିଶଲ୍ୟ, ଚକ୍ଷୁରୋଗ, ସର୍ଜିକାଲ ବିଶେଷଜ୍ଞ ପଦବୀରେ ନାହାନ୍ତି ଡାକ୍ତର**

ଦିଆଯାଇଥିଲା। ତେବେ ଏଠାରେ ନିର୍ମାଣ ହେବାକୁ ଥିବା ୧୨ ଶଯ୍ୟା ବିଶିଷ୍ଟ ଚକ୍ଷୁ ଡାକ୍ତରଖାନା ରାଜନୈତିକ ଇଚ୍ଛା ଶକ୍ତି ଅଭାବରୁ ଏଠାରେ ସ୍ଥାପନ ହୋଇପାରି ନ ଥିଲା। ପରବର୍ତ୍ତୀ ସମୟରେ ଚିକିତ୍ସା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ରାଜ୍ୟରେ କ୍ଷମତାସୀନ ବିଭିନ୍ନ ସରକାର ଅବଶ୍ୟ ଉଦ୍ୟମ କରିଛନ୍ତି।

ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୈନିକ ହଜାର ହଜାର ଲୋକ ନିର୍ଭର କରନ୍ତି। ଏକ ପରିସଂଖ୍ୟାନରୁ ଜଣାପଡିଛି ଯେ, କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ଦୈନିକ ବହିର୍ବିଭାଗ ରୋଗୀ ଉପସ୍ଥାନଠାରୁ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ରର ବହିର୍ବିଭାଗ ରୋଗୀ ଉପସ୍ଥାନ ସଂଖ୍ୟା ଅଧିକ। ସ୍ୱାସ୍ଥ୍ୟଗତ ଆବଶ୍ୟକତା ଓ ସମସ୍ୟାର ସମାଧାନକୁ ଆଖିରେ ୨୦୧୯ ରେ ତତ୍କାଳୀନ ବିଜେଡି ସରକାର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାକୁ ଉଚ୍ଛେଦ କରି ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ର ସହ ମିଶାଇ ଦେଇଥିଲେ। ସେଠାରେ ନଭଶ୍ଚୁମ୍ବି ମାତୃ ଓ ଶିଶୁ ସୌଧର ଅଟାଳିକା ନିର୍ମାଣ କରାଗଲା। ତେବେ ମାତୃ ଓ ଶିଶୁ ସୌଧ ଗର୍ଭବତୀ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟଗତ ସମାଧାନର ସହାୟକ ହୋଇପାରିଲାନାହିଁ। ବିଶେଷଜ୍ଞ ପଦବୀ ଓ କର୍ମଚାରୀ ନିଯୁକ୍ତ ନ ହେବାରୁ ରୋଗୀ ସେବାରେ ଲାଗିପାରିଲାନାହିଁ। ଗୋଟିଏ ପଟେ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକାରୀ ରହିଥିବାବେଳେ ଆଉଗୋଟେ ପଟେ ଏହାକୁ ରୂପାନ୍ତରଣ କରାଯାଇ ଉପଖଣ୍ଡସ୍ତରୀୟ (ସବଡିଭିଜନ) ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରାଗଲା ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ୧୨।୨।୨୦୧୯ ରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ନୂତନ ସବଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦଘାଟନ କରିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅସଲ ସମସ୍ୟା ହେଉଛି ବିଶେଷଜ୍ଞ ପଦବୀ ଖାଲି। ପ୍ରଥମତଃ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ପବ୍ଲିକ ହେଲ୍‌ଥ ଅଫିସର ପଦବୀ ଖାଲିପଡିଛି। ଗୁରୁତ୍ୱପୂର୍ଣ୍ଣ ଭେଷଜ, ସର୍ଜିକାଲ, ଶିଶୁରୋଗ ବିଶେଷଜ୍ଞ ପଦବୀ ସବଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ର ଘୋଷଣା ପରଠାରୁ ଅଦ୍ୟାବଧି ପୂରଣ ହୋଇପାରିନାହିଁ। ୩୯ରୁ ଊର୍ଦ୍ଧ୍ୱ ଆସିଷ୍ଟାଣ୍ଟ ସର୍ଜନଙ୍କ ପଦବୀ ଖାଲିରହିଛି। ତେବେ ସବଡିଭିଜନ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ ଜଣ ଆସିଷ୍ଟାଣ୍ଟ ସର୍ଜନ କାର୍ଯ୍ୟରତ ଅଛନ୍ତି। ଚକ୍ଷୁ ବିଭାଗରେ କେହି ଡାକ୍ତର ନ ଥିବା ଜଣାପଡିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଲାବ୍ରୋଟୋରୀ ଟେକ୍ନିସିଆନ ପଦବୀ ୪ଟି ଥିବାବେଳେ ଗୋଟିଏ ଖାଲିପଡିଛି। ନର୍ସିଂ ଅଫିସରଙ୍କ ପଦବୀ ୨୧ଟି ଥିବାବେଳେ ଗୋଟିଏ ଖାଲି ପଡିଥିବାବେଳେ ୩ଟି ଫାର୍ମାସିଷ୍ଟ ପଦବୀରୁ ଗୋଟିଏ ଖାଲି ପଡିଛି।

ସେହିପରି ୩ଟି ସୁଇପର ପଦବୀରୁ ୨ଟି ଖାଲିପଡିଥିବା ଜଣାପଡିଛି। ଲିଭ ଟ୍ରେନିଂ ରିସର୍ଭ ମେଡ଼ିକାଲ ଅଫିସର ପଦବୀ ୫୮ଟି ଥିବାବେଳେ ୪୯ଟି ଖାଲି। ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଅଣ୍ଡରା, ଅଳପୁଆ, ତୁଳସିଡିଆ, ବଡପଡ଼ା, ସାନଜରିଆ ଓ ଚନ୍ଦନନଗର ୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନିୟୁ)ରେ ୬ ଜଣ ଡାକ୍ତରଙ୍କ ସ୍ଥାନରେ ୫ ଜଣ ଥିବାବେଳେ ଜଣେ ଆସିଷ୍ଟାଣ୍ଟ ସର୍ଜନଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଛି। ସମସ୍ତ ସୁଯୋଗ ଓ ସୁବିଧା ଥାଇ ମଧ୍ୟ ଡାକ୍ତର ଓ କର୍ମଚାରୀ ଅଭାବରୁ ସାମାନ୍ୟ ରୋଗରେ ମଧ କେନ୍ଦ୍ରାପଡ଼ା ଓ କଟକ ଯିବାକୁ ପଡୁଛି ରୋଗୀଙ୍କୁ। ହାତ ପାହନ୍ତାରେ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନର ଭିତ୍ତିଭୂମି ବିକାଶ ହୋଇ ମଧ କେନ୍ଦ୍ରାପଡ଼ା ଓ କଟକ ସ୍ଥାନାନ୍ତର ହେଉଥିବା ଗରିବ ରୋଗୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ଜଟିଳ ରୋଗର ନିରୂପଣ ପାଇଁ ଉନ୍ନତମାନର ଯନ୍ତ୍ରପାତି ଯୋଗାଇ ଦେବା ସଙ୍ଗେ ସଙ୍ଗେ ଖାଲିପଡିଥିବା ସମସ୍ତ ବିଶେଷଜ୍ଞ ପଦବୀ ଓ କର୍ମଚାରୀ ପଦବୀରେ ତୁରନ୍ତ ନିଯୁକ୍ତି ଦିଆଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଗୋରୁ ବୋଝେଇ ଗାଡ଼ି ଜବତ



ଆଳି,୧।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ଏଚପି ପେଟ୍ରୋଲ ପମ୍ପ୍ ନିକଟରେ ଏକ ଗୋରୁ ବୋଝେଇ ପିକ୍ଅପ ଭ୍ୟାନକୁ ଆଳି ଧର୍ମରକ୍ଷା ସେନା କର୍ମକର୍ତ୍ତାଙ୍କ ସହଯୋଗରେ ଆଳି ପୁଲିସ ଜବତ କରିଛି। ଗାଡ଼ିରେ ୬ଟି ଗାଈ ଥିବାବେଳେ ଗାଡ଼ିଟି ଆଳିରୁ ଭଦ୍ରକ ଅଭିମୁଖେ ଯାଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ଧର୍ମରକ୍ଷା ସେନା ସଦସ୍ୟ ଏହି ଗାଡ଼ି ରାସ୍ତାରେ ଯାଉଥିବା ସମୟରେ ପେଟ୍ରୋଲ ପମ୍ପ୍ ନିକଟରେ ଅଟକାଇବା ପରେ ପୁଲିସ ପହଞ୍ଚି ଗୋରୁ ବୋଝେଇ ଗାଡ଼ିକୁ ଜବତ କରି ରାଜନଗର ରାମଚନ୍ଦ୍ରପୁର ଘଡିଆମାଳସ୍ଥ କାମଧେନୁ ଗୋଶାଳା ନେଇଥିବା ଜଣାପଡ଼ିଛି। ଏହି ସମୟରେ ଦୁର୍ବୃତ୍ତମାନେ ଗୋରୁ ଗାଡ଼ି ଅଟକାଉଥିବା ଯୁବକଙ୍କ ଆଡକୁ ଗାଡ଼ି ମଡ଼ାଇ ଆଣିବା ସହ ବାଇକ୍ ଉପରେ ପିକଅପକୁ ଚଢ଼ାଇ ଦେଇଥିଲେ। ପରେ ଗୋରୁ ବୋଝେଇ ଗାଡ଼ିକୁ ନେଇ ଯାଉଥିବା ତଥା ସୁରକ୍ଷା ଦେଇଥିବା ଯୁବକ ଓ ଡ୍ରାଇଭର ଧର୍ମରକ୍ଷା ସେନା ସଦସ୍ୟଙ୍କୁ ଦେଖି ଚମ୍ପଟ ମାରିଥିଲେ। ଗତ ମାସରେ ଦୁଇ ଥରରେ ଦୁଇଟି ବଡ଼ କଣ୍ଟେନରରେ ୩୩ଟି ଗୋରୁ ଚୋରା ଚାଲାଣ ସମୟରେ ଜବତ ହୋଇଥିବାବେଳେ ଆଜି ତୃତୀୟ ଥରରେ ୬ଟି ଗାଈ ଚୋରା ଚାଲାଣବେଳେ ଜବତ ହୋଇଛନ୍ତି। ଆଳି ପୁଲିସର ଏକ ଟିମ ଗୋରୁଗୁଡିକୁ ରାଜନଗର କାମଧେନୁ ଗୋଶାଳାରେ ଛାଡ଼ି ଗାଡ଼ିକୁ ଜବତ କରି ଥାନାରେ ରଖି ତଦନ୍ତ ଚଳାଇଥିବା ଆଳି ଥାନା ଅଧିକାରୀ ଜଣାଇଛନ୍ତି।

## ବିଶ୍ୱନାଥଙ୍କ ପୀଠରେ ଦେବ ବିବାହ



କୁଜଙ୍ଗ,୧।୬(ସମିସ): କୁଜଙ୍ଗ ବ୍ଲକ୍ ଅଗପାଳ ପଞ୍ଚାୟତର ବାଘୁଆଠେଙ୍ଗସ୍ଥ ପ୍ରମୁଖ ଶୈବ ପୀଠ ବାବା ବିଶ୍ୱନାଥଙ୍କ ପୀଠରେ ଶିବ ବିବାହ ଅନୁଷ୍ଠିତ ହୋଇଯାଇଛି। ବାଘୁଆଠେଙ୍ଗର ନାଗରାଜ ଷଡ଼ଙ୍ଗୀ ବରପିତା ହୋଇଥିବାବେଳେ କନ୍ୟା ପିତା ମାଗୁ ଚରଣ ଦାଶ କାର୍ଯ୍ୟ ସମ୍ପାଦନ କରିଥିଲେ। ବିଶ୍ୱନାଥ ଟ୍ରଷ୍ଟ ବୋର୍ଡ ପଥୁରିଆ ଆଗପାଳ ମ୍ୟାନେଜିଂ ଟ୍ରଷ୍ଟି ଡଃ ଶରତ ଚନ୍ଦ୍ର ମହାପାତ୍ର, ସଦସ୍ୟ ପଦ୍ମନାଭ ଶତପଥୀ, ସରୋଜ ମହାନ୍ତି, ଅନନ୍ତ ଦାଶ, ବିଜୟ ରାୟ, ତୋଫାନ ମହାପାତ୍ର, ତପନ ମହାନ୍ତି, ଗୋପବନ୍ଧୁ ଷଡ଼ଙ୍ଗୀ, ରମେଶ ପାତ୍ର, ରଞ୍ଜିତ ନାଥ, ସୁରେନ୍ଦ୍ର ଶତପଥୀ, ନିବାରଣ ମହାରଣା, ସନ୍ତୋଷ ସାହୁ ଓ ରମେଶ ମହାପାତ୍ର ପ୍ରମୁଖ ଏହି ଦେବ ବିବାହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥଲେ। ଘଣ୍ଟ ଘଣ୍ଟା, ମୃଦଙ୍ଗ ଓ ଆତସବାଜିରେ ବାବା ବିଶ୍ୱନାଥଙ୍କ ଶୋଭାଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା।

## ଅମରେଶ୍ୱରଙ୍କ ବାର୍ଷିକ ଉତ୍ସବ ଓ ହରପାର୍ବତୀଙ୍କ ବିବାହ



କେନ୍ଦ୍ରାପଡା,୧।୬(ସମିସ): ଗୋପସ୍ଥ ଅମରେଶ୍ୱର ପୀଠରେ ଅମରେଶ୍ୱର ଉନ୍ନୟନ ପରିଷଦ ପକ୍ଷରୁ ଅମରେଶ୍ୱରଙ୍କ ପଞ୍ଚଦଶ ବାର୍ଷିକ ଉତ୍ସବ ଓ ଶୀତଳ ଷଷ୍ଠୀ ଉତ୍ସବ ରବିବାର ସମ୍ପନ୍ନ ହୋଇଛି। ଏ ଉପଲକ୍ଷେ ଗୁରୁବାର ସନ୍ଧ୍ୟାରେ ଅଙ୍କୁରାରୋପଣ କରାଯିବା ପରେ ଶୁକ୍ରବାର ସକାଳେ କଳସ ଜଳଯାତ୍ରା ସହିତ ଅଗ୍ନିସ୍ଥାପନ ପରେ ରୁଦ୍ରାଭିଷେକ, ହୋମଯଜ୍ଞ, ଚଣ୍ଡିପାଠ କରାଯାଇଥିଲା। ସେହିପରି ଶନିବାର କରାଯାଇ ଅଗ୍ନି ସ୍ଥାପନ ପୂର୍ବକ ରୁଦ୍ରାଭିଷେକ, ହୋମଯଜ୍ଞ ଓ ଚଣ୍ଡିପାଠ କରାଯିବା ପରେ ହର-ପାର୍ବତୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରବିବାର ରୁଦ୍ରାଭିଷେକ, ହୋମଯଜ୍ଞ,ଚଣ୍ଡିପାଠ ଓ ପୂର୍ଣ୍ଣାହୁତି କରାଯିବା ପରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତୀମାକୁ ବେଦୀ ଉପରେ ଉପବିଷ୍ଟ କରାଯାଇ ରୀତିନୀତି ଅନୁଯାୟୀ ବିବାହ ଉତ୍ସବ ସମ୍ପନ୍ନ କରାଯାଇଥିଲା। ଏହି ବିବାହ ଉତ୍ସବକୁ ବହୁ ଭକ୍ତ ଶ୍ରଦ୍ଧାର ସହିତ ଉପଭୋଗ କରିଥିଲେ। ଅମରେଶ୍ୱରଙ୍କ ପିତା ଭାବେ ମୁଖ୍ୟ ସେବକ ସୁଧାଂଶୁ ପଣ୍ଡା ଓ ପାର୍ବତୀଙ୍କ ପିତା ଭାବେ ପୂର୍ବତନ ପୌର ପରିଷଦ ସଭ୍ୟ ଦେବେନ୍ଦ୍ର ରାଉତ ବିବାହ ସମ୍ପନ୍ନ କରିଥିଲେ। ପରେ ଅପରାହ୍ନ ୪ଟାରେ ସୁସଜ୍ଜିତ ବୃଷଭ ବିମାନ ଉପରେ ଉପବିଷ୍ଟ କରାଯାଇ ଶିବପାର୍ବତୀ ବରଯାତ୍ରୀଙ୍କ ସହିତ ନଗର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ବାଜାବାଣ ସହିତ ହଜାର ହଜାର ଶ୍ରଦ୍ଧାଳୁ ସହର ମଧ୍ୟରେ ହରପାର୍ବତୀଙ୍କୁ ବିଦାୟ ଦେବା ସହିତ ହରିବୋଲ ହୁଳହୁଳି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ କରିଥିଲେ। ଗୋପରୁ ଶୋଭାଯାତ୍ରା ବାହାରି ସାନମଙ୍ଗଳା, କେଶପୁର, ନସଡିପୁର, ମିରପାଟଣା, କାକଟ, ବଡ଼ହାଟ, ପୁରୁଣା ବସ୍‌ଷ୍ଟାଣ୍ଡ, ମଢିଆଳ, ବଳଗଣ୍ଡି, ସାନ୍ତସାହି, ବଡମଙ୍ଗଳା ଦେଇ ବଳଦେବଜୀଉ ମନ୍ଦିର ପରିକ୍ରମା କରିଥିଲେ। ପରେ ଭେଟଭାଟ ହେବା ପରେ ଗୋପ ମନ୍ଦିରକୁ ଫେରିଥିଲେ। ଏହି କାର୍ଯ୍ୟକ୍ରମକୁ ଅମରେଶ୍ୱର ଶୀତଳ ଷଷ୍ଠୀ କମିଟିର ମହେନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ନାୟକ, ମହେନ୍ଦ୍ର ରାଉତ, ପୌରସଭ୍ୟ ନିରାକାର ସ୍ୱାଇଁ, ସାମ୍ବାଦିକ ପରେଶ ଦାସ, ଆଇନଜୀବୀ ପ୍ରକାଶ ସାମଲ, ସେବକ ହିମାଂଶୁ ପଣ୍ଡା, ଶୁଭ୍ରାଂଶୁ ଜେନା, ସୁକୁମାର ଚାନ୍ଦ, ଗୁନା ମଲ୍ଲିକ, ବୁନା ବରାଳ ପ୍ରମୁଖ ପରିଚାଳନା କରିଥିଲେ।

## କଂଗ୍ରେସର ମିଶ୍ରଣ ପର୍ବ



ଆଳି,୧।୬(ସମିସ): ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଭୂଇଁପୁର ପଞ୍ଚାୟତରେ କଂଗ୍ରେସର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସର ବରିଷ୍ଠ ନେତା ବିଜୟ ମହାକୁଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆଳି ନିର୍ବାଚନମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥିନୀ ଡା. ଦେବସ୍ମିତା ଶର୍ମା, ବ୍ଲକ ପୂର୍ବତନ ସଭାପତି ପର୍ଶୁରାମ ରାଉତରାୟ, ଆଳି ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ଦର୍ପନାରାୟଣ ସାହୁ, ମାନଗୋବିନ୍ଦ ଦାସ, ଅଜୟ କୁମାର ଜେନା, ଶ୍ରୀବତ୍ସ ମଲିକ, ଜଗନ୍ନାଥ ସେଠୀ ଯୋଗ ଦେଇଥିଲେ। ଅନ୍ୟ ଦଳ ଛାଡ଼ି ଆସିଥିବା ମନୋଜ କୁମାର ବେହେରା, ସୁଶାନ୍ତ କୁମାର ସାହୁ, ସୁଧୀର କୁମାର ସାମଲ, ବିରଞ୍ଚି ବେହେରା, ସୁରେନ୍ଦ୍ର ପ୍ରଧାନ, ପାଣ୍ଡବ ବିଶ୍ୱାଳ, ଶ୍ରୀଧର ସାମଲ, ସୁଶାନ୍ତ ସାହୁ ପ୍ରମୁଖଙ୍କ ସହ ୨୦ରୁ ଊର୍ଦ୍ଧ୍ୱ ପରିବାରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଡା ଦେବସ୍ମିତା ଶର୍ମା ଦଳରେ ବିଧିବଦ୍ଧ ଭାବେ ସାମିଲ କରିଥିଲେ।

# ଗର୍ତ୍ତେଶ୍ୱର ଶୈବ ପୀଠରେ ସରିଲା ଶିବ ବିବାହ

ରାଜନଗର, ୧।୬(ସମିସ):



ରାଜନଗର ବ୍ଲକ ଗୋସିଗାଁସ୍ଥ ଉପକୂଳ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଗର୍ତ୍ତେଶ୍ୱର ମହାଦେବଙ୍କ ପୀଠରେ ପବିତ୍ର ଶୀତଳଷଷ୍ଠୀ ଉତ୍ସବ ଗତକାଲି ବିଳମ୍ବିତ ରାତ୍ରୀରେ ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଚାଲିଥିବା ଏହି ପବିତ୍ର ଉତ୍ସବରେ କଳସ ଯାତ୍ରା, ସହସ୍ର କୁମ୍ଭାଭିଷେକ, ଗୀତା ଯଜ୍ଞ, ସୂର୍ଯ୍ୟପୂଜା, ଗୋମାତା ପୂଜା, ଶ୍ରୀମଦ ଗୀତାଯଜ୍ଞ ପରେ ବେଦମନ୍ତ୍ରରେ ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା। ଉପକୂଳର ଅନ୍ୟତମ ଆରାଧ ଦେବତା ଗର୍ତ୍ତେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତୀମାକୁ ସୁସଜ୍ଜିତ ପୁଷ୍ପକ ବିମାନରେ ଶ୍ରଦ୍ଧାଳୁ ଶଙ୍ଖଧ୍ୱନି, ହରିନାମ ସଂକୀର୍ତ୍ତନ ମଧ୍ୟରେ ପାଛୋଟି ନେଇଥିଲେ। ରାଜପୁର ପଞ୍ଚାୟତ ବାଲିଚନ୍ଦ୍ରପୁର ଗ୍ରାମର ବରପିତା ଅମର ରାଉତଙ୍କ ଘରେ ସକାଳେ ସଂକୀର୍ତ୍ତନ ମଧ୍ୟରେ ମହାଦେବଙ୍କ ପ୍ରତୀମା ସେଠାରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନଗର ପଞ୍ଚାୟତ ଗୁପ୍ତିରା ଗାଁର କନ୍ୟାପିତା ସାରଦା ନାୟକଙ୍କ ଘରକୁ ମା' ଆଦିଶକ୍ତିଙ୍କ ପ୍ରତୀମାକୁ ସୁସଜ୍ଜିତ ବିମାନରେ ଶୈବ ପୀଠରୁ ନିଆଯାଇ ସ୍ଥାପନ କରାଯାଇଥିଲା। ଶୈବ ପରମ୍ପରା ଅନୁଯାୟୀ କନ୍ୟାପିତାଙ୍କ ଘରୁ ବର ନିମନ୍ତ୍ରଣ ଯିବାପରେ ବରପିତା ଅମର ରାଉତଙ୍କ ଘରୁ ପୂର୍ବରୁ ସ୍ଥାପିତ ହୋଇଥିବା ଗର୍ତ୍ତେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତୀମାକୁ ପାଲିଙ୍କିରେ ବସାଯାଇ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଭାଟପଡ଼ା, ନୁରୁଗାଁ, ମଦନପୁର, ସଂସାରଫଳ, ଚନ୍ଦନଗର ପ୍ରଭୃତି ଗ୍ରାମ ପରିକ୍ରମା କରି କନ୍ୟାପିତା ସାରଦା ପ୍ରସାଦ ରାଉତଙ୍କ ଘରକୁ ନିଆଯାଇଥିଲା। ସେଠାରୁ ମା' ଆଦିଶକ୍ତିଙ୍କୁ ଧରି ମନ୍ଦିରରେ ପହଞ୍ଚିଥିଲେ। ଏହି ବିବାହ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଦେବ ଦମ୍ପତିଙ୍କ ବିବାହ ଉତ୍ସବ ପାଇଁ ସଂପୃକ୍ତ ଅଞ୍ଚଳରେ ଭକ୍ତମାନେ ନିଷ୍ଠାର ସହିତ ଏହାକୁ ପାଳନ କରିଥିଲେ। ଗ୍ରାମ ପରିକ୍ରମା ସମୟରେ ଗୃହିଣୀମାନେ ଦେବ ଦମ୍ପତିଙ୍କୁ ଧୂପଦୀପ ଓ ନୈବେଦ୍ୟ ଅର୍ପଣ କରିଥିଲେ। ବିଳମ୍ବିତ ରାତ୍ରିରେ ବର ଓ ବଧୂ ବେଶରେ ଦେବ ଦମ୍ପତି ମନ୍ଦିର ବେଢାରେ ପହଞ୍ଚିବା ପରେ ସେଠାରେ ପୂଜକ ଅକ୍ଷୟ ମିଶ୍ର, ଅଭୟ ମିଶ୍ର, ହର ମିଶ୍ର, ବୀରକିଶୋର ଦାଶ, ପ୍ରମୋଦ ପାଣି, ନିତ୍ୟାନନ୍ଦ ମିଶ୍ର ପ୍ରମୁଖ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ବୈଦୀକ ରୀତିନୀତି ଅନୁସାରେ ସମାପନ କରିଥିଲେ। ଏହାକୁ ଦେଖିବା ପାଇଁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଶୀତଳ ଷଷ୍ଠୀ ପୂଜା କମିଟି ଓ ଗୋସିଗାଁ ଗ୍ରାମବାସୀ ପରିଚାଳନା କରିଥିଲେ। ଆଜି ଦେବଦମ୍ପତିଙ୍କୁ ସୁସଜ୍ଜିତ ଯାନରେ ପାରମ୍ପରିକ ବାଦ୍ୟ, ଘଣ୍ଟ, ବାଣ ରୋଷଣୀରେ ନଗର ପରିକ୍ରମା କରାଯାଇଥିଲା।

# ‘ନୋ ଏଣ୍ଟ୍ରି’ କାହା ସ୍ୱାର୍ଥରେ: ହାତଗୁଞ୍ଜା ଦେଲେ ସବୁ ମାଫ୍ !

ଅନୁଗୋଳ, ୧।୬(ସମିସ)

ତାଳଚେର ପବିତ୍ର ମୋହନ ଛକରୁ ଆରମ୍ଭ କରି ସାପ୍ତାହିକ ହାଟ ଦେଇ ହାଣ୍ଡିଧୂଆଁ ଯାଇଥିବା ରାସ୍ତାରେ ଲୋକଙ୍କ ଯାତାୟାତ ସୁବିଧା ପାଇଁ ‘ନୋ ଏଣ୍ଟ୍ରି’ ଲାଗିଥିଲେ ମଧ୍ୟ ଏହି ରାସ୍ତାରେ ଛୋଟରୁ ବଡ଼ ଗାଡ଼ି ଦୈନିକ ଯାତାୟାତ କରୁଛି। ଫଳରେ ସ୍ଥାନୀୟ ପୁଲିସ୍‌ର କାର୍ଯ୍ୟଦକ୍ଷତା ଉପରେ ଉଠିଛି ପ୍ରଶ୍ନ। ଛକ ସ୍ଥାନରେ ଟ୍ରାଫିକ୍ ପୁଲିସ୍ ନିଯୁକ୍ତ ହୋଇଥିଲେ ମଧ୍ୟ ମାଟି, ବାଲି ଇତ୍ୟାଦି ବୋଝେଇ ଟ୍ରକଗୁଡ଼ିକ ଖୁଲମଖୁଲା ଯାତାୟାତ କରୁଥିବା ଅଭିଯୋଗ ହେଉଛି। ଏପରିକି ସାପ୍ତାହିକ ହାଟକୁ ହଜାର ହଜାର ଲୋକ ସାମଗ୍ରୀ ବିକ୍ରିବଟା ପାଇଁ ଆସିଥାନ୍ତି। ହାଟଦିନ ଉକ୍ତ ରାସ୍ତା ଚଳଚଞ୍ଚଳ ହୋଇପଡୁଥିଲେ ମଧ୍ୟ ରାସ୍ତାରେ ଦ୍ରୁତଗତିରେ ଅମାନିଆ ଭାବେ ଭାରୀଯାନଗୁଡ଼ିକ ଯାଉଥିବାରୁ ଲୋକେ



ଭୟଭୀତ ଅବସ୍ଥାରେ ରହୁଥିବା କୁହାଯାଉଛି। ରାସ୍ତା ସାରା ବାଲି ମିଶ୍ରିତ କଉଡ଼ି, ମାଟି, ଗୋଡ଼ି, ପାଉଁଶ ପଡୁଥିବାରୁ ଯାତାୟାତରେ ଘୋର ବାଧା ସୃଷ୍ଟି ହେଉଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ନଦୀଘାଟ ନିଲାମ ହୋଇ ନ ଥିବା ବେଳେ ଏତେ ସଂଖ୍ୟକ ବାଲି ଟ୍ରକ ଆସୁଛି କେଉଁଠୁ। ଏହି ଛକଠାରୁ ମାତ୍ର ଅଧ କିଲୋମିଟର ଦୂରରେ ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ରହିଥିଲେ ହେଁ ଏଥିପ୍ରତି ତାଙ୍କ ଦୃଷ୍ଟି ପଡ଼ିନାହିଁ ନା ଜାଣି ଅଜଣା ଭାବେ କାର୍ଯ୍ୟ କରୁଛନ୍ତି ତାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ସେହିଭଳି ଛୋଟ ଯାନଗୁଡ଼ିକରେ ଲୁହା, କାଠଠାରୁ ଆରମ୍ଭ କରି ଅନ୍ୟାନ୍ୟ ଚୋରା ସାମଗ୍ରୀ ବୋଝେଇ ହୋଇ ଦ୍ରୁତଗତିରେ ଚଳପ୍ରଚଳ କରୁଥିବା କୁହାଯାଉଛି। ତେବେ ପୁଲିସ୍ ମୁତୟନ ସତ୍ତ୍ୱେ ନୋ ଏଣ୍ଟ୍ରି ଲାଗିଥିବା ଏହି ରାସ୍ତାରେ କିପରି ଦ୍ରୁତଗତିରେ ଭାରୀଯାନଗୁଡ଼ିକ ଚଳପ୍ରଚଳ କରୁଛି ଏବଂ ସେଠାରେ ଥିବା ପୁଲିସ କର୍ମଚାରୀ କିପରି ଉକ୍ତ ଗାଡ଼ିଗୁଡ଼ିକୁ ଛାଡ଼ି ଦେଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀ ଅବଗତ ଅଛନ୍ତି ନା ନାହିଁ ତାହା ମଧ୍ୟ ବଡ଼ ପ୍ରଶ୍ନ।

● ଜଗନ୍ନାଥ ମନ୍ଦିର ପରିଚାଳନା ସମିତି କାର୍ଯ୍ୟନିର୍ବାହୀ କମିଟି ବୈଠକ

# ଶୃଙ୍ଖଳିତ ରଥଯାତ୍ରା ଆୟୋଜନ ଉପରେ ଗୁରୁତ୍ୱ

ଅନୁଗୋଳ, ୧।୬(ସମିସ): ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି କାର୍ଯ୍ୟନିର୍ବାହୀ କମିଟି ବୈଠକ ଜିଲ୍ଲାପାଳ ଅବଦାଲ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଏସ୍‌ପି ରାହୁଲ ଜୈନ ଉପସ୍ଥିତ ଥିଲେ। ବୈଠକରେ ମନ୍ଦିରର ସଂରକ୍ଷଣ ତଥା ମରାମତି ନିମନ୍ତେ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯିବା ସହିତ ଆଗାମୀ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ଆୟୋଜନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରଥଯାତ୍ରାକୁ ଦୃଷ୍ଟିରେ ରଖି ମନ୍ଦିର ଗର୍ଭଗୃହର ଆବଶ୍ୟକ ସଂରକ୍ଷଣ, ଆଲୋକୀକରଣ, ପାନୀୟ ଜଳ



ଯୋଗାଣ, ରଥ ନିର୍ମାଣ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଅନୁଗୋଳ ପୌରପାଳିକା ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସି, ସହକାରୀ ଜିଲ୍ଲାପାଳ ମନ୍ମଥ ନାଥ ଦାଶ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ମନ୍ଦିର ପରିଚାଳନା କମିଟି ଉପସଭାପତି ଭବାନୀ ପ୍ରସାଦ ମିଶ୍ର, ସମ୍ପାଦକ ହେମନ୍ତ କୁମାର ଦାସ, ଯୁଗ୍ମ ସମ୍ପାଦକ ଆନନ୍ଦ ଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଦେହୁରୀ ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ।

## ମହିଳାଙ୍କୁ ହତ୍ୟା ଧମକ ଅଭିଯୋଗ

କିଶୋରନଗର, ୧।୬(ସମିସ): କିଶୋରନଗର ଥାନା ଦାମୋଦର ଗ୍ରାମର ଦୁଃଖନାଶିନୀ ପ୍ରଧାନଙ୍କୁ ସେହି ଗ୍ରାମର ଶମ୍ଭୁନାଥ ନାୟକ ହତ୍ୟା ଧମକ ଦେଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଶମ୍ଭୁନାଥ ଏକ ମାମଲାରେ ଗିରଫ ହୋଇଥିଲେ। ଏହି ମାମଲାରେ ଦୁଃଖନାଶିନୀଙ୍କ ହାତ ଥିବା ସନ୍ଦେହ କରି ତାଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରିଛି।

## ବାଇକ, ଟ୍ରକ ଜବତ; ୨ ଗିରଫ

ବଇଣ୍ଡା, ୧।୬(ସମିସ): କିଶୋରନଗର ଓ ଠାକୁରଗଡ଼ ଥାନା ପୁଲିସ ପକ୍ଷରୁ ଶନିବାର ରାତିରେ ବିଭିନ୍ନ ଅଞ୍ଚଳରେ ଗାଡ଼ିମଟର ଯାଞ୍ଚ କରାଯାଇଛି। କିଶୋରନଗର ଥାନା ପୁଲିସ ବାମୁର ଅଞ୍ଚଳରେ ଗାଡ଼ି ଯାଞ୍ଚ କରୁଥିବା ବେଳେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ରେଢ଼ାଖୋଲ ଥାନା ତଣ୍ଡାବିରା ଗ୍ରାମର ଅମୂଲ୍ୟ ସାହୁଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ ଜବତ କରିଛି। ସେହିପରି ଠାକୁରଗଡ଼ ଥାନା ପୁଲିସ ଠାକୁରଗଡ଼ ଅଞ୍ଚଳରେ ଗାଡ଼ି ଯାଞ୍ଚ କରିବା ସମୟରେ ମଦ୍ୟପାନ କରି ଦ୍ରୁତଗତିରେ ଟ୍ରକ ଚଳାଉଥିବା ଅଭିଯୋଗରେ ବୌଦ୍ଧ କୃଷ୍ଣପାଲି ଅଞ୍ଚଳର ବିଭୂତି ପ୍ରଧାନଙ୍କୁ ଗିରଫ କରିଛି। ଏଥିସହ ସେ ଚଳାଉଥିବା ଟ୍ରକ ଜବତ କରିଛି। ଏ ନେଇ ଉଭୟଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

## ୨ ଶିକ୍ଷକଙ୍କ ପରଲୋକ

ବଇଣ୍ଡା, ୧।୬(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଶିଶୁକଟା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କେଶବ କଅଁରଙ୍କ ଶୁକ୍ରବାର ରାତିରେ କଟକର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ସେହିପରି ରବିବାର ଆମ୍ବସରମୁଣ୍ଡା ଗ୍ରାମର ଶିକ୍ଷକ ହିମାଂଶୁ ଶେଖର ନାୟକଙ୍କ ପରଲୋକ ହୋଇଛି। ଦୁଇ ଶିକ୍ଷକଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି।

## ବଅଁରପାଳ ଥାନାରେ ଆମ ପୁଲିସ ସମିତି ବୈଠକ

ବଅଁରପାଳ, ୧।୬(ସମିସ): ବଅଁରପାଳ ଥାନା ପକ୍ଷରୁ ଶନିବାର ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଗ୍ରାମର ବୁଦ୍ଧିଜୀବୀମାନେ ସାମିଲ ହୋଇଥିଲେ। ଗ୍ରାମରେ ବାଲ୍ୟ ବିବାହ, ସାମାଜିକ ବାସନ୍ଦ, ଗୁଣିଗାରେଡ଼ି ଆଦି ଅନ୍ଧବିଶ୍ୱାସ ଓ କୁସଂସ୍କାର ଆଦିରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେଇଥିଲେ। ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ବୁଦ୍ଧିଜୀବୀମାନେ ଅନୁରୋଧ କରିଥିଲେ। ସାଇବର ଠକେଇ ନେଇ ସତର୍କତା ଅବଲମ୍ବନ କରିବା ପାଇଁ ଥାନା ଓଆଇସି ସଚେତନ କରିଥିଲେ।

● ଛାତ୍ରୀଙ୍କୁ ଅପହରଣ ଓ ଦୁଷ୍କର୍ମ ମାମଲା

## ଖୋର୍ଦ୍ଧାରୁ ୨ ଅଭିଯୁକ୍ତ ଗିରଫ

ଅନୁଗୋଳ, ୧।୬(ସମିସ): ସ୍କୁଲ ଛାତ୍ରୀଙ୍କୁ ଅପହରଣ ପରେ ଦୁଷ୍କର୍ମ ମାମଲାରେ ଅନୁଗୋଳ ଥାନା ପୁଲିସ ୨ ଅଭିଯୁକ୍ତଙ୍କୁ ଖୋର୍ଦ୍ଧାରୁ ଗିରଫ କରିଛି। ସେମାନେ ହେଲେ ଜଗତସିଂହପୁର ଜିଲ୍ଲା ନୂଆଗାଁ ଥାନା ଏରଡ଼ା ଗାଁର ବୁଟୁ ଜେନା (୨୦) ଓ ତାଙ୍କ ଭିଣୋଇ ଖୋର୍ଦ୍ଧା ଜିଲ୍ଲା ବାଜପୁର ଥାନା ନନ୍ଦପୁର ଗାଁର ରମାକାନ୍ତ ଜେନା (୩୯)। ଗତ ୨୫ ତାରିଖ ଅନୁଗୋଳ ସହରରୁ ଜଣେ ୧୪ ବର୍ଷୀୟ ସ୍କୁଲ ଛାତ୍ରୀଙ୍କୁ କେହି ଅପହରଣ କରି ନେଇଥିବା ନେଇ ମା’ ଅନୁଗୋଳ ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ବୁଟୁ ଛାତ୍ରୀଙ୍କୁ ଅପହରଣ କରି ନନ୍ଦପୁର ଗାଁସ୍ଥିତ ତାଙ୍କ ଭିଣୋଇ ଘରେ ରଖିଥିବା ତଦନ୍ତରୁ ଜଣାପଡ଼ିଥିଲା। ରବିବାର ପୁଲିସ ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ମୁଖ୍ୟ ଅଭିଯୁକ୍ତ ବୁଟୁ ଓ ଏଥିରେ ତାଙ୍କୁ ସହଯୋଗ କରିଥିବା ରମାକାନ୍ତଙ୍କୁ ଗିରଫ କରିଛି। ଇନ୍‌ଷ୍ଟାଗ୍ରାମରୁ ବୁଟୁ ନାବାଳିକାଙ୍କ ସହ ପରିଚିତ ହୋଇ ପ୍ରେମ କରି ବସିଥିଲେ। ପରେ ତାଙ୍କୁ ଅପହରଣ କରି ନେଇଥିଲେ ବୋଲି ପୁଲିସ କହିଛି।

■ ବ୍ୟାଘ୍ର ପ୍ରକଳ୍ପ ନାଁରେ ସ୍ୱେଚ୍ଛାକୃତ ବିସ୍ଥାପନ ବନ୍ଦ ଦାବି

# ଆନ୍ଦୋଳନ ପାଇଁ ‘ଭିଟାମାଟି ଓ ଜୀବନଜୀବିକା ସୁରକ୍ଷା କମିଟି’ ଗଠିତ



ଅନୁଗୋଳ, ୧।୬(ସମିସ): ସାତକୋଶିଆ ଅଭୟାରଣ୍ୟରେ ବ୍ୟାଘ୍ର ପ୍ରକଳ୍ପ ନାଁରେ କରାଯାଉଥିବା ସ୍ୱେଚ୍ଛାକୃତ ବିସ୍ଥାପନ ବନ୍ଦ ଦାବିରେ ଆନ୍ଦୋଳନ ଗଡ଼ି ତୋଳିବା ପାଇଁ ଭିଟାମାଟି ଓ ଜୀବନଜୀବିକା ସୁରକ୍ଷା କମିଟି ଗଠନ କରାଯାଇଛି। ଏ ନେଇ ରବିବାର ଟିକରପଡ଼ାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଟିକରପଡ଼ା ସରପଞ୍ଚ ସୌମ୍ୟରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଦ୍ୟାଧର ପ୍ରଧାନ, ଜୟରାମ ସାହୁ, ରଘୁନାଥ ଗଡ଼ତିଆ, ସୁବୋଧ ସାମଲ, ପ୍ରଫୁଲ୍ଲ କୁମାର ଦେହୁରୀ, ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ତୀର୍ଥବାସୀ ଭୋଇ, ନବକିଶୋର ପ୍ରଧାନ ପ୍ରମୁଖ ଯୋଗଦେଇ ବ୍ୟାଘ୍ର ପ୍ରକଳ୍ପ ପାଇଁ ସ୍ୱେଚ୍ଛାକୃତ ବିସ୍ଥାପନ ନାଁରେ କରାଯାଉଥିବା ବଳପୂର୍ବକ ବିସ୍ଥାପନକୁ ତୀବ୍ର ବିରୋଧ କରିଥିଲେ। ସ୍ୱେଚ୍ଛାକୃତ ବିସ୍ଥାପନ ତୁରନ୍ତ ବନ୍ଦ କରି ସ୍ଥାନୀୟ ଅଭୟାରଣ୍ୟ ଅଧିବାସୀଙ୍କ ଜୀବନଜୀବିକାର ସୁରକ୍ଷା ପାଇଁ ଆନ୍ଦୋଳନ ଗଡ଼ି ତୋଳିବା ନିମନ୍ତେ ସର୍ବସମ୍ମତ ନିଷ୍ପତ୍ତି କ୍ରମେ ‘ଭିଟାମାଟି ଓ ଜୀବନଜୀବିକା ସୁରକ୍ଷା କମିଟି’ ଗଠିତ ହୋଇଥିଲା। କମିଟି ସଭାପତି ଭାବେ ବିଦ୍ୟାଧର ପ୍ରଧାନ, ଉପସଭାପତି ରଘୁନାଥ ଗଡ଼ତିଆ, ଜ୍ଞାନରଞ୍ଜନ ସାହୁ, ରବୀନ୍ଦ୍ର ବାରିକ, ତ୍ରିନାଥ ସାହୁ, ନିରଞ୍ଜନ କଅଁର, ସାନନ୍ଦ କର୍ମୀ, ଅରୁଣ ଦେହୁରୀ, ସମ୍ପାଦକ ଜୟରାମ ସାହୁ, ସହସମ୍ପାଦକ ଭାବେ ଫକୀର ଜାନି, ମକୁନ୍ଦ ନାଏକ, କୋଷାଧ୍ୟକ୍ଷ ଭାବେ ସୁବୋଧ ସାହୁଙ୍କୁ ନେଇ ୨୧ଜଣିଆ କମିଟି ଗଠନ କରାଯାଇଛି।

■ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା

# ପରିବେଶ ସୁରକ୍ଷାରେ ପଲିଥିନ୍, ପ୍ଲାଷ୍ଟିକ୍ ବଡ଼ ବାଧକ

କିଶୋରନଗର, ୧।୬(ସମିସ): ଆଠମଲ୍ଲିକ ବ୍ଲକ ମାଧପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପରିବେଶ ସମ୍ବନ୍ଧୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଅନୁଗୋଳ ଏବଂ ପ୍ରକୃତି ପରିବେଶ ବନ୍ୟଜୀବନ ସମିତି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ମାହାର ଅଧ୍ୟକ୍ଷତା କରିଥିଲେ। ଅନୁଗୋଳ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହକାରୀ ପରିବେଶ ବିଜ୍ଞାନୀ ସଞ୍ଜୟ କୁମାର ଭୋଇ, ସ୍ଥାନୀୟ ବନପାଳ ସନ୍ତୋଷ କୁମାର ନାୟକ, ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସଂଯୋଜକ ପ୍ରିୟବ୍ରତ ବେହେରା, ଅମରେଶ ପ୍ରସାଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ଲାଷ୍ଟିକ୍ ସାମଗ୍ରୀ




ବିଶ୍ୱ ପାଇଁ ବିପଦର କାରଣ ସାଜିଛି। ତେଣୁ ପ୍ଲାଷ୍ଟିକ୍ ବ୍ୟବହାର ନ କରିବା, ପ୍ଲାଷ୍ଟିକ କବଳରୁ ପରିବେଶକୁ ମୁକ୍ତ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଛାତ୍ରଛାତ୍ରୀମାନେ ଦୈନନ୍ଦିନ ଜୀବନରେ ପରିବେଶଧର୍ମୀ ହେବା ସହ ଚାରାରୋପଣ କରି ଯତ୍ନ ନେବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିସରରେ ପଲିଥିନ୍ ବ୍ୟବହାରରୁ ନିବୃତ୍ତ ରହିବା ଏବଂ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ନେଇ ଛାତ୍ରଛାତ୍ରୀମାନେ ଶପଥପାଠ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଋଷଭ ସେଠ ଧନ୍ୟବାଦ ଦେଇଥିବା ବେଳେ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ।

# ଲୋକାଭିମୁଖୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚିବା ଉପରେ ଗୁରୁତ୍ୱ



କିଶୋରନଗର, ୧।୬(ସମିସ): କିଶୋରନଗର ବ୍ଲକ ସଭାଗୃହରେ ଶନିବାର ଅପରାହ୍ନ ୩ଟାରୁ ରାତି ୮ଟା ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏକ ବୈଠକରେ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ଯୋଜନା କିଭଳି ଲୋକଙ୍କ ନିକଟରେ ପହଞ୍ଚିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଡିଓ ସୁବ୍ରତ କୁମାର ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଉଦ୍ୟାନ କୃଷି ବିଭାଗର ଡେପୁଟି ଡାଇରେକ୍ଟର ଲଳିତ କୁମାର ଲୁଗୁନ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିରୋଦ ଦାଶ, ଜଳଛାୟା ପ୍ରକଳ୍ପ ଅଧିକାରୀ ଜୟଶଙ୍କର ପ୍ରଧାନ, ଏବିଡିଓ ଦିଲୀପ ପ୍ରଧାନ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


# ରଥଯାତ୍ରା ପ୍ରସ୍ତୁତି ବୈଠକ



ପାଲଲହଡ଼ା, ୧।୬(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଗଡ଼ଜାତ ରାଜ୍ୟରେ ବହୁ ପୁରାତନ କାଳରୁ ଚାଲି ଆସିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ଶନିବାର ଉପଜିଲ୍ଲାପାଳ ତଥା ଉପଖଣ୍ଡ ଦେବୋତ୍ତର ଅଧିକାରୀ ରବୀନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ତହସିଲଦାର ଆକାଂକ୍ଷା ମହାପାତ୍ର, ନିଜିଗଡ଼ ସରପଞ୍ଚ ଶଶିଭୂଷଣ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟ, ବ୍ରାହ୍ମଣ ସମାଜ ଓ ବିଭାଗୀୟ ଅଧିକାରୀ ସମେତ ଅଞ୍ଚଳର ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନ, ସାମ୍ବାଦିକ ଉପସ୍ଥିତ ରହି ନିଜ ମତାମତ ପ୍ରଦାନ କରିଥିଲେ। ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ଶେଷ କରି ଶାନ୍ତିଶୃଙ୍ଖଳାରେ ରଥଯାତ୍ରା ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି।

# ଡା. ବଳ ହେଲେ ଅନୁଗୋଳ ସିଡିଏମଓ

ଅନୁଗୋଳ, ୧।୬(ସମିସ): ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଗୌରୀଶଙ୍କର ବଳ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ରୂପେ ରବିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବ ସିଡିଏମ୍‌ଓ ଡା. ଶିବାନନ୍ଦ ମହାନ୍ତି ଶନିବାର ଅବସର ଗ୍ରହଣ କରିବା ପରେ ଡା. ବଳଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯାଇଛି। ମେଡିକାଲର



ସର୍ବାଙ୍ଗୀନ ପ୍ରଗତି ତଥା ସ୍ୱାସ୍ଥ୍ୟସେବାରେ ଉନ୍ନତି ଦିଗରେ ସେ ଅଗ୍ରାଧିକାର ଦେବେ ବୋଲି ଡା. ବଳ ପ୍ରକାଶ କରିଛନ୍ତି। ସ୍ଥାନୀୟ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କଲାପରେ ତାଙ୍କୁ ବରିଷ୍ଠ କର୍ମଚାରୀ ନଳିନୀ ରଞ୍ଜନ ପ୍ରଧାନ, ସୁବ୍ରତ ବେହେରା, ପ୍ରଶାନ୍ତ କୁମାର ପାଣି, ରଞ୍ଜନ କୁମାର ସାହୁ, ଅଙ୍କିତା ସେଠୀ, ଅକ୍ଷୟ କୁମାର ବିଶ୍ୱାଳ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି।

# ଶ୍ରମିକ ନେତା ସୁବାସ ସାହୁଙ୍କ ଦେହାନ୍ତ

ନାଲକୋ ନଗର, ୧।୬(ସମିସ): ନାଲକୋ ଏସ ଆଣ୍ଡ ପି କମ୍ପ୍ଲେକ୍ସର ଇଷ୍ଟେଟ୍ ବିଭାଗରେ କର୍ମଚାରୀ ଏବଂ ବିଏମଏର ଲଢୁଆ ଶ୍ରମିକ ନେତା, ଦୃଢ଼ ସଂଗଠକ ସୁବାସ ଚନ୍ଦ୍ର ସାହୁଙ୍କ ରବିବାର ସନ୍ଧ୍ୟା ସାଢ଼େ ୮ଟାରେ ମାତ୍ର ୫୪ ବର୍ଷ ବୟସରେ ଦେହାନ୍ତ ହୋଇଛି। ନାଲକୋନଗର ଟାଉନସିପ୍ ନିକଟ ବଳରାମପ୍ରସାଦ (କେନ୍ଦୁଡିପ) ଗ୍ରାମ ବାସିନ୍ଦା ସୁବାସ ଦୀର୍ଘଦିନ ଧରି ମଧୁମେହ ଏବଂ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। କିଛିଦିନ ତଳେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଦେହାନ୍ତ ହୋଇଛି। ସେ ୧୯୮୯ ସେପ୍ଟେମ୍ବର ୧୧ରେ ନାଲକୋରେ ଯୋଗଦେଇଥିଲେ। ସେ ଏଏମଏସ ୟୁନିଅନ୍, ସ୍ମେଲଟର ପ୍ଲାଣ୍ଟର ସକ୍ରିୟ ସଦସ୍ୟ ଥିଲେ। ଏଏମଏସ ୟୁନିଅନ୍ ପ୍ରତି



ତାଙ୍କ ସମର୍ପଣ ଏବଂ ତାଙ୍କ କାର୍ଯ୍ୟ ପ୍ରତି ପ୍ରତିବଦ୍ଧତା ଯୋଗୁଁ ସେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ସ୍ତ୍ରୀ ଏବଂ ଦୁଇ ପୁଅ ଅଛନ୍ତି। ଦୁଇ ପୁଅ ଏବେ ପାଠ ପଢୁଛନ୍ତି। ତାଙ୍କ ଦେହାନ୍ତରେ ନାଲକୋ ଶ୍ରମିକ ସଂଗଠନ କର୍ମକର୍ତ୍ତାମାନେ ଶୋକବ୍ୟକ୍ତ କରିଛନ୍ତି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କିଶୋରନଗର, ୧।୬(ସମିସ): ଅନୁଗୋଳ ଜିଲ୍ଲା ଟାପୋଡୋଲ କ୍ଲଷ୍ଟର କନ୍ତପଡ଼ା ପଞ୍ଚାୟତ ଅଲେଖି ଗୋଲେଖପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ପ୍ରଭାକର ମଲ୍ଲିକଙ୍କୁ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ୱେଚ୍ଛାସେବୀ ଶିକ୍ଷକ ଆକୁଳ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଉପଦେଷ୍ଟା ତଅଁଲୁ ପ୍ରଧାନ, ଜଗବନ୍ଧୁ ପରିଡ଼ା, ସିଆରସିସି ରଞ୍ଜନ କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବସନ୍ତ କୁମାର ସାହୁ, ଗ୍ରାମ ସଭାପତି ଦୋଳଗୋବିନ୍ଦ ସେଠୀ, ସମ୍ପାଦକ ସନ୍ଦେଶ କୁମାର ସାହୁ, ପ୍ରଧାନଶିକ୍ଷକ ଅଶୋକ କୁମାର ସାହୁ, କନ୍ତପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିଲ କୁମାର ସାହୁ, ଛବିଳ ମିଶ୍ର, ଶିକ୍ଷକ ରବୀନ୍ଦ୍ର କୁମାର ବେହେରା, ଶରତ ଚନ୍ଦ୍ର ଦେହୁରୀ, ଉମାକାନ୍ତ ନାୟକ, ଅମୂଲ୍ୟ କୁମାର ସେଠୀ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମଲ୍ଲିକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଉପହାର ଦେଇ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମଲ୍ଲିକ ଯାଜପୁର ଜିଲ୍ଲା ରତ୍ନଗିରିରୁ ଆସି ଆଠମଲ୍ଲିକ ଶିକ୍ଷା ଜିଲ୍ଲାରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ଆଠମଲ୍ଲିକ ବ୍ଲକ ଅଞ୍ଚଳର ୩ ବିଦ୍ୟାଳୟରେ ଶିକ୍ଷକତା କରି ମେ ୩୧ରେ ଅବସର ଗ୍ରହଣ କରିଛନ୍ତି।

# ବିକାଶ ଖୋଜୁଛି ତାଳଚେର ରାଣୀପାର୍କ ବସ୍‌ଷ୍ଟାଣ୍ଡ

ତାଳଚେରସଦର, ୧।୬(ସମିସ)

ଶିଳ୍ପନଗରୀ ତଥା କଳାହୀରା ସହର ତାଳଚେର ରାଜ୍ୟରେ ଏକ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି। ଖଣିଖାଦାନ, ଶିଳ୍ପ ଓ ପର୍ଯ୍ୟଟନ ସବୁକିଛି ଏଠି ଭରପୂର ରହିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଲୋକ ରୋଜଗାର ପାଇଁ ତାଳଚେରକୁ ଆସିଥାନ୍ତି। ଦେଶର ବିଭିନ୍ନ ସ୍ଥାନକୁ ଏଠାରୁ ଖଣିଜ ପଦାର୍ଥ ରପ୍ତାନୀ ହୋଇଥାଏ। ହେଲେ ଯୋଗାଯୋଗ ମୁଖ୍ୟ ଆଧାର ପାଲଟିଥିବା ତାଳଚେର

● ବାରମ୍ବାର ଅଭିଯୋଗ ସତ୍ତ୍ୱେ କାହାର ଦୃଷ୍ଟି ପଡୁନି


ବସଷ୍ଟାଣ୍ଡର ଅବ୍ୟବସ୍ଥିତ ରୂପ ଦେଖିଲେ ମନେହୁଏ, ବିକାଶରୁ ବହୁ ଦୂରରେ ତାଳଚେର ରାଣୀପାର୍କ ବସଷ୍ଟାଣ୍ଡ। ରାଜ୍ୟ ତଥା ଦେଶକୁ ସର୍ବାଧିକ ରାଜସ୍ୱ ଦେଉଥିବା ତାଳଚେର ଆଜି ମୌଳିକ ଅଧିକାରରୁ ବଞ୍ଚିତ। ଏହି ବସଷ୍ଟାଣ୍ଡର ଉନ୍ନତି ହୋଇପାରୁ ନ ଥିବା ଦୁର୍ଭାଗ୍ୟଜନକ ବିଷୟ ବୋଲି ମତପ୍ରକାଶ ପାଇଛି।

ରାଣୀପାର୍କ ବସଷ୍ଟାଣ୍ଡ ଆସିବାକୁ ହେଲେ ଯାତ୍ରୀଙ୍କୁ



ବହୁ ବାଧାବିଘ୍ନ ସହ୍ୟ କରିବାକୁ ପଡୁଛି। ବସଷ୍ଟାଣ୍ଡ ସମ୍ମୁଖ ଜାତୀୟ ରାଜପଥରେ ଶହଶହ ସଂଖ୍ୟକ କୋଇଲା ବୋଝେଇ ଟ୍ରକ, ଲମ୍ବା ଲାଇନ୍, ଟ୍ରାଫିକ ସମସ୍ୟା, ଧୂଳିଧୂଆଁ, କୋଇଲା ଗୁଣ୍ଡରେ ଲୋକେ ଅତିଷ୍ଠ। ଚତୁର୍ଦ୍ଦିଗରୁ ରାଣୀପାର୍କ ବସଷ୍ଟାଣ୍ଡକୁ ସଂଯୋଗ କରୁଛି ଏହି ଜାତୀୟ ରାଜପଥ। ତାଳଚେରବାସୀ ଓ ତାଳଚେରକୁ ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଯାତ୍ରୀ ଭୋଗ କରୁଛନ୍ତି ଯମଯନ୍ତ୍ରଣା। ଏଥିରୁ କେବେ ମିଳିବ ନିସ୍ତାର ତାହା ଏକ ବଡ଼ ପ୍ରଶ୍ନବାଚୀ। ନିର୍ବାଚିତ ଲୋକପ୍ରତିନିଧି ନା ସ୍ଥାନୀୟ ପ୍ରଶାସନ ନା ଜିଲ୍ଲା ପ୍ରଶାସନ, କେହି ହେଲେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ରାଣୀପାର୍କ ବସଷ୍ଟାଣ୍ଡକୁ ସମୟରେ ପହଞ୍ଚି ନ ପାରିଲେ କିମ୍ବା କୌଣସି କାରଣରୁ ଗାଡ଼ି ନ ମିଳିଲେ ଯିବା ସମ୍ଭବପର ହୋଇ ନ ଥାଏ। ଜାତୀୟ ରାଜପଥ ପ୍ରତ୍ୟେକ ସମୟରେ ଜାମ୍ ରହୁଥିବାରୁ ଲୋକେ ତାଳଚେରରୁ ଢେଙ୍କାନାଳ, କଟକ, ଭୁବନେଶ୍ୱର, ପୁରୀ, ଝାରସୁଗୁଡ଼ା, କେନ୍ଦୁଝର, ରାଉରକେଲା ଏମିତିକି ଆଖପାଖ ଅଞ୍ଚଳକୁ ଯିବା ଆସିବା ନିମନ୍ତେ ହଇରାଣ ହରକତ ହେଉଥିବା ମଧ୍ୟ ଦେଖିବାକୁ ମିଳିଛି। ବରିଷ୍ଠ ନାଗରୀକ, ରୋଗୀ ଓ ଭିନ୍ନକ୍ଷମମାନେ ବହୁ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ଯାତ୍ରୀମାନେ ବସକୁ ଅପେକ୍ଷା କରି ରହୁଥିବା ବେଳେ ସେମାନଙ୍କ ପାଇଁ ବିଶ୍ରାମ କକ୍ଷ କିମ୍ବା ଚଉକି ନ ଥିବାରୁ ଏଣେତେଣେ ଘୂରି ବୁଲୁଛନ୍ତି। ବସଷ୍ଟାଣ୍ଡରେ ଯେଉଁ କେତୋଟି ପିଣ୍ଡି ନିର୍ମାଣ ହୋଇଛି ତାହା ଯାତ୍ରୀସଂଖ୍ୟା ତୁଳନାରେ ବହୁତ କମ। ପ୍ରାୟ ସମୟରେ ଯାତ୍ରୀମାନଙ୍କ ମନିପର୍ସ, ମୋବାଇଲ, ଟଙ୍କା ମଧ୍ୟ ଚୋରି ହେଉଥିବା ଅଭିଯୋଗ ହୋଇଆସୁଛି। ରକ୍ଷଣାବେକ୍ଷଣା ଅଭାବରୁ ବସଷ୍ଟାଣ୍ଡରେ ନିର୍ମାଣ କରାଯାଇଥିବା ନୂତନ ଶୌଚାଳୟ ଅପରିଷ୍କାର ଅବସ୍ଥାରେ ପଡ଼ି ରହିଛି। ଫଳରେ ମହିଳା ଯାତ୍ରୀମାନେ ହଇରାଣ ହରକତ ହେଉଛନ୍ତି। ଅନୁଗୋଳ ସହରର ନୂତନ ବସଷ୍ଟାଣ୍ଡ ସରସସୁନ୍ଦର ଭାବେ ନିର୍ମାଣ କରାଯାଇଥିବା ବେଳେ ତାଳଚେର ପ୍ରତି ଏତେ ବୈମାତୃକ ମନୋଭାବ ଅଞ୍ଚଳବାସୀଙ୍କୁ କ୍ଷୁବ୍ଧ କରିଛି। ତେଣୁ ତାଳଚେର ରାଣୀପାର୍କ ବସଷ୍ଟାଣ୍ଡର ବିକାଶ ଦିଗରେ ସରକାର ଦୃଷ୍ଟି ଦେଇ ଏସବୁ ସମସ୍ୟାର ସମାଧାନ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ସମ୍ପାଦକୀୟ



ଅତୀତର ଅଭିଜ୍ଞତାକୁ ପାଥେୟ କରି ତଥା ଭବିଷ୍ୟତର ଆଶାନେଇ, ଆଜିର ଜୀବନ ବଂଚିବା ଶିଖ !
-ଆଲବର୍ଟ ଆଇନଷ୍ଟାଇନ

ସକାଳ THE SAKALA

## ଭୂତ-ଗୁଣିଆ ଉପାଖ୍ୟାନ

ମେ’ ୩୧ ତାରିଖରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାର ନିଶାଦ୍ରବ୍ୟ, ଅପମିଶ୍ରିତ/ବିଷାକ୍ତ ମାଦକଦ୍ରବ୍ୟ ସେବନକୁ ନିରୁତ୍ସାହିତ କରିବା ଲାଗି ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନର ଲୋଗୋ ବା ପ୍ରତୀକ ରହିଛି - ‘ଆମ ସଂକଳ୍ପ: ନିଶା ନୁହେଁ ଜୀବନ’। ରାଜ୍ୟ ଅବକାରୀ ବିଭାଗ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇ କହିଛି ଯେ ‘ଆଜି ହିଁ ସଂକଳ୍ପ ନେବା- ନିଶା ନୁହେଁ ଜୀବନକୁ ବାଛିବା।’ ସଂକଳ୍ପକୁ ସାକାର କରିବା ପାଇଁ ଗଣମାଧ୍ୟମରେ ସରକାରୀ ବିଜ୍ଞାପନମାନ ପ୍ରକାଶ ପାଇଛି। ରାଜ୍ୟ ସରକାର ଯଦି ଆନ୍ତରିକତାର ସହ ନିଶାମୁକ୍ତ ସମାଜର ପରିକଳ୍ପନା କରିଥା’ନ୍ତି, ତେବେ ଏହା ଅତି ଉତ୍ତମ କଥା। ଏହା ମଧ୍ୟ ସମୟୋପଯୋଗୀ ଅପରିହାର୍ଯ୍ୟ ଆବଶ୍ୟକତା। କିନ୍ତୁ ଏହି ସଂକଳ୍ପ ଅଭିଯାନ ଆଢୁଆଳରେ ଅନେକ କିଛି ପ୍ରଶ୍ନ ଉହ୍ୟ ରହିଯାଉଛି, ଯାହାକୁ କିଞ୍ଚିତ୍ ତର୍ଜମା କଲେ ପ୍ରଶ୍ନ ଉଠୁଛି - ଏହା କେବଳ ଧର୍ମକୁ ଆଖିଠାର ନୁହେଁ ତ?

ଅପ୍ରିୟ ଓ ନଗ୍ନ ସତ୍ୟ ହେଉଛି ସରକାରୀ ସଚେତନତା ଏକ ପ୍ରହସନରେ ପରିଣତ ହୋଇଯାଇଛି। ଓଡ଼ିଆରେ ଏକ ଢଗ ଅଛି - ଭୂତ ହୋଇ ଲାଗିବ, ଗୁଣିଆ ହୋଇ ଝାଡ଼ିବ। ଅର୍ଥାତ୍ ଯିଏ ସମସ୍ୟା ସୃଷ୍ଟି କରୁଛି ସେ ହିଁ ଉପଚାରକର ଭୂମିକାରେ ଅବତୀର୍ଣ୍ଣ ହୋଇଛି। ଏଥିରେ ଲାଭ-କ୍ଷତି କାହାର ତାହା ବୋଧହୁଏ ବିଜ୍ଞ ପାଠକଙ୍କୁ ବୁଝାଇ କହିବା ଅନାବଶ୍ୟକ। ତମାଖୁ ବର୍ଜନ ଓ ନିଶା ନିବାରଣ ପାଇଁ ସରକାରଙ୍କର ସଦ୍ୟତମ ବିଜ୍ଞାପନକୁ ଉଦାହରଣ ରୂପେ ନେଲେ ଏହି ଉକ୍ତିର ବିଶ୍ଳେଷଣ ଆହୁରି ସ୍ୱଷ୍ଟ ହେବ। ନିଶା ରାକ୍ଷସର ଦୌରାତ୍ମ୍ୟରେ କେତେ ଯେ ପରିବାର ଉଜୁଡ଼ି ଯାଉଛି, ସଡ଼କ ଦୁର୍ଘଟଣାରେ କେତେ ଯେ ନିରୀହ ଜୀବନ ଅକାରଣରେ ଅକାଳରେ ଯାଉଛି, କେତେ ଯେ ଅପରାଧ ଘଟୁଛି ସେ ବିଷୟରେ ସରକାର ବାହାଦୂର ନିଶ୍ଚୟ ଅଜ୍ଞ ନୁହନ୍ତି, ତାହାର ପ୍ରମାଣ ହେଉଛି ମେ’ ୩୧ରୁ ଆରମ୍ଭ ହେଉଥିବା ସରକାରଙ୍କ ନିଶାମୁକ୍ତ ସଂକଳ୍ପ ଓ ସଚେତନତା ଅଭିଯାନ। ଏହା କିନ୍ତୁ ସରକାରଙ୍କ ବାହ୍ୟ ବା ଲୋକଦେଖାଣିଆ ରୂପ। ଏହାର ପ୍ରଚ୍ଛଦପଟରେ ଲୁଚି ରହିଥିବା ଅନ୍ୟ ରୂପଟି ହେଉଛି ଅସାମାଜିକ ପରିବେଶ ଓ ପରିସ୍ଥିତିକୁ ଜନ୍ମ ଦେବାରେ ନିଶାର ପ୍ରଭାବ ଜାଣି ମଧ୍ୟ ମଦ ଦୋକାନ ଖୋଲିବା ପାଇଁ ଆଖିବୁଜା ଅନୁମତି ଦେଇ ଚାଲିବାର ଦାୟିତ୍ୱହୀନ ମାନସିକତା। ତମାଖୁ ବିକ୍ରିକୁ ଅନୁମତି ବନାମ ସଚେତନତା ମଧ୍ୟ ସେହି ସମାନ ବିରୋଧାଭାସରୁ ମୁକ୍ତ ନୁହେଁ। ଏକପକ୍ଷରେ ତମାଖୁ ସେବନର କ୍ଷତିକାରକ ଦିଗ ଉପରେ ଅସୁମାରି ସଚେତନତା ବିଜ୍ଞାପନ ସରକାର ଜାରି ରଖିଛନ୍ତି। ଅଥଚ ସରକାରଙ୍କ ଆଖି ସାମ୍ନାରେ ହିଁ ଗଳିକନ୍ଦିରେ ମାଲମାଲ ତମାଖୁ ବିକ୍ରି ହେଉଛି। ନିଶାମୁକ୍ତ ସମାଜ ଗଠନ ଦିଗରେ ସରକାରଙ୍କ ଯଦି ତିଳେମାତ୍ର ଆନ୍ତରିକତା ଥାଏ ତେବେ ପ୍ରଥମେ ମଦ ଦୋକାନ ଏବଂ ତମାଖୁ ଉତ୍ପାଦନ ବନ୍ଦ କରିବାକୁ ନିଷ୍ପତ୍ତି ନିଅନ୍ତୁ ଏବଂ ଏ ସମ୍ପର୍କିତ ଦୃଢ଼ ନୀତି ପ୍ରଣୟନ କରନ୍ତୁ।

ବିଡ଼ମ୍ବନା ହେଉଛି ସଦ୍ୟତମ ନିଶାମୁକ୍ତ ସମାଜ ଗଠନ ସଂକଳ୍ପ ଅଭିଯାନ ଆରମ୍ଭ କରିଥିବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନୂଆ ଅବକାରୀ ନୀତିରେ ଥିବା ବ୍ୟବସ୍ଥା ମୁତାବକ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) କୁ ଠିପିଖୋଲା ମଦ ଲାଇସେନ୍ସ ବାବଦରେ ଅନ୍ୟମାନଙ୍କ ତୁଳନାରେ ଅଧା ଅର୍ଥ ଦେବାକୁ ହେବ। ଏହାର ଅର୍ଥ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଓଟିଡିସି କିମ୍ବା ଆଇଟିଡିସି ମଦ ପରିବେଷଣ କରିପାରିବେ। ପର୍ଯ୍ୟଟନ ବିଭାଗର ନିଷ୍ପତ୍ତିରେ ସ୍ଥାନେ ସ୍ଥାନେ ‘ମଦ କୁଡ଼ିଆ’ ଖୋଲିବ। ଘରୋଇ କାର୍ଯ୍ୟକ୍ରମ ବା ଉତ୍ସବାନୁଷ୍ଠାନରେ ମଦ ପରିବେଷଣ ଲାଗି ବିଭାଗୀୟ କର୍ତ୍ତୃପକ୍ଷ ଅସ୍ଥାୟୀ ଅନୁମତି ଦେଇପାରିବେ। ଭୋଜିଭାତରେ ଚୋରା ଲୁଚାରେ ମଦ ପିଇବା ପରିବର୍ତ୍ତେ ମଦୁଆମାନେ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ମଦ ଖୋଲାଖୋଲି ପାନ କରି ମସଗୁଲ୍ ହେବାର ସୁଯୋଗ ପାଇବେ। ତେଣୁ ମଦ ନିଶା ଛଡ଼ାଇବା ପାଇଁ ସଂକଳ୍ପ ଅଭିଯାନ ଜରିଆରେ ଗୁଣିଆ ଭୂମିକାରେ ଅବତୀର୍ଣ୍ଣ ସରକାରଙ୍କ ଅବକାରୀ ନୀତି ଏବଂ ତମାଖୁ ବିକ୍ରିକୁ ଆଖିବୁଜା ପରୋକ୍ଷ ସମର୍ଥନ ତାଙ୍କର ଭୂତ ଭୂମିକାକୁ ପ୍ରମାଣିତ କରୁନାହିଁ କି? ସଚେତନ ନାଗରିକ ମନରେ ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ।

କେବଳ ମଦ ଓ ତମାଖୁ ନୁହେଁ, ପ୍ଲାଷ୍ଟିକ୍ ଓ ଶବ୍ଦ ପ୍ରଦୂଷଣ ମଧ୍ୟ ସମାନ ଅଭିଯୋଗରେ ଅଭିଯୁକ୍ତ। କାଗଜ କଲମରେ ପଲିଥିନ ମୁକ୍ତ ସହର ଓ ଦେଶଗଠନ ହୋଇସାରିଛି। ଏକକ ବ୍ୟବହାରଯୁକ୍ତ ପଲିଥିନ, ପ୍ଲାଷ୍ଟିକ୍ ସାମଗ୍ରୀର ଉତ୍ପାଦନ, ବିକ୍ରିବଟା ଓ ବ୍ୟବହାରକୁ ନିଷିଦ୍ଧ କରାଯାଇ ଦଣ୍ଡବିଧାନର ବ୍ୟବସ୍ଥା ଅଛି। କିନ୍ତୁ ବିଡ଼ମ୍ବନା ଏହା ଯେ ଯେଉଁମାନେ ଏହି ନୀତି ନିର୍ଦ୍ଧାରଣର ଶବ୍ଦବିନ୍ୟାସ କରିଛନ୍ତି ସେମାନଙ୍କ ହାତରେ ମଧ୍ୟ ପଲିଥିନ ଶୋଭା ପାଉଛି। ମଝିରେ ମଝିରେ କର୍ତ୍ତୃପକ୍ଷ ବିଭିନ୍ନ ଦୋକାନବଜାର ଉପରେ ଚଢ଼ଉ କରି ପଲିଥିନ ମୁଣା ଜବତ କରିବା ସହିତ ଜରିମାନା ଆଦାୟ କରୁଛନ୍ତି, ଅଥଚ ଏହାର ଉତ୍ପାଦନ ସ୍ଥଳ ବା ଫ୍ୟାକ୍ଟ୍ରିକୁ ଆଡ଼ ଆଖିରେ ମଧ୍ୟ ଚାହୁଁନାହାନ୍ତି। ସେହିପରି ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଲାଗି କଟକଣା ରହିଛି; ଅଥଚ ଉଚ୍ଚଶବ୍ଦଯୁକ୍ତ ବାଣ ଓ କାନଫଟା ଶବ୍ଦ ସୃଷ୍ଟି କରୁଥିବା ଡିଜେର ଉତ୍ପାଦନ ଓ ଉପକରଣକୁ ବନ୍ଦ କିମ୍ବା ଜବତ କରାଯାଇପାରୁନାହିଁ।

ଯଦି ଗୋଟିଏ ରାଜ୍ୟର ସରକାର ଚାହିଁବେ ତେବେ ଅସାମାଜିକ ଓ ଅବାଞ୍ଛିତ ତତ୍ତ୍ୱଗୁଡ଼ିର ବିଲୋପ ସମ୍ଭବ। ଯଦି ଉତ୍ପାଦନ ବା ଉତ୍ସ ହିଁ ବନ୍ଦ ହୋଇଯିବ ଆପେ ଆପେ ତାହାର ପ୍ରଭାବ ମଧ୍ୟ ଶୂନ୍ୟ ହୋଇଯିବ। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସଚେତନତା ଅଭିଯାନର ଆବଶ୍ୟକତା ହିଁ ପଡ଼ିବ ନାହିଁ। କିନ୍ତୁ ଭୂତ-ଗୁଣିଆ ଭୂମିକାକୁ ପସନ୍ଦ କରୁଥିବା ସରକାର ବାହାଦୂରଙ୍କୁ ବୁଝେଇବ କିଏ? ଆଣ୍ଟିଭାଇରସ ବିକାଶ କରୁଥିବା ସଂସ୍ଥା ହିଁ ଭାଇରସ ସୃଷ୍ଟି କରେ ଏବଂ ଟିକା ପ୍ରସ୍ତୁତକାରୀ କମ୍ପାନୀମାନେ ହିଁ ଭୂତାଣୁ ସୃଷ୍ଟି କରନ୍ତି। ଆଉ ରାଜସ୍ୱ ସଂଗ୍ରହ ନିଶାରେ ମସ୍‌ଗୁଲ୍ ସରକାର ନିଶାମୁକ୍ତ ଅଭିଯାନର ଛଳନା କରି ନିଜ ଭାବମୂର୍ତ୍ତି ସଜାଡ଼ିବାର ଉଦ୍ୟମ କରନ୍ତି। ଏହା ହିଁ ଆଜିର ବଜାର ଅର୍ଥନୀତିର ଅପରିଣାମଦର୍ଶୀ ବାସ୍ତବତା।

ଯଦି ନିଶାମୁକ୍ତ ସମାଜ ଗଠନ ଲାଗି ସରକାରଙ୍କ ଆନ୍ତରିକତା ଓ ନିଷ୍ଠା ଥାଏ ତେବେ ଏହି ଅଭିଯାନରେ ନିଶାଦ୍ରବ୍ୟ ଓ ତମାଖୁ ଜାତୀୟ ଦ୍ରବ୍ୟର ଉତ୍ପାଦନ ଓ ବିକ୍ରି ବନ୍ଦ ପାଇଁ ସରକାର ହିଁ ପ୍ରଥମେ ଆତ୍ମସଂକଳ୍ପ ନିଅନ୍ତୁ। ସମ୍ବିଧାନର ୪୭ ଧାରାରେ ଥିବା ନିଶା ନିବାରଣ ଏବଂ ୨୧ ଧାରାରେ ଥିବା ବଞ୍ଚିବାର ଅଧିକାରକୁ ଦୃଷ୍ଟିରେ ରଖି ପ୍ରଚଳିତ ଅବକାରୀ ନୀତି ଓ ଆଇନ୍‌ରେ ସଂଶୋଧନ ଆଣିବା ଲାଗି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ଐତିହାସିକ ରାୟ ଦେଇଛନ୍ତି, ତାହାର ଅନୁପାଳନ କରନ୍ତୁ। ନ ହେଲେ ଯାଦୁଆ ଯାଦୁର ମଲମ ବିକିବା ଭଳି ଅପବାଦ ସରକାରଙ୍କୁ ମୁଣ୍ଡାଇବାକୁ ପଡ଼ିବ।

# ନ୍ୟାୟପାଳିକା ନିର୍ଦ୍ଦେଶ ବନାମ ରାଷ୍ଟ୍ରପତିଙ୍କ ପ୍ରଶ୍ନ

ଗଦାଧର ବଳ

ନିକଟରେ ରାଷ୍ଟ୍ରପତି ଦେଶର ସର୍ବୋଚ୍ଚ ଅଦାଲତଙ୍କୁ ସମ୍ବିଧାନର ଅନୁଚ୍ଛେଦ ୧୪୩ ଅନୁଯାୟୀ ୧୪ ଗୋଟି ପ୍ରଶ୍ନ ପଚାରିଛନ୍ତି, ଯାହାର ଉତ୍ତର ପାଇଁ ପାଞ୍ଚଜଣିଆ ଖଣ୍ଡପୀଠ ଗଠନ ହେବ ବୋଲି ଅନୁମାନ କରାଯାଉଛି। ରାଷ୍ଟ୍ରପତି ପଚାରିଥିବା ପ୍ରଶ୍ନଗୁଡ଼ିକ ହେଲା - ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ଯେତେବେଳେ ରାଜ୍ୟପାଳଙ୍କ ନିକଟକୁ ବିଲ୍ ଆସେ ସେତେବେଳେ ସେ କ’ଣ କରିପାରିବାର କ୍ଷମତା ରହିଛି? ଅନୁଚ୍ଛେଦ ୨୦୦ ଅନୁଯାୟୀ ମନ୍ତ୍ରୀ ପରିଷଦ ଦ୍ୱାରା ସଂଶୋଧିତ ହୋଇ ଆସିଥିବା ବିଲ୍‌କୁ ରାଜ୍ୟପାଳ ସ୍ୱୀକୃତି ପ୍ରଦାନ କରିବା ପାଇଁ ବାଧ୍ୟ କି? ସେହି ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ନିକଟରେ ବିବେକାନୁମୋଦିତ କ୍ଷମତା ରହିଛି କି? ଅନୁଚ୍ଛେଦ ୨୦୦ ଅନୁଯାୟୀ ପାରିତ ହୋଇଥିବା ବିଲ ଅନୁଚ୍ଛେଦ ୩୬୧ ମୁତାବକ ସର୍ବୋଚ୍ଚ ଅଦାଲତର କ୍ଷମତା ବହିର୍ଭୂତ କି? ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳ ଉପଯୋଗ କରିଥିବା କ୍ଷମତାକୁ ନ୍ୟାୟିକ ନିର୍ଦ୍ଦେଶ ଅନୁଯାୟୀ ସମୟ ସୀମା ନିର୍ଦ୍ଧାରଣ କରିବା ସମ୍ବିଧାନ ସମ୍ମତ କି? ଅନୁଚ୍ଛେଦ ୨୦୧ ଅନୁଯାୟୀ ରାଷ୍ଟ୍ରପତି ନିଜର ସ୍ୱୀକୃତି ପ୍ରଦାନ ପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରା ଯାଇ ନ ଥିବା ବେଳେ ବିଚାର ବିଭାଗ ଦ୍ୱାରା ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ କରାଯିବା ଉଚିତ୍ କି? ରାଜ୍ୟପାଳଙ୍କ ଦ୍ୱାରା ପ୍ରେରିତ କୌଣସି ବିଲ ରାଷ୍ଟ୍ରପତିଙ୍କ ନିକଟକୁ ଆସିଥିଲେ ସେ ସ୍ୱୀକୃତି ଦେବା ବେଳେ ସମ୍ବିଧାନର ଅନୁଚ୍ଛେଦ ୧୪୩ ଅନୁଯାୟୀ ରେଫେରାନ୍ସ ବଳରେ ସର୍ବୋଚ୍ଚ ଅଦାଲତଙ୍କ ପାଖରୁ ଉପଦେଶ ନେଇପାରିବେ କି? ଅନୁଚ୍ଛେଦ ୨୦୦ ଓ ୨୦୧ ଅନୁଯାୟୀ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିକଟକୁ କୌଣସି ବିଲ୍ ଆସି ସ୍ୱୀକୃତି ପାଇ ଆଇନରେ ପରିଣତ ହେବା ବେଳେ ସେ କି ନିଷ୍ପତ୍ତି ନେବେ, ତେବେ ଏହା ବିଚାର ବିଭାଗ ଦ୍ୱାରା ଆଇନଗତ ତର୍ଜମା କରା ଯାଇପାରିବ କି? ଅନୁଚ୍ଛେଦ ୧୪୨ ଅନୁଯାୟୀ ସର୍ବୋଚ୍ଚ ଅଦାଲତ କୌଣସି ନିର୍ଦ୍ଦେଶ ଦେବା ବେଳେ ରାଜ୍ୟପାଳ ବା ରାଷ୍ଟ୍ରପତି ପୂର୍ବରୁ ଦେଇଥିବା ନିର୍ଦ୍ଦେଶାବଳୀକୁ ସେସମୟରେ ବିଚାରକୁ ନେଇପାରିବେ କି? ବିଧାନସଭା ପ୍ରସ୍ତୁତ କରିଥିବା ଆଇନ ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳ ସ୍ୱୀକୃତି ନ ଦେବା ଯାଏଁ ଆଇନରେ ପରିଣତ ହୋଇପାରିବ କି? ସମ୍ବିଧାନରେ ଅନୁଚ୍ଛେଦ ୧୪୫(୩) ଅନୁଯାୟୀ ସର୍ବୋଚ୍ଚ ଅଦାଲତ ଦ୍ୱାରା ଗଠିତ ଖଣ୍ଡପୀଠ କୌଣସି ନିର୍ଦ୍ଦେଶ ଦେବା ବେଳେ ଏହା ଆଇନଗତ ଜଟିଳତା ଥିବାରୁ ତାହାକୁ ତର୍ଜମା ପାଇଁ ପାଞ୍ଚଜଣିଆ ଖଣ୍ଡପୀଠକୁ ପଠାଇ ଦେବା ବାଧ୍ୟତାମୂଳକ ନୁହଁ କି? ସର୍ବୋଚ୍ଚ ଅଦାଲତ ଅନୁଚ୍ଛେଦ ୧୪୨ ଅନୁଯାୟୀ ନିଜର ସୀମିତ କ୍ଷମତା ବଳରେ କୌଣସି ଆଦେଶ ଦେବା ବେଳେ ପୂର୍ବରୁ ପ୍ରଚଳିତ ଥିବା ଆଇନକୁ ବିଚାରକୁ ନେବା ଉଚିତ ନୁହଁ କି? କେନ୍ଦ୍ର ରାଜ୍ୟ ମଧ୍ୟରେ କୌଣସି ବିବାଦ ଉପୁଜି ଯଦି କିଛି ମାମଲା ରୁଜୁ ହେଲା ଅନୁଚ୍ଛେଦ ୧୩୧ ଅନୁଯାୟୀ ସେହି ମାମଲାକୁ ବିଚାର କରିବା କ୍ଷମତା ସର୍ବୋଚ୍ଚ ଅଦାଲତ ନିକଟରେ ରହିଥିବା ବେଳେ ଅନ୍ୟ ସବୁ ବିବାଦର ବିଚାର ପାଇଁ ସାମ୍ବିଧାନିକ କ୍ଷମତାଭୁକ୍ତ କି?

ବ୍ୟବସ୍ଥାପିକାର କାମ ଆଇନ ତିଆରି କରିବା, କାର୍ଯ୍ୟପାଳିକା ଆଇନ କାର୍ଯ୍ୟକାରୀ କରିବା ଏବଂ ନ୍ୟାୟପାଳିକା ଏହି ଆଇନର ସଦୁପଯୋଗ ହେଉଛି କି ନାହିଁ ତଦାରଖ କରିବା। ତେବେ ବିବାଦ ହେଲା, ଯେବେ ତାମିଲନାଡୁ ସରକାର ପାରିତ କରିଥିବା କେତେକ ବିଲ୍‌କୁ ରାଜ୍ୟପାଳ ସ୍ୱୀକୃତି ନ ଦେଇ ରାଷ୍ଟ୍ରପତିଙ୍କ ପାଖକୁ ତର୍ଜମା କରିବା ପାଇଁ ପଠାଇ ଦେଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ତାମିଲନାଡୁ ସରକାର ଦେଶର ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ। ତେଣୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ ବିଧାନସଭାରୁ ପାରିତ ହୋଇ ଆସୁଥିବା ସମସ୍ତ ବିଲକୁ ରାଜ୍ୟପାଳ ୧ ମାସ ମଧ୍ୟରେ ସ୍ୱୀକୃତି ପ୍ରଦାନ କରିବେ। ନ କଲେ ନିଜ ପାଖରେ ସର୍ବାଧିକ ୩ ମାସ ପର୍ଯ୍ୟନ୍ତ ରଖିପାରିବେ କିମ୍ବା ରାଷ୍ଟ୍ରପତିଙ୍କ ନିକଟକୁ ମଞ୍ଜୁରୀ ପାଇଁ ପଠାଇ ପାରିବେ। ବିଧାନସଭାରେ ପାରିତ ହୋଇ ପୁନର୍ବାର ବିଲ ତାଙ୍କ ନିକଟକୁ ଗଲେ ସେ ବିଲକୁ ରାଜ୍ୟପାଳ ୧ ମାସ ମଧ୍ୟରେ ସ୍ୱୀକୃତି ପ୍ରଦାନ କରିବା ପାଇଁ ବାଧ୍ୟ ଅଟନ୍ତି।

ପ୍ରଶ୍ନ ହେଉଛି ସର୍ବୋଚ୍ଚ ନ୍ୟାୟାଳୟ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେଇପାରିବ କି? ସମ୍ବିଧାନର ଅନୁଚ୍ଛେଦ ୧୪୨ ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟ କୌଣସି ସମୟରେ ଯଦି ଅନୁଭବ କରନ୍ତି ନ୍ୟାୟ ପ୍ରଦାନରେ ଅନିୟମିତତା ହୋଇଛି ‘ଜୁଡିସିଆଲ ରିଭ୍ୟୁ’ ନାମରେ ସେ ନିର୍ଦ୍ଦେଶ ଦେଇପାରିବେ। ତାମିଲନାଡୁ ମାମଲାରେ ନ୍ୟାୟପାଳିକା ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଏହି ନିୟମ ଅନୁଯାୟୀ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ସମ୍ବିଧାନ ଅନୁଚ୍ଛେଦ ୧୪୨ ଅନୁଯାୟୀ ଏମିତି ନିର୍ଦ୍ଦେଶ ଦେବା ଆଦୌ ଅସମୀଚୀନ ଲାଗୁ ନ ଥିଲେ ବି ପ୍ରଶ୍ନ ହେଉଛି ଯିଏ ଦେଶର ପ୍ରଥମ ନାଗରିକ, ଯିଏ ଦେଶର ସମ୍ବିଧାନର ସୁରକ୍ଷା ପାଇଁ ଶପଥ ନେଇଛନ୍ତି, ତାଙ୍କୁ ସର୍ବୋଚ୍ଚ ଅଦାଲତ ଏମିତି ଆଦେଶ ଦେବା କେତେ ଦୂର ନ୍ୟାୟସଙ୍ଗତ? ଦେଶର ଉପରାଷ୍ଟ୍ରପତି ଜଗଦୀପ ଧନକଡ଼ କହିଛନ୍ତି ଯେ ଏମିତି ନିର୍ଦ୍ଦେଶ ସମ୍ବିଧାନର ଅନୁଚ୍ଛେଦ ୧୪୨ର ଦୁରୁପଯୋଗ ଏବଂ ଆଣବିକ କ୍ଷେପଣାସ୍ତ୍ର ସଦୃଶ। ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ବିଚାର ନ ହୋଇ ଦୀର୍ଘଦିନ ହେବ ପଡ଼ି ରହିଥିବା ବେଳେ ତରବର ଭାବରେ ଏମିତି ନିର୍ଦ୍ଦେଶ ଦେବା, ଏପରି କି ଦିଲ୍ଲୀ ଉଚ୍ଚ ଅଦାଲତର କାର୍ଯ୍ୟରତ ବିଚାରପତି ଯଶୋବନ୍ତ ବର୍ମାଙ୍କ ବାସଭବନରୁ କୋଟି କୋଟି ଟଙ୍କା ଉଦ୍ଧାର ହେବା ଘଟଣାରେ ସର୍ବୋଚ୍ଚ ଅଦାଲତ କି ପଦକ୍ଷେପ ନେଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ବିରୋଧୀ ଦଳର ସାଂସଦ କପିଲ ସିବଲ ବିଗତ ଦିନରେ ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ବଳରେ ବହୁମତରେ ନିର୍ବାଚିତ ଇନ୍ଦିରା ଗାନ୍ଧୀ ସରକାରର ପତନ ବିଷୟ କହି ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତି। ତା’ପରେ ଏହି ବିଷୟକୁ ନେଇ ଦେଶ ତମାମ ବିତର୍କ ଆରମ୍ଭ ହୋଇ ଯାଇଛି।

ଆମ ଦେଶର ଗଣତନ୍ତ୍ରର ସ୍ୱତନ୍ତ୍ରତା ହେଲା ସ୍ୱାଧୀନ ତଥା ନିରପେକ୍ଷ ନ୍ୟାୟପାଳିକା। ଆଇନ ପ୍ରଣୟନର କ୍ଷମତା ସଂସଦ ବା ବିଧାନସଭାରେ ରହିଛି। ପ୍ରଶ୍ନ ହେଉଛି ଜନମଙ୍ଗଳ ରାଷ୍ଟ୍ରରେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ଜନପ୍ରତିନିଧିମାନେ ପ୍ରଣୟନ କରିଥିବା ଆଇନ ସର୍ବାଗ୍ରେ ଗ୍ରହଣୀୟ ଥିବାରୁ ତାମିଲନାଡୁ ସରକାର ପାରିତ କରିଥିବା ବିଲକୁ ଆଇନରେ ପରିଣତ କରିବାକୁ ସମୟ ସୀମା ଧାର୍ଯ୍ୟ କରାଯିବା ଆଇନତଃ ଜରୁରୀ ଅନୁଭବ ହେଉଛି। ସମ୍ବିଧାନର ସିଡ୍ୟୁଲ ୭ ଅନୁଯାୟୀ ରାଜ୍ୟ ଓ କେନ୍ଦ୍ରକୁ ମିଳିତ କ୍ଷମତା ଦିଆଯାଇଛି। ବିଧାନସଭାରେ ବହୁମତରେ ବିଲ ପାରିତ ହେଲେ ରାଜ୍ୟପାଳଙ୍କ ନିକଟକୁ ସ୍ୱୀକୃତି ପାଇଁ ପଠାଯାଏ ଏବଂ ସ୍ୱୀକୃତି ମିଳିବା ପରେ ତାହା ଆଇନରେ ପରିଣତ ହୁଏ। କେନ୍ଦ୍ର ସରକାର କେନ୍ଦ୍ରୀୟ ଶାସନର ଦୃଢ଼ତା ପାଇଁ ବିଭିନ୍ନ ରାଜ୍ୟରେ ନିଜର ପ୍ରତିନିଧି ଭାବରେ ରାଜ୍ୟପାଳ ନିଯୁକ୍ତି କରିଛନ୍ତି। ରାଜ୍ୟରେ ପାରିତ ସମସ୍ତ ବିଲ ତାଙ୍କ ସ୍ୱାକ୍ଷର ବିନା ଆଇନରେ ପରିଣତ ହୁଏ ନାହିଁ।

ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ବିଲ ମଞ୍ଜୁରୀ ବେଳେ ରାଜ୍ୟପାଳଙ୍କୁ ୪ ଗୋଟି କ୍ଷମତା ପ୍ରଦାନ କରାଯାଇଛି। ପ୍ରଥମତଃ, ବିଧାନସଭାରେ ବିଲ ପାସ ହେବା ପରେ ତା’ ଉପରେ ସେ ସ୍ୱୀକୃତି ଦେଲେ ବିଲ ଆଇନରେ ପରିଣତ ହୁଏ। ଦ୍ୱିତୀୟରେ ସେ ବିଲକୁ ସ୍ୱୀକୃତି ନ ଦେଇ ପୁନଶ୍ଚ ସଂଶୋଧନ ପାଇଁ ବିଧାନସଭାକୁ ଫେରସ୍ତ କରିପାରିବେ ଏବଂ ବିଧାନସଭା ସେହି ବିଲକୁ ପୁନର୍ବାର ପାରିତ କରି ପଠାଇଲେ ସେ ଏଥିରେ ସ୍ୱୀକୃତି ପ୍ରଦାନ କରିବାକୁ ବାଧ୍ୟ। ତୃତୀୟରେ ରାଜ୍ୟପାଳ ଚାହିଁଲେ ନିଜ ପାଖରେ ବିଲ୍‌କୁ କିଛିଦିନ ରଖିପାରିବେ। ଚତୁର୍ଥରେ ରାଜ୍ୟପାଳଙ୍କ ପାଖକୁ ଆସିଥିବା ବିଲ ତାଙ୍କର ବିବେକାନୁମୋଦିତ ନ ହେଲେ ବା ଏହା କେନ୍ଦ୍ର-ରାଜ୍ୟ ସମ୍ପର୍କ ଖରାପ ହେବାର ଆଶଙ୍କା ଥିଲେ ନିଜେ ମଞ୍ଜୁରୀ ନ ଦେଇ ରାଷ୍ଟ୍ରପତିଙ୍କ ନିକଟକୁ ସ୍ୱୀକୃତି ପାଇଁ ପଠାଇ ପାରିବେ। ପ୍ରଶ୍ନ ହେଲା ରାଷ୍ଟ୍ରପତି ଏହି ଆଇନକୁ ମଞ୍ଜୁରୀ ନ ଦେଇ କେତେଦିନ ନିଜ ପାଖରେ ରଖି ପାରିବେ? ରାଜ୍ୟପାଳ ମଧ୍ୟ ରାଷ୍ଟ୍ରପତିଙ୍କ ପରି ବିଲ ଉପରେ ସ୍ୱୀକୃତି ବେଳେ ସମାନ କ୍ଷମତା ଉପଭୋଗ କରିପାରିବେ କି?

ଏହି ଜଟିଳ ପ୍ରସଙ୍ଗ ସର୍ବୋଚ୍ଚ ଅଦାଲତଙ୍କ ସମୟ ସୀମା ନିର୍ଦ୍ଧାରଣ ନିର୍ଦ୍ଦେଶ ପରେ ଅଧିକ ବିତର୍କିତ ହୋଇପଡ଼ିଛି। ତାମିଲନାଡୁ ଏକମାତ୍ର ରାଜ୍ୟ, ଯେଉଁଠି ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ବିନାସ୍ୱୀକୃତିରେ ୧୦ ଗୋଟି ବିଲ ଆଇନରେ ପରିଣତ ହୋଇ କାର୍ଯ୍ୟକାରୀ ହୋଇସାରିଛି। ସାମ୍ବିଧାନିକ ବ୍ୟବସ୍ଥାକୁ ନେଇ ସର୍ବୋଚ୍ଚ ଅଦାଲତ ଓ ବ୍ୟବସ୍ଥାପିକା ମଧ୍ୟରେ ଏ ବିବାଦ ପ୍ରଥମ ନୁହଁ। ଏହାପୂର୍ବରୁ ଚମ୍ପକ ରାମ ଦୁରାଇ ରାଜନ ମାମଲାରେ କେନ୍ଦ୍ର ସରକାର, ୧୯୬୭ ମସିହାରେ ଗୋଲକ ନାଥ ମାମଲାରୁ ବିବାଦ ଆରମ୍ଭ ହୋଇ କେଶବାନନ୍ଦ ଭାରତୀ ମାମଲା ଯାଏଁ ଅନେକ ମାମଲାର ବ୍ୟବସ୍ଥାପିକା ଓ ନ୍ୟାୟପାଳିକା ଭିତରେ ବିବାଦ ଇତିହାସରେ ଲିପିବଦ୍ଧ ରହିଛି।

(ଆଇନଜୀବୀ)
ଭଦ୍ରକ, ମୋ: ୯୪୩୭୧୨୮୮୪୧

# ଇଚ୍ଛାପତ୍ର: ବରିଷ୍ଠ ନାଗରିକଙ୍କ ସୁରକ୍ଷା କବଚ

ଅନନ୍ତ ଚରଣ ସ୍ୱାଇଁ

କିଛିବର୍ଷ ତଳେ ନିଜର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ପୁଅ ନାଁରେ କରିଦେଲେ ଜଣେ ବିଶିଷ୍ଟ ଉଦ୍ୟୋଗପତି। ସମ୍ପତ୍ତି ହାତକୁ ଆସିବା ପରେ ପୁଅର ବ୍ୟବହାର ତାଙ୍କ ବୃଦ୍ଧ ପିତାଙ୍କ ପ୍ରତି ସମ୍ପୂର୍ଣ୍ଣ ବଦଳି ଗଲା। ବୃଦ୍ଧ ଜଣଙ୍କ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ ଯେ ତାଙ୍କ ଗେହ୍ଲା, ଅଲିଅଳ ଓ ଏପର୍ଯ୍ୟନ୍ତ ଅତ୍ୟନ୍ତ ନିଜର ବୋଲି ଭାବୁଥିବା ପୁଅ ସମ୍ପତ୍ତି ପାଇବା ପରେ ତାଙ୍କୁ ଘରୁ ତଡ଼ିଦେବ। କୋଟିକୋଟି ଟଙ୍କା, କୋଠାବାଡ଼ି, ଅସୁମାରୀ ସମ୍ପତ୍ତି ଅର୍ଜନ କରିଥିବା ବ୍ୟକ୍ତିଜଣଙ୍କ ପରିଣତ ବୟସରେ ଗୋଟିଏ ଛୋଟ ଭଡ଼ା ଘରେ ଏବେ ସେ ଅଭାବ ଅନଟନରେ ଦିନ କାଟୁଛନ୍ତି। ଆଉ ଏକ ଘଟଣା। ନିକଟରେ ଜଣେ ପ୍ରତିଷ୍ଠିତ ଧନୀ ବ୍ୟବସାୟୀଙ୍କ ହୃଦଘାତରେ ମୃତ୍ୟୁ ହେଲା। ସେ ଥିଲେ ଅବିବାହିତ। ଛାଡ଼ି ଯାଇଥିଲେ ଅଚଳାଚଳ ସମ୍ପତ୍ତି। ସେହି ସମ୍ପତ୍ତି ପାଇବା ପାଇଁ ତାଙ୍କ ନିକଟ ସମ୍ପର୍କୀୟ ଏବଂ କିଛି ସହକର୍ମୀଙ୍କ ମଧ୍ୟରେ କଳହ ଚରମସୀମାରେ ପହଞ୍ଚିଛି।

ସମାଜରେ ଏପରି ଅନେକ ଘଟଣା ନିତିଦିନ ଘଟୁଛି। ସେଥିରୁ କେତେକ ଲୋକଲୋଚନକୁ ଆସୁଛି ଏବଂ ଆଉ କେତେକ ଘଟଣାକୁ ଲୋକଲଜ୍ଜାରୁ ବଞ୍ଚିବା ପାଇଁ ଚପାଇ ଦିଆଯାଉଛି। ମୁଣ୍ଡ ଝାଳ ତୁଣ୍ଡରେ ମାରି, ଦିନରାତି ପରିଶ୍ରମ କରି ଧନସମ୍ପତ୍ତି ଅର୍ଜନ କରିବା ପଛର ଉଦ୍ଦେଶ୍ୟ ହେଉଛି, କିପରି ନିଜ ପରିବାର ସୁଖରେ ରହିବେ। କିନ୍ତୁ ଦେହାନ୍ତ ପରେ ଦିନେ ସେହି ଧନ ସମ୍ପତ୍ତିର ଭାଗ ବଣ୍ଟା ଉତ୍ତରାଧିକାରୀଙ୍କ ମଧ୍ୟରେ ମନାନ୍ତର, ମତାନ୍ତର ଓ କଳହ ସୃଷ୍ଟିର କାରଣ ହେବ, ଏହି କଥା ସେତେବେଳେ କେହି ଭାବି ନଥା’ନ୍ତି। ସମ୍ପତ୍ତି ଭାଗବଣ୍ଟାକୁ ନେଇ କଳହ କେବଳ ବିତ୍ତଶାଳୀଙ୍କ ଭିତରେ ସୀମିତ ନଥାଏ। ଏପରି ସ୍ଥିତିରେ ନିଜର ସୁରକ୍ଷା ପାଇଁ ‘ଇଚ୍ଛାପତ୍ର’ ବହୁତ ସହାୟକ ହୋଇଥାଏ। ଜୀବିତାବସ୍ଥାରେ ସ୍ୱଅର୍ଜିତ ସମ୍ପତ୍ତିର ସୁରକ୍ଷା, ସୁପରିଚାଳନା ଓ ମୃତ୍ୟୁ ପରେ ସେସବୁର ଉତ୍ତରାଧିକାରୀଙ୍କ ମଧ୍ୟରେ ବଣ୍ଟନର ସୁବ୍ୟବସ୍ଥା କରିବା ହେଉଛି ଇଚ୍ଛାପତ୍ରର ଲକ୍ଷ୍ୟ। ବିଶେଷକରି ବରିଷ୍ଠ ନାଗରିକମାନେ ନିଜ ଅର୍ଜିତ ଧନ ସମ୍ପତ୍ତି ଭୋଗ କରିବା ଅଧିକାରରୁ ବଞ୍ଚିତ ନହେବା ଏବଂ ଜୀବନକୁ ସରସ କରିବା ପାଇଁ ଇଚ୍ଛାପତ୍ର ହେଉଛି ଏକ ସୁରକ୍ଷିତ ଆୟୁଧ।

ଇଚ୍ଛାପତ୍ର (ୱିଲ୍) ହେଉଛି ଏକ ଆଇନଗତ ଦଲିଲ୍। ଏଥିରେ ଜଣେ ବ୍ୟକ୍ତି ନିଜ ସମ୍ପତ୍ତି ଅଧିକାର ତାଙ୍କ ଦେହାନ୍ତ ପରେ କାହାକୁ ଏବଂ କେମିତି ବଣ୍ଟନ କରାଯିବ ସେ ବିଷୟରେ ସବିଶେଷ ଲିପିବଦ୍ଧ ହୋଇଥାଏ। ଭାରତରେ ଇଚ୍ଛାପତ୍ର ବ୍ୟବସ୍ଥାକୁ ଇଣ୍ଡିଆନ ସକ୍ସେସନ ଆକ୍ଟ -୧୯୨୫, ହିନ୍ଦୁ ସକ୍ସେସନ ଆକ୍ଟ-୧୯୫୬, ହିନ୍ଦୁ ସକ୍ସେସନ( ଆମେଣ୍ଡମେଣ୍ଟ) ଆକ୍ଟ-୨୦୦୫, ମୁସଲିମ ପରସନାଲ ଲ’(ସରିଆତ) ଆପ୍ଲିକେସନ ଆକ୍ଟ-୧୯୩୭ ଅନୁସାରେ ପରିଚାଳିତ କରାଯାଏ। ଇଚ୍ଛାପତ୍ରର ବୈଧତା ସ୍ୱଷ୍ଟ କରିବା ପାଇଁ କେତେକ ସ୍ଥାନରେ ‘ପ୍ରୋବେଟ’ ଉପରେ ନିର୍ଭର କରାଯାଏ। ‘ପ୍ରୋବେଟ୍’ ହେଉଛି ଏକ ଆଇନଗତ ପ୍ରକ୍ରିୟା, ଯାହା ମାଧ୍ୟମରେ ମରଣୋତ୍ତର ଜଣେ ବ୍ୟକ୍ତିର ଇଚ୍ଛାପତ୍ର ନ୍ୟାୟାଧୀଶଙ୍କ ଦ୍ୱାରା ସ୍ୱୀକୃତି ପାଇଥାଏ। ଯଦି କୌଣସି ବ୍ୟକ୍ତି ଇଚ୍ଛାପତ୍ର ନ ଲେଖି ଇହଲୋକ ତ୍ୟାଗ କରନ୍ତି, ତାହାକୁ ‘ଇନ୍‌ଟେଷ୍ଟେଟ୍ ମୃତ୍ୟୁ’ କୁହାଯାଏ। ଏହି ପରିସ୍ଥିତିରେ, ତାଙ୍କ ସମ୍ପତ୍ତି କିପରି ଭାଗବଣ୍ଟା ହେବ ତାହା ଦେଶର ‘ଉତ୍ତରାଧିକାର ଆଇନ’ ଅନୁଯାୟୀ ନ୍ୟାୟାଳୟ ନିଷ୍ପତ୍ତି ନେଇଥାଏ।

ଅଭିଜ୍ଞ ଓକିଲ, ଚାର୍ଟର୍ଡ ଆକାଉଟାଣ୍ଟ କିମ୍ବା ଦକ୍ଷ ଆର୍ଥିକ ପରାମର୍ଶଦାତାଙ୍କ ପରାମର୍ଶ ନେଇ ଇଚ୍ଛାପତ୍ର ପ୍ରସ୍ତୁତ କରା ଯାଇପାରିବ। ଇଚ୍ଛାପତ୍ର ଲେଖିବା ସମୟରେ ଲେଖୁଥିବା ବ୍ୟକ୍ତିର ବୟସ ଅଠର କିମ୍ବା ତଦୂର୍ଦ୍ଧ୍ୱ ହେବା ସହ ମାନସିକ ସ୍ଥିତି ଭଲ ଥିବା ଦରକାର। ଦଲିଲରେ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ, କିଏ କେତେ ସମ୍ପତ୍ତି କେଉଁଠି ଓ କେତେବେଳେ ପାଇବ ସେ ସବୁର ସ୍ୱଷ୍ଟ ଉଲ୍ଲେଖ କରିବାକୁ ପଡ଼ିଥାଏ। ଇଚ୍ଛାପତ୍ରରେ ଅତିକମ୍‌ରେ ଦୁଇଜଣ ସାକ୍ଷୀଙ୍କ ଦସ୍ତଖତ ଥିବା ଦରକାର, ଯାହାକି ଏହାର ବୈଧତା ସୁନିଶ୍ଚିତ କରିଥାଏ। ଇଚ୍ଛାପତ୍ରକୁ ନୋଟାରାଇଜ ବା ପଞ୍ଜିକୃତ କରିବାରେ କୌଣସି ବାଧ୍ୟବାଧକତା ନାହିଁ। ପଞ୍ଜିକୃତ କଲେ ଦଲିଲର ଆଇନଗତ ବୈଧତା ବୃଦ୍ଧି ପାଏ।

ଇଚ୍ଛାପତ୍ର ପ୍ରସ୍ତୁତ କରିବାର କିଛି ନିର୍ଦ୍ଦିଷ୍ଟ ସମୟ ନାହିଁ। ଏହା ବ୍ୟକ୍ତିର ବ୍ୟକ୍ତିଗତ ନିଷ୍ପତ୍ତି। ତେବେ ବିବାହ ସମୟ, ପିଲାଙ୍କ ଜନ୍ମ, ବ୍ୟବସାୟର ପ୍ରାରମ୍ଭ, ସମ୍ପତ୍ତି କ୍ରୟ ବା ଉତ୍ତରାଧିକାରୀ ରୂପେ ସମ୍ପତ୍ତି ଅଧିଗ୍ରହଣ ହେଉଛି ଇଚ୍ଛାପତ୍ର କରିବାର ପ୍ରକୃଷ୍ଟ ସମୟ। ନିଜର ସ୍ୱାସ୍ଥ୍ୟ ସେବା ଜନିତ ଖର୍ଚ୍ଚକୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଦରକାର। ତେବେ ନିଜକୁ ସୁହାଇବା ଭଳି ଜୀବନକାଳରେ ଇଚ୍ଛାପତ୍ରକୁ କେବେ ମଧ୍ୟ ରଦ୍ଦ ବା ପରିବର୍ତ୍ତନ କରିହେବ।

ଇଚ୍ଛାପତ୍ରରେ ଜଣେ ନିର୍ବାହକଙ୍କ ନାମ ଉଲ୍ଲେଖ ଥାଏ। ବ୍ୟକ୍ତିର ଦେହାନ୍ତ ପରେ ତା’ ଇଚ୍ଛାପତ୍ରରେ ଉଲ୍ଲେଖ ଥିବା ତଥ୍ୟାନୁସାରେ ନିର୍ବାହକ କାର୍ଯ୍ୟ ସମ୍ପାଦନ କରିଥାଏ। ବ୍ୟକ୍ତିର ପରିବାର ପ୍ରତି ନୈତିକ ଦାୟିତ୍ୱ ଥାଏ। କୌଣସି କାରଣରୁ ତା’ର ହଠାତ ମୃତ୍ୟୁ ହେଲେ ପରିବାର ଉପରେ ଦୁଃଖ ମାଡ଼ିଆସେ। ପରିବାର କିମ୍ବା ପରିବାରରେ ଥିବା ନାବାଳକ ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଆନୁସଂଗିକ ଖର୍ଚ୍ଚର ପ୍ରାବଧାନ ଇଚ୍ଛାପତ୍ରରେ ଥିଲେ ବ୍ୟକ୍ତିର ଅସମୟରେ ଦେହାନ୍ତ ହେଲେ ମଧ୍ୟ ଉତ୍ତରାଧିକାରୀମାନେ ଆର୍ଥିକ ଅସୁବିଧାରେ ପଡ଼ି ନ ଥା’ନ୍ତି।

ବ୍ୟକ୍ତିର ନିଜ ଧନ ସମ୍ପତ୍ତି ଉପରେ ସମ୍ପୂର୍ଣ୍ଣ ଅଧିକାର ଥାଏ। ବଞ୍ଚିବା ଅବସ୍ଥାରେ ଏହି ସମ୍ପତ୍ତି ଅନ୍ୟମାନଙ୍କ ପାଖକୁ ଚାଲିଗଲେ ବ୍ୟକ୍ତି ନିଜର ଅଧିକାର ହରାଇ ବସେ। ଭରଣପୋଷଣ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଖର୍ଚ୍ଚ ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼େ। ଅନେକ ସଂସ୍କାରୀ ସନ୍ତାନ ବୃଦ୍ଧାବସ୍ଥାରେ ପିତାମାତାଙ୍କ ଯତ୍ନ ନେଇଥା’ନ୍ତି, ସମ୍ପତ୍ତି ପାଇବାର ଲାଳସା ସେମାନଙ୍କର ନଥାଏ। ଘରେ ଥାଏ ଏକ ସକାରାତ୍ମକ ପରିବେଶ। ଉତ୍ତରାଧିକାରୀଙ୍କ ମଧ୍ୟରେ ଉତ୍ତମ ସହଯୋଗ, ସହାନୁଭୂତି ମନୋଭାବ ଥିଲେ ଇଚ୍ଛାପତ୍ର ଦ୍ୱାରା ବ୍ୟକ୍ତିର ମରଣୋତ୍ତର ସମ୍ପତ୍ତି ବଣ୍ଟନ ପ୍ରକ୍ରିୟା ସହଜରେ ସଂଗଠିତ ହୋଇଥାଏ।

(ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ)
ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

## ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

**କମଳାଗୁଣ୍ଡି**

**ପ୍ରକୃତି-ପରିବେଶ**

କମଳାଗୁଣ୍ଡି ଏକ ସାଧାରଣ ବହୁବର୍ଷୀୟ ଉଦ୍ଭିଦ, ଯାହା ସାରା ଭାରତ ସମେତ ଆଫଗାନିସ୍ତାନ, ଶ୍ରୀଲଙ୍କା, ମାଲେସିଆ, ଚୀନ୍, ଫିଲିପାଇନ୍ସ ଓ ଅନ୍ୟାନ୍ୟ ଦକ୍ଷିଣ-ପୂର୍ବ ଏସୀୟ ଦେଶ ଏବଂ ଅଷ୍ଟ୍ରେଲିଆରେ ଦେଖାଯାଏ। ଏହା ତୁଷାରପାତ ଓ ମରୁଡ଼ି ପ୍ରତିରୋଧୀ। କମଳାଗୁଣ୍ଡିକୁ ବିଭିନ୍ନ ଅଞ୍ଚଳରେ କପିଳଗୁଣ୍ଡି, ପାଟଗୁଣ୍ଡା, କୁଙ୍କୁମ ନାମରେ ମଧ୍ୟ ପରିଚିତ।

ପ୍ରାୟ ୧୦ରୁ ୨୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରୁଥିବା କମଳାଗୁଣ୍ଡିର ଗଣ୍ଡି ୪୦ ସେମି ବ୍ୟାସ ବିଶିଷ୍ଟ। ଛାଲି ମସୃଣ କିମ୍ବା କୁଞ୍ଚିତ, ଧୂସର ରଙ୍ଗର। ଛୋଟ ଶାଖାଗୁଡ଼ିକ ଛୋଟ କେଶ ସହିତ ଆଚ୍ଛାଦିତ ଥାଏ। ପତ୍ରଗୁଡ଼ିକ ସରଳ, ଚମଡ଼ା ଭଳି, ବିକଳ୍ପ ଭାବରେ ସଜା ଯାଇଥିବା ଅଣ୍ଡାକାର କିମ୍ବା ଚତୁର୍ଭୁଜାକାର, ଲୋମଶ -ମଖମଲ, ୪ ରୁ ୧୨ ସେମି ଲମ୍ବା, ୨ ରୁ ୭ ସେମି ଚଉଡ଼ା। ପତ୍ରଗୁଡ଼ିକ ମୂଳରୁ ୩ ଶିରା ବିଶିଷ୍ଟ। ମାର୍ଚ୍ଚରୁ ଏପ୍ରିଲ ପର୍ଯ୍ୟନ୍ତ ଫୁଲ ଫୁଟେ ଏବଂ ଜୁଲାଇ-ଅଗଷ୍ଟରେ ଫଳ ପାଚିଥାଏ। ଏଥିରେ ପିମ୍ପୁଡ଼ିଙ୍କୁ ଆକର୍ଷିତ କରୁଥିବା ଅତିରିକ୍ତ ଫୁଲର ଅମୃତ ଥାଏ। ଫଳ ଏକ ତିନିଫାଳିଆ ଅଣ୍ଡାକୃତି, ପ୍ରଚୁର କମଳା କିମ୍ବା ଲାଲ ଗ୍ରନ୍ଥ ଦାନା ସହିତ କଳା ରଙ୍ଗର ୩ବୀଜ ଓ ୪ ମିମି ବ୍ୟାସ ବିଶିଷ୍ଟ।

ଏହି ଉଦ୍ଭିଦଟି ପାରମ୍ପରିକ ଭାବରେ ଫାଇଲେରିଆଲ୍, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟି-ଇନ୍‌ଫ୍ଲେମାଟୋରୀ, ଆଣ୍ଟି-ଏଚ୍ଆଇଭି ଏବଂ ଇମ୍ୟୁନିଏଟ୍-ନିୟନ୍ତ୍ରକ, ପ୍ୟୁଗେଟିଭ୍, ଆନ୍ଥେଲମିଣ୍ଟିକ୍, ଡିଟରଜେଣ୍ଟ, କାର୍ମିନେଟିଭ୍, ଆଲେକ୍ସିଟେରିକ ଭାବେ ବ୍ୟବହୃତ ହୁଏ। ଶ୍ୱାସରୋଗ, ପେଟ ରୋଗ, ପ୍ଲୀହା ବୃଦ୍ଧି, ପେଟ ଘା’, କୃମି, ଚର୍ମରୋଗ, ଆଣ୍ଟିମାଇକ୍ରୋବାୟଲ୍, ଆଣ୍ଟିପାରାସାଇଟିକ୍ ଇତ୍ୟାଦି ଚିକିତ୍ସାରେ ଏହା ଉପଯୋଗୀ। ଆୟୁର୍ବେଦ ଅନୁସାରେ, ପତ୍ରଗୁଡ଼ିକ ତିକ୍ତ, ଶୀତଳ ଓ ଭୋକବର୍ଦ୍ଧକ। ଏହାକୁ ମୌଖିକ ଗର୍ଭ ନିରୋଧକ ଭାବରେ ଏବଂ ତେଲକୁ କେଶ-ନିର୍ଦ୍ଦିଷ୍ଟକ ଭାବରେ ବ୍ୟବହାର କରାଯାଏ। ବିହନରୁ ତିଆରି ପିଠାକୁ ଜୈବ ସାର ଭାବରେ ବ୍ୟବହାର କରାଯାଏ। ଉଦ୍ଭିଦର ବିଭିନ୍ନ ଅଂଶରେ ଥିବା ଫାଇଟୋକେମିକାଲ୍ସରେ ବିଭିନ୍ନ ପ୍ରାକୃତିକ ଜୈବିକ ଉପାଦାନ, ଯଥା ଫେନୋଲ୍ସ, ଡାଇଟରପେନୋଇଡ୍ସ, ଷ୍ଟେରଏଡ୍ସ, ଫ୍ଲାଭୋନୋଇଡ୍ସ, କାର୍ଡେନୋଲାଇଡ୍ସ, ଟ୍ରାଇଟରପେନୋଇଡ୍ସ, କୁମାରିନ, ଆଇସୋକୋମାରିନ୍ସ, ଆଣ୍ଟିଅକ୍ସିଡାଣ୍ଟ କାରକ ଟାନିନ୍, ଅଣସାଚୁରାଇଜଡ୍ ଫ୍ୟାଟି ଏସିଡ୍ ବା ଟ୍ରିପଲିଅନସାଚୁରାଡ୍ ହାଇଡ୍ରୋକ୍ସି ଏସିଡ୍ କାମଲୋଲେନିକ୍ ଏସିଡ୍, ଗ୍ଲିସେରାଇଡ, ରୋଟଲେରିନ୍, ଆଇସୋରୋଟଲେରିନ୍ ଆଦି ଭରପୂର ରହିଛି। ମାଲୋଟୋକ୍ସିନ୍ ଓ ରୋଟଲେରିନ୍ କର୍କଟ ଉପଚାର କେମୋଥେରାପିରେ ଉପଯୋଗ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ପରିପକ୍ୱ ଫଳଗୁଡ଼ିକ ଲାଲ ବାଦାମୀ ପାଉଡର ପଦାର୍ଥରେ ଆଚ୍ଛାଦିତ ହୋଇଥାଏ, ଯାହା ହାତରେ ଫଳଗୁଡ଼ିକୁ ହଲାଇ ଏବଂ ଘଷି କପଡ଼ାରେ ସଂଗ୍ରହ କରାଯାଏ। ସଂଗୃହୀତ ପଦାର୍ଥ ସୂକ୍ଷ୍ମ, ଦାନାଦାର ପାଉଡର, ଅଦ୍ରବଣୀୟ ହୋଇଥିବାରୁ ପାଣିରେ ଭାସମାନ ରହିଥାଏ। ଏହା ଫୁଟୁଥିବା ପାଣିରେ ସାମାନ୍ୟ ଦ୍ରବଣୀୟ, କିନ୍ତୁ ଇଥର ଓ ଆଲକାହୋଲରେ ଯଥେଷ୍ଟ ଦ୍ରବଣୀୟ ଏବଂ ଗଭୀର-ଲାଲ ଦ୍ରବଣ ଗଠନ କରେ। ଏହାର ମୁଖ୍ୟ ରଙ୍ଗ ଉପାଦାନ ହେଉଛି ରୋଟଲେରିନ୍, ଆଇସୋରୋଟଲେରିନ୍, ଯାହା ରେଶମ, ପଶମ, ଖାଦ୍ୟ ଓ ପାନୀୟ ପଦାର୍ଥ ରଙ୍ଗକୁ ରଙ୍ଗ କରିବା ପାଇଁ ଉପଯୁକ୍ତ ଉତ୍ପାଦନ ଏବଂ କସମେଟିକ୍ ପ୍ରସାଧନ ପ୍ରସ୍ତୁତ ପାଇଁ ବ୍ୟବହୃତ ହୁଏ।

ଏହାର କାଠ ହାଲୁକା ଓ ଶକ୍ତ ଥିବାରୁ କୃଷି ଉପକରଣ, ଆସବାବ ନିର୍ମାଣ, କାଗଜ ପଲ୍ପ ବା ମଣ୍ଡ ପାଇଁ ଉପଯୋଗୀ। ଶୁଖିଲା ବିହନକୁ ୬ ମାସ ପର୍ଯ୍ୟନ୍ତ ଶୁଖିଲା ସ୍ଥାନରେ ଅଖା ବା ଗନି ବ୍ୟାଗରେ କିମ୍ବା ଟିଣରେ ସଂରକ୍ଷଣ କରାଯାଇପାରିବ। ଏହାକୁ ବର୍ଷା ଋତୁ ଆରମ୍ଭରେ ବିହନ ଭାବରେ ବୁଣା ଯାଇପାରିବ। ଗଛର ମୂଳରୁ ମଧ୍ୟ ଆପେ ନୂତନ ଚାରା ଗଛ ମୁକ୍ତ ଭାବରେ ଉତ୍ପନ୍ନ ହୋଇ ବଂଶ ବିସ୍ତାର ହୁଏ। ବହୁମୁଖୀ ଗୁଣ ପାଇଁ ଏହି ଜଙ୍ଗଲୀ ଗଛର ସଂରକ୍ଷଣ ଜରୁରୀ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦


ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342




ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଲଇକେରାରେ ତେଜିଲା ମଦ ବିରୋଧୀ ଅଭିଯାନ

# ପ୍ଲାକାର୍ଡ ଧରି ଗାଁ ଗାଁ ବୁଲିଲେ ଶତାଧିକ ମହିଳା




**ସୁନ୍ଦରଗଡ଼, ୧।୬(ସମିସ):** ହେମଗିରି ବ୍ଲକ୍ ଅନ୍ତର୍ଗତ ଲଇକେଲା ପଞ୍ଚାୟତର ସରପଞ୍ଚ ଦିନେଶ ନାଏକଙ୍କ ଉଦ୍ୟମକ୍ରମେ ପଞ୍ଚାୟତରେ ମଦ ବିରୋଧୀ ଅଭିଯାନ ତେଜିବାରେ ଲାଗିଛି। କିଛି ଦିନ ତଳେ ଗୋପାଳପୁର ଲାଇସେନ୍ସପ୍ରାପ୍ତ ମଦଭାଟିକୁ ଲଇକେରାକୁ ସ୍ଥାନାନ୍ତର

### ମଦ ମାଫିଆଙ୍କୁ ପଞ୍ଚାୟତ ଛାଡ଼ିବାକୁ ଚେତାବନୀ

ପାଇଁ ପ୍ରଶାସନର ନିଷ୍ପତ୍ତି ବିରୋଧରେ ଗ୍ରାମସଭାରେ ପ୍ରସ୍ତାବ ଗୃହୀତ ହୋଇଥିବା ବେଳେ ଆଜି ଶତାଧିକ ମହିଳା ଶୋଭାଯାତ୍ରାରେ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରି ମଦ ବିରୋଧରେ ସଚେତନତା ସୃଷ୍ଟି କରିଛନ୍ତି।

ଏହି ଶୋଭାଯାତ୍ରାରେ ନଙ୍ଗଲକଟା, ଠିଟେଇଟାଙ୍ଗର, ଲଇକେରା, ସାରେଶମାଲ, ବନ୍ଧପାଲି, କାଲୋବାହାଲ, ବାଲିଯୋରୀ ଗ୍ରାମର ଶତାଧିକ ମହିଳା ସାମିଲ ହୋଇ ମଦଭାଟି ବିରୁଦ୍ଧରେ ତୀବ୍ର ସ୍ୱର ଉତ୍ତୋଳନ କରିଥିଲେ। ସେମାନେ ହାତରେ ମଦ ବିରୋଧୀ ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ବିଭିନ୍ନ ସ୍ଲୋଗାନ ଦେଇ ପଞ୍ଚାୟତର ଗୋଟିଏ ପରେ ଗୋଟିଏ ଗାଁ ମାଡ଼ି ଚାଲିଥିଲେ। ମଦମୁକ୍ତ ପଞ୍ଚାୟତ ଗଠନ କରିବାକୁ ଗାଁ ଲୋକଙ୍କୁ ପ୍ରବର୍ତ୍ତାଇଥିଲେ। ପଞ୍ଚାୟତବାସୀଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଗୋପାଳପୁର ମଦଭାଟିକୁ ଲଇକେରାରେ ସ୍ଥାପନ ଉଦ୍ୟମରୁ ପ୍ରଶାସନ ନଓହରିଲେ, ନିଆଁ ଜଳିବ ବୋଲି ଚେତାଇ ଦେଇଥିଲେ। ମଦ ମାଫିଆମାନଙ୍କୁ ମଧ୍ୟ ପଞ୍ଚାୟତ ଛାଡ଼ି ଚାଲିବାକୁ ଚେତାବନୀ ଦେଇଛନ୍ତି। ମଦ୍ୟପାନ ଯୋଗୁଁ ଘରେ, ବାହାରେ, ଗାଁରେ ଅଶାନ୍ତିକର ବାତାବରଣ ସୃଷ୍ଟି ହେବା, ନାନା ରୋଗବ୍ୟାଧିରେ ପଡ଼ି ଅକାଳରେ ଜୀବନ ଯିବା, ଗାଁ ଗାଁରେ ବିଧବା ସଂଖ୍ୟା ବଢ଼ି ଚାଲିବା, ଯୁବପିଢ଼ି ବିପଥଗାମୀ ହେବା ଆଦି ସେମାନେ ଅଭିଯୋଗ କରିଛନ୍ତି। ଯେତେ ଯାହା ମୂଲ୍ୟ ଦେବାକୁ ପଡ଼ିଲେ ବି ଆଗାମୀ ଦିନରେ ଏହି ମଦ ବିରୋଧୀ ଆନ୍ଦୋଳକୁ ଆହୁରି ତୀବ୍ରତର କରାଯିବ ବୋଲି ସେମାନେ କହିଛନ୍ତି।

## ଏମ୍‌ଭି ଆକ୍ଟରେ ପୁଲିସକୁ କ୍ଷମତା

# ଯାନବାହନ ଯାଞ୍ଚ ସହ କରିପାରିବେ ଜରିମାନା ଆଦାୟ

**ଭୁବନେଶ୍ୱର,୧।୬(ସମିସ):** ରାଜ୍ୟର ସମସ୍ତ ସହରାଞ୍ଚଳରେ ପୁଲିସକୁ ମୋଟର ଯାନ ସମ୍ପର୍କିତ ସମସ୍ତ ଯାଞ୍ଚ କ୍ଷମତା ସହ ଜରିମାନା ଆଦାୟ କ୍ଷମତା ଦେବା ପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ରାଜ୍ୟ ପରିବହନ କମିସନର ଏକ ଚିଠି ଲେଖି ଏ ସମ୍ପର୍କରେ ନିଷ୍ପତ୍ତି ନେବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ନିବେଦନ କରିଛନ୍ତି।

ମୋଟର ଯାନ ଆଇନ(ଏମ୍‌ଭି ଆକ୍ଟ)-୧୯୮୮ ଅନୁଯାୟୀ ସଂପ୍ରତି ପୁଲିସକୁ କିଛି କ୍ଷମତା ପ୍ରଦାନ କରାଯାଇଛି। ଏହି କ୍ଷମତା ବଳରେ ପୁଲିସ ପକ୍ଷରୁ ହେଲ୍‌ମେଟ୍ ଓ ଭୁଲ୍ ଦିଗରେ ଗାଡ଼ି ଚାଳନା, ଟ୍ରିପଲ୍ ରାଇଡର ଓ ସିଟ୍ ବେଲ୍ଟ ନ ବାନ୍ଧିବା ଭଳି ନିୟମ ଉଲ୍ଲଙ୍ଘନ ପାଇଁ ଜରିମାନା ଆଦାୟ କରାଯାଉଛି। ମାତ୍ର ଆଗକୁ ପୁଲିସକୁ ଏ କ୍ଷେତ୍ରରେ ଅଖଣ୍ଡ କ୍ଷମତା ଦେବା ପାଇଁ ପରିବହନ ବିଭାଗ ପକ୍ଷରୁ ବିଚାର କରାଯାଉଛି। ଯଦିଓ ରାଜ୍ୟରେ ଦୁର୍ଘଟଣା ହ୍ରାସକୁ ଆକଳନ କରି ବିଭାଗ ଏଭଳି ନିଷ୍ପତ୍ତି ନେବା ପାଇଁ ଯୋଜନା କରୁଛି, ହେଲେ ବିଭାଗର ଏଭଳି ନିଷ୍ପତ୍ତି ପଛରେ ଅନ୍ୟ କିଛି ଉଦ୍ଦେଶ୍ୟ ରହିଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ରାଜ୍ୟ ପରିବହନ କମିସନରଙ୍କ ପକ୍ଷରୁ ଲିଖିତ ଚିଠିରେ ଦର୍ଶାଯାଇଛି ଯେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ପୁଲିସ ଷ୍ଟେସନରେ ନିଯୁକ୍ତ ସବ-ଇନ୍ସପେକ୍ଟର ପଦବୀ ଏବଂ ତା'ଠାରୁ ଅଧିକ ପାହ୍ୟାର ପୁଲିସ ଅଧିକାରୀ, ଓ ଗ୍ରାମାଞ୍ଚଳରେ ନିଯୁକ୍ତ ସହକାରୀ ସବ-ଇନ୍ସପେକ୍ଟର ପଦବୀ ଏବଂ ତା'ଠାରୁ ଅଧିକ ପାହ୍ୟାର ଅଧିକାରୀ ଏବଂ ରାଜ୍ୟର ସମସ୍ତ ଟ୍ରାଫିକ ପୁଲିସ ଷ୍ଟେସନକୁ ଏମ୍‌ଭି ଆକ୍ଟ-୧୯୮୮ର ଧାରା ୧୮୦, ୧୮୧, ୧୮୪ (କ), ୧୮୪ (ଖ), ୧୮୪ (ଘ), ୧୮୪ (ଇ), ୧୮୪ (ଚ), ୧୮୫, ୧୯୨, ୧୯୬ ଅନୁଯାୟୀ ଦଣ୍ଡନୀୟ ମୋଟରଯାନ ଏବଂ ଯୌଗିକ ଅପରାଧ ଯାଞ୍ଚ କରିବାକୁ ଅଧିକାର ଦିଆଯାଇପାରେ। ଏହି ନିଷ୍ପତ୍ତି ବଳରେ ପୁଲିସ ଅଧିକାରୀମାନେ ପୂର୍ବ କ୍ଷମତା ସାଙ୍ଗକୁ ଫିଟ୍‌ନେସ୍, ଇନ୍‌ସ୍ୟୁରାନ୍ସ, ପର୍‌ମିଟ୍, ରେଜିଷ୍ଟ୍ରେସନ୍ ଆଦି କ୍ଷେତ୍ରରେ ମଧ୍ୟ ଜରିମାନା ଆଦାୟ କରିପାରିବେ।

ବରିଷ୍ଠ ଆଇନଜୀବୀ ତଥା ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ କହିଛନ୍ତି ଯେ ଗୋଟିଏ ଘଟଣା ପାଇଁ ପୁଲିସ ଓ ପରିବହନ ବିଭାଗକୁ ମିଳିତ ଭାବେ କ୍ଷମତା ଦିଆଯାଇପାରିବ ନାହିଁ। ଏହାଦ୍ୱାରା ଲୋକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବାର ଆଶଙ୍କା ରହିଛି। ଯାହାକୁ ନେଇ ପୂର୍ବରୁ ମାସାନୀ କମିସନ ଆପତ୍ତି ଉଠାଇବା ସହ ଏଭଳି ନିୟମ କାର୍ଯ୍ୟକାରୀ ନ କରିବାକୁ ସୁପାରିସ୍ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନ ପୁଲିସ ନିଜ କ୍ଷମତା ବଳରେ ଯେଉଁ ଜରିମାନା ଅର୍ଥ ଆଦାୟ କରୁଛି, ଏହି ଅର୍ଥକୁ ମାସ ମାସ ଧରି କୋର୍ଟକୁ ପଠାଉନାହିଁ। ପୁଣି ଯେଉଁ ଦଫାଗୁଡ଼ିକରେ ପୁଲିସକୁ କ୍ଷମତା ଦେବା ପାଇଁ ଯୋଜନା ହେଉଛି, ସେହି ଦଫାରେ ଜରିମାନାର ପରିମାଣ ବହୁ ଅଧିକ ରହିଛି। ତେଣୁ ପୁଲିସକୁ ଏମ୍‌ଭି ଆକ୍ଟରେ ଯାନ ଯାଞ୍ଚ ଓ ଜରିମାନା ଆଦାୟ କ୍ଷମତା ଦିଆଗଲେ ପରିବହନ ବିଭାଗର ଆର୍ଥିକ ସ୍ଥିତି ବିଗିଡ଼ିଯିବା ସହ ପୁଲିସ ବିଭାଗ ଅଧିକ ଶକ୍ତିଶାଳୀ ହେବ ବୋଲି ଶ୍ରୀ ନନ୍ଦ ମତ ଦେଇଛନ୍ତି।

# ଓମ୍‌ଫେଡ୍‌ର ଏ-୨ କ୍ଷୀର, ଏ-୨ ଘିଅ ବିକ୍ରି ଆରମ୍ଭ



**ଭୁବନେଶ୍ୱର,୧।୬(ସମିସ):** ବିଶ୍ୱ ଦୁଗ୍ଧ ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓମଫେଡ୍ ବାଲ୍ଟି ଦହି, ଏ-୨ ମିଲ୍କ, ଏ-୨ ଘିଅର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂତନ ଗୋଶାଳା ପ୍ରତିଷ୍ଠା ଓ ପଞ୍ଜିକୃତ ଗୋଶାଳାକୁ ସହାୟତା ଲକ୍ଷ୍ୟରେ ସରକାର ୧୮୬ କୋଟି ଟଙ୍କା ବ୍ୟୟ ଅଟକଳରେ "ମୁଖ୍ୟମନ୍ତ୍ରୀ ପ୍ରାଣୀକଲ୍ୟାଣ ଯୋଜନା'ର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଲୋକସେବା ଭବନ ସମ୍ମେଳନ କକ୍ଷଠାରେ ରାଜ୍ୟସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସରେ ରାଜ୍ୟର ଓମ୍‌ଫେଡ୍ ଦୁଗ୍ଧ ଉତ୍ପାଦକମାନଙ୍କୁ ସରକାରଙ୍କ ତରଫରୁ ଲିଟର ପିଛା ୩ ଟଙ୍କା ଅଧିକ ଦାମ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଏହା ସହିତ ଓମଫେଡ ଚାଷୀମାନଙ୍କୁ ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ରାଶି ୧ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ

# ବିଷ ପିଇଦେଲେ ପୀଡ଼ିତା

**ବଲଙ୍ଗା, ୧।୬ (ସମିସ):** ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯିବା ଓ ଏଥିଯୋଗୁଁ ପୀଡ଼ିତାଜଣଙ୍କ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇଦେବା ଭଳି ଘଟଣା ଆଜି ପୁରୀ ଜିଲ୍ଲା ବଲଙ୍ଗା ଥାନା ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଗୁରୁତର ନାବାଳିକାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ପୁରୀ ଡାକ୍ତରଖାନା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଅଭିଯୁକ୍ତକୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

ସୂଚନା ମୁତାବକ, ନାବାଳିକାଜଣଙ୍କ କତା କାମ କରିବାକୁ ଯାଇଥିଲେ। ମଧ୍ୟାହ୍ନରେ ଘରକୁ ଫେରିବା ବେଳେ ଶୋଷ ଲାଗିବାରୁ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ପାଣି ପିଇବା ପାଇଁ ଯାଇଥିଲେ। ସେହି ସମୟରେ ଉକ୍ତ ବ୍ୟକ୍ତିଙ୍କ ଘରେ ଇଲେକ୍ଟ୍ରି କାମ କରୁଥିବା ଜଣେ ଯୁବକ ନାବାଳିକାକୁ ଏକୁଟିଆ ପାଇ ଅସଦାଚରଣ କରିଥିଲା। ଏପରିକି, ତାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲ। ତେବେ ନାବାଳିକା ଜଣକ ପାଟି କରିବାରୁ ଅଭିଯୁକ୍ତଜଣଙ୍କ ଧରାପଡ଼ିଯିବା ଭୟରେ ତାଙ୍କୁ ଛାଡ଼ି ଦେଇଥିଲା। ଏ ସଂପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ବି ଧମକ ଦେଇଥିଲା। ପୀଡ଼ିତାଜଣଙ୍କ ବହୁ କଷ୍ଟରେ ଘରେ ପହଞ୍ଚିଥିଲେ। ସେ ସମୟରେ ତାଙ୍କ ବାପା-ମା' ଘରେ ନଥିବାରୁ ଫୋନ୍ କରି ସମସ୍ତ ଘଟଣା ଜଣାଇବା ସହ ତୁରନ୍ତ ଘରକୁ ଆସିବାକୁ କହିଥିଲେ। ତେବେ ନାବାଳିକାଙ୍କ ବାପା-ମା' ଘରେ ପହଞ୍ଚିବା ବେଳକୁ ନାବାଳିକାଜଣଙ୍କ କୀଟନାଶକ ପିଇ ସାରିଥିଲେ। ପରିବାରଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।

# ପେଟ୍ରୋଲ ପମ୍ପରୁ ଟ୍ରକ୍‌ଭର୍ତ୍ତି ବିସ୍ଫୋରକ ଜବତ

**ରାଉରକେଲା, ୧।୬(ସମିସ):** ମେ' ୨୭ତାରିଖରେ ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖାଦାନକୁ ଯାଉଥିବା ବିସ୍ଫୋରକ ବୋଝେଇ ଗାଡ଼ି ଲୁଟ୍ ଘଟଣା ପୁଲିସ୍‌ର ନିଦ ହଜାଇ ଦେଇଥିବା ବେଳେ ରବିବାର ପୁଣି ବିପୁଳ ବିସ୍ଫୋରକ ବୋଝେଇ ଦୁଇଟି ମିନିଟ୍ରକ୍ ଦେଓଗାଁସ୍ଥିତ ରାଉରକେଲା ପେଟ୍ରୋଲ ପମ୍ପରୁ ଜବତ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ବଡ଼ଗାଁ ଇତମାସ୍ଥିତ ବାରୁଦ ଗୋଦାମକୁ ପୁଲିସ୍ ସିଲ କରିଥିବା ବେଳେ ଉକ୍ତ ଗୋଦାମରୁ କିପରି ପୁଣି ବାରୁଦ ଆସିଲା, ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣାରେ ପୁଲିସ୍ ଗୋଦାମ ମାଲିକ ଶ୍ରବଣ ଅଗ୍ରୱାଲଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ, ଗତ ୨୭ ତାରିଖ ଦିନ ୩୦ରୁ ୪୦ଜଣ ସଶସ୍ତ୍ର ମାଓବାଦୀ ସରଣ୍ଡା ଜଙ୍ଗଲରେ ଥିବା ବାଙ୍କୋ ଷ୍ଟୋନ୍ କ୍ୱାରୀ ନିକଟରୁ ୫ଟନ୍ ବୋଝେଇ ଏକ ମିନି ଟ୍ରକ୍‌କୁ ଲୁଟ୍ କରିବା ଘଟଣା ଓଡ଼ିଶା ଓ ଝାଡ଼ଖଣ୍ଡ ପୁଲିସ୍ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏହି ଘଟଣା ପରେ ବଡ଼ଗାଁସ୍ଥିତ ଇତମାରେ ଥିବା ଶ୍ରବଣ ଅଗ୍ରୱାଲଙ୍କ ଲାଇସେନ୍ସପ୍ରାପ୍ତ ବିସ୍ଫୋରକ ଗୋଦାମକୁ ସିଲ୍ କରାଯାଇଥିଲା। ହେଲେ ରବିବାର ଉକ୍ତ ଗୋଦାମର ବିପୁଳ ବିସ୍ଫୋରକ ଦୁଇଟି ମିନି ଟ୍ରକ୍‌ରେ ଭର୍ତ୍ତି ହୋଇ ଦେଓଗାଁସ୍ଥିତ ରାଉରକେଲା ପେଟ୍ରୋଲ ପମ୍ପରେ ପାର୍କିଂ ହୋଇଥିବା ବେଳେ ରଘୁନାଥପାଲି ଥାନା ପୁଲିସ ଜବତ କରିଛି। ଦୁଇଟି ଗାଡ଼ିରୁ ପ୍ରାୟ ୧୧୬ ପ୍ୟାକେଟ୍ ଜିଲେଟିନ, ୪୧୬ ଡେଟୋନେଟର, ୧୫ ପେଟିରେ ୭୫୦ ମିଟର ତାର ଥିବା ସୂଚନା ମିଳିଛି। ଗାଡ଼ି ଦୁଇଟି କିଛି ଦିନ ହେଲା ପେଟ୍ରୋଲ ପମ୍ପରେ ପାର୍କିଂ ହୋଇଥିଲା। ଗୋଦାମ ସିଲ୍ ହେବା ଦିନଠାରୁ ବିସ୍ଫୋରକ ଗୋଦାମ ମାଲିକ ଶ୍ରବଣଙ୍କ ଉପରେ ପୁଲିସ ନଜର ରଖିଥିଲା। ଆଜି ଶ୍ରବଣ ପେଟ୍ରୋଲ ପମ୍ପରେ ପହଞ୍ଚିବା ପରେ ପୁଲିସ୍ ତାଙ୍କୁ ମାଡ଼ି ବସିଥିଲା।

**୨ଟି ମିନି ଟ୍ରକ୍‌ରେ ଥିଲା ୧୧୬ ପ୍ୟାକେଟ୍ ଜିଲେଟିନ, ୪୧୬ ଡେଟୋନେଟର**

**ବଡ଼ଗାଁ ଗୋଦାମ ସିଲ୍ ସତ୍ତ୍ୱେ ପୁଣି ବିସ୍ଫୋରକ ଚାଲାଣକୁ ନେଇ ପ୍ରଶ୍ନ**

**ମାଲିକକୁ ଅଟକ ରଖି ପଚରାଉଚରା**

ଜଣେ ବରିଷ୍ଠ ପୁଲିସ୍ ଅଧିକାରୀ କହିଛନ୍ତି, ଶ୍ରବଣଙ୍କ ଗୋଦାମ ସିଲ୍ ଥିଲେ ହେଁ ସେ ଏହି ଦୁଇଟି ଗାଡ଼ିରେ ବେଆଇନ ଭାବେ ବିସ୍ଫୋରକ ରଖିଥିଲେ। ପୁଲିସ୍ ଶ୍ରବଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅପରପକ୍ଷେ, ଗୋଦାମ ସିଲ୍ ହେବା ଆଗରୁ ବିସ୍ଫୋରକ ଚାଲାଣ ହୋଇଥିଲା କି ସିଲ୍ ହେବା ପରେ ଚାଲାଣ ହୋଇଥିଲା, ତାହା ଜଣାପଡ଼ିନାହିଁ। କେଉଁ ଉଦ୍ଦେଶ୍ୟରେ ବିସ୍ଫୋରକ ପେଟ୍ରୋଲ ପମ୍ପଠାରେ ରଖାଯାଇଥିଲା, ସେନେଇ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ପୁଲିସ ପକ୍ଷରୁ କୌଣସି ସଠିକ୍ ତଥ୍ୟ ଦିଆଯାଇନାହିଁ।

# କୃଷି ଅଧିକାରୀଙ୍କୁ ଅର୍ଥନୈତିକ ବିଶ୍ଳେଷଣ ପ୍ରଶିକ୍ଷଣ

**ଭୁବନେଶ୍ୱର,୧।୬(ସମିସ):** କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ "ତଥ୍ୟ ବ୍ୟାଖ୍ୟା ଏବଂ ଅର୍ଥନୈତିକ ଫଳାଫଳ ବିଶ୍ଳେଷଣ ଉପରେ କ୍ଷମତା ସୁଦୃଢ଼ୀକରଣ ତାଲିମ' ଶୀର୍ଷକ ପ୍ରଶିକ୍ଷଣର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଛି। ବିଭାଗୀୟ ଅଧିକାରୀ ଏବଂ ଅଂଶୀଦାରମାନଙ୍କୁ କୃଷି ନୀତି ପ୍ରଣୟନ, କ୍ଷେତ୍ରସ୍ତରୀୟ ଯୋଜନା ସଂପର୍କରେ ଅବଗତ କରାଇବା ପାଇଁ ଏହି ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଭାଗୀୟ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। କୃଷି ଉପନିର୍ଦ୍ଦେଶକ ଡଃ ସଂଗ୍ରାମ କେଶରୀ ପଟ୍ଟନାୟକ ଓ କୃଷି ସହକାରୀ ନିର୍ଦ୍ଦେଶକ ନଗେନ କୁମାର ମଲ୍ଲିକ କର୍ମଶାଳାରେ ଅଧିକାରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ପ୍ରଶିକ୍ଷଣ କର୍ମଶାଳାରେ ବିଭିନ୍ନ ପ୍ରମୁଖ ସଂସ୍ଥାର ପ୍ରତିନିଧିମାନେ ସାମିଲ ଥିଲେ। ଅଧିବେଶନ ଶେଷରେ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

# ଛାତ୍ରଛାତ୍ରୀଙ୍କ ଯାତାୟାତକୁ ସଂପୂର୍ଣ୍ଣ ମାଗଣା କରାଯାଉ: ଛାତ୍ର କଂଗ୍ରେସ

**ଭୁବନେଶ୍ୱର,୧।୬(ସମିସ):** ସରକାରୀ ପରିବହନ ସେବାରେ ଛାତ୍ରଛାତ୍ରୀଙ୍କ ପାଇଁ ବସ୍ ସେବା ସଂପୂର୍ଣ୍ଣ ମାଗଣା କରାଯିବା ସହ ବେସରକାରୀ କ୍ଷେତ୍ରରେ ୫୦ ପ୍ରତିଶତ ରିହାତିର ବ୍ୟବସ୍ଥା କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଆସନ୍ତା ଜୁନ୍ ୧୦ ତାରିଖ ଭିତରେ ଏହାକୁ କାର୍ଯ୍ୟକାରୀ କରିବାକୁ ଛାତ୍ର କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଏଭଳି ଦାବି ରଖାଯାଇଛି। ନଚେତ୍ ରାଜ୍ୟର କୋଣ ଅନୁକୋଣରେ ଛାତ୍ର କଂଗ୍ରେସ ପକ୍ଷରୁ ଜୋରଦାର୍ ବିକ୍ଷୋଭ କରାଯିବ ବୋଲି ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ କହିଛନ୍ତି। ଏ ସଂପର୍କରେ ଗତକାଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ, ପ୍ରଦେଶ କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ, ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅବଶିଷ୍ଟାଂଶ

### ୟୁକ୍ରେନ ଡ୍ରୋନ୍‌ର...

ୟୁକ୍ରେନ ସହରଗୁଡ଼ିକୁ ନିଶାଣ କରି ଆକ୍ରମଣ କରିଥାନ୍ତି। ପ୍ରାରମ୍ଭିକ ଆକଳନ ଅନୁଯାୟୀ ୨ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୧୭ ହଜାର କୋଟିରୁ ଅଧିକ ଟଙ୍କାର କ୍ଷତି ହୋଇଛି। ରୁଷର ବେଲାୟା ଏୟାରବେସ୍ ୟୁକ୍ରେନ ସୀମାରୁ ପ୍ରାୟ ୪ ହଜାର କିମି ଏବଂ ଓଲେନ୍ୟା ଏୟାରବେସ୍ ପ୍ରାୟ ୧୮୦୦ କିମି ଦୂରରେ ଅବସ୍ଥିତ। ଏହି ଆକ୍ରମଣ ମସ୍କୋ ପାଇଁ ବଡ଼ ଧକ୍କା ସାବ୍ୟସ୍ତ ହୋଇଛି। ଏହା ଯୁଦ୍ଧକୁ ନୂଆ ଗତି ଦେଇପାରେ। ରୁଷ୍ ୟୁକ୍ରେନ ବିରୋଧରେ ବଡ଼ଧରଣର ଆକ୍ରମଣ କରିପାରେ। ଏବେ ରୁଷ ସେନା ସତର୍କ ହୋଇଯାଇଛି। ଡ୍ରୋନ ଆକ୍ରମଣ ମଧ୍ୟ ବନ୍ଦ ହୋଇଯାଇଛି। ୟୁକ୍ରେନ ଏହାର ନାମ ପାଭୁତିନା କୁମ୍ଭା ୱେବ ରଖାଯାଇଥିଲା। ଏହି ଆକ୍ରମଣର ୟୁକ୍ରେନ୍‌ର ସାମରିକ କ୍ଷମତାକୁ ମଧ୍ୟ ପ୍ରଦର୍ଶିତ କରୁଛି।

ଏସ୍‌ବିୟୁ ପକ୍ଷରୁ କୁହାଯାଇଛି ଯେ ଡ୍ରୋନଗୁଡ଼ିକ ରୁଷକୁ ଗଭୀର ଆଘାତ ଦେଇଛି। ଏହା ରୁଷ୍ ଭିତରେ ପ୍ରବେଶ କରି ଟିୟୁ-୯୫, ଟିୟୁ-୨୨ ଭଳି ବଡ଼ ବୋମା ବିସ୍ଫୋରଣକାରୀ ବିମାନ ଏବଂ ଏ-୫୦ ଭଳି ମହଙ୍ଗା ଗୁପ୍ତଚର ବିମାନକୁ କ୍ଷତି ପହଞ୍ଚାଇଛି। ଏ-୫୦ ବିମାନ ବହୁତ ଶକ୍ତିଶାଳୀ। ରୁଷ ପାଖରେ କେବଳ ଏପରି ବିମାନ ରହିଛି। ଗୋଟିଏ ବିମାନର ମୂଲ୍ୟ ପ୍ରାୟ ୩୫୦ ନିୟୁତ ଡଲାର (୩୦୦୦ କୋଟି ଟଙ୍କା) ବୋଲି କୁହାଯାଉଛି। ଏହି ଆକ୍ରମଣରେ ବିଶେଷ କରି ବେଲାୟା ଏୟାରବେସକୁ ବିଶେଷ ନିଶାଣ କରାଯାଇଥିଲା। ତେବେ ସେହି ସମୟରେ ଓଲେନ୍ୟା ଏୟାରବେସରେ ଆକ୍ରମଣ ଘଟିଥିବା ଖବର ମିଳିଥିଲା। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏୟାରବେସ୍‌ରେ ନିଆଁ ଜଳୁ ଥିବା ଦେଖାଯାଉଛି। ଟିୟୁ-୯୫ ଏବଂ ଟିୟୁ-୧୬୦ ଭଳି ବିମାନ ବହୁତ ପୁରୁଣା। କିନ୍ତୁ ଏଗୁଡିକ କ୍ଷେପଣାସ୍ତ୍ର ସହ ଦୀର୍ଘ ପଥ ଅତିକ୍ରମ କରିପାରିବେ। ଏଗୁଡ଼ିକୁ ରୁଷ ବାୟୁସେନାର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର କୁହାଯାଏ। ଏହି ବିମାନକୁ ଧ୍ୱଂସ କରିବା ୟୁକ୍ରେନ ପାଇଁ ବଡ଼ ସଫଳତା କୁହାଯାଉଛି। ୟୁକ୍ରେନ ପକ୍ଷରୁ ରୁଷ୍‌କୁ ମଧ୍ୟ ଚେତାବନୀ ଦିଆଯାଇଛି। କୁହାଯାଇଛି ଯେ ବୋମାମାଡ଼ ବନ୍ଦ କରିବା ପାଇଁ ରୁଷ୍ ଉପରେ ଏହି ଆକ୍ରମଣ କରାଯାଇଥିଲା। କାରଣ ପ୍ରାୟ ପ୍ରତିଦିନ ରାତିରେ ରୁଷ୍ ବିମାନଗୁଡ଼ିକ ୟୁକ୍ରେନୀୟ ସହର ଉପରେ ଆକ୍ରମଣ କରୁଛନ୍ତି। ଏହି ଆକ୍ରମଣ ରୁଷକୁ କ୍ଷମତାର ଦମ୍ଭକୁ ଭାଙ୍ଗି ଚକିତ କରିଦେଇଛି। ଯଦି ଏହି ଦେଶ ଆକ୍ରମଣ ବନ୍ଦ ନ କରେ ତେବେ ୟୁକ୍ରେନ ପୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ଏହି ଆକ୍ରମଣକୁ ନେଇ ରୁଷ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ବିବୃତ୍ତି ଦିଆଯାଇନାହିଁ। ଯଦି ୟୁକ୍ରେନର ଦାବି ସତ୍ୟ ହୁଏ ତେବେ ଏହା ରୁଷୀୟ ବାୟୁସେନା ଉପରେ ହୋଇଥିବା ସବୁଠାରୁ ବଡ଼ ଆକ୍ରମଣ ହେବ। ଆଗକୁ ମଧ୍ୟ ଡ୍ରୋନ ଆକ୍ରମଣ ଜାରି ରହିବ ବୋଲି ୟୁକ୍ରେନ ପକ୍ଷରୁ କୁହାଯାଇଛି।

### ଏଏସ୍‌ଆଇଙ୍କୁ ପୋଡ଼ି...

ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ଏଏସ୍‌ଆଇ ପବିତ୍ରଙ୍କ ପୈତୃକ ଘର କୋରାପୁଟରେ। ସେ କଳାହାଣ୍ଡି ଜିଲ୍ଲା କେ ଗାଁ ଥାନାରେ ୨ବର୍ଷ ତଳେ ଯୋଗ ଦେଇଥିଲେ। କୌଣସି କାରଣରୁ ନିଲମ୍ବିତ ହୋଇ ଏବେ ସେ ଭବାନୀପାଟଣା ରିଜର୍ଭ ପୁଲିସ୍ ମୁଖ୍ୟାଳୟରେ ଅବସ୍ଥାପିତ ଥିଲେ।

ଶନିବାର ବିଳମ୍ବିତ ରାତିରେ ସେ ବାଇକ୍ ଯୋଗେ ଭବାନୀପାଟନାରୁ ଜୁନାଗଡ଼ ରାସ୍ତାରେ ଆସୁଥିଲେ। ତେବେ ଆଜି ସକାଳୁ ଜୁନାଗଡ଼ ଥାନା ବନମାଳୀପୁର ଭାରତ ପେଟ୍ରୋଲ୍ ପମ୍ପ ଏନଏଚ-୨୬ ପାଖରେ ବାଇକ୍ ସହ ତାଙ୍କର ଦରପୋଡ଼ା ଶବ ପଡ଼ିଥିବା କିଛି ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ପ୍ରଥମେ ତାଙ୍କ ପରିଚୟ ମିଳିନଥିଲା। ପରେ ବାଇକ୍ ନମ୍ବର୍‌ରୁ ତାଙ୍କ ସମ୍ପର୍କରେ ଜଣାପଡ଼ିଥିଲା। ଖବର ପାଇ ତାଙ୍କ ପତ୍ନୀ, ମା', ଭାଇ ସହ ପରିବାରଲୋକେ କୋରାପୁଟରୁ ଆସି ପହଞ୍ଚିଛନ୍ତି।

### ଧୋକାଦେଲା...

ନାହିଁ। ୧୦ ତାରିଖରୁ ବାୟୁର ଦିଗ ପରିବର୍ତ୍ତନ ହେବ ଏବଂ ୧୧ କିମ୍ବା ୧୨ରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ବଳୟ ସୃଷ୍ଟି ହେବା ସହ ଏହା ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବ। ସମ୍ଭାବ୍ୟ ଲଘୁଚାପଟି ଓଡ଼ିଶା ବା ସଂଲଗ୍ନ ଉପକୂଳ ଦେଇ ସ୍ଥଳଭାଗକୁ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ସମଗ୍ର ରାଜ୍ୟରେ ୪ ଦିନ ବର୍ଷା ହେବ। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଉପକୂଳ ଓ ଆଭ୍ୟନ୍ତରୀଣରେ ତାପମାତ୍ରା ୩୫-୩୭ ଡିଗ୍ରୀ ମଧ୍ୟରେ ରହିବ। ଏହାପରେ ପୁଣି ତାପମାତ୍ରା ବୃଦ୍ଧି ପାଇବ। ୧୦ ତାରିଖରୁ ତାପମାତ୍ରା କମିବ; ଏଣୁ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଗୁଳୁଗୁଳି ଚାଲୁ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୪ ତାରିଖରୁ ତାପମାତ୍ରା ସହ ଗୁଳୁଗୁଳିର ପ୍ରଭାବ ଆହୁରି ବଢ଼ିବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକଟ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିରେ ପ୍ରବଳ ଗୁଳୁଗୁଳି ହେବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଉଷ୍ମ ଓ ଆର୍ଦ୍ର ପାଣିପାଗ ଜନିତ ୟେଲୋ ଆଲର୍ଟ ଜାରି କରିଛି।

### ରାତି ଅଧରେ...

ଆଘାତ ଲାଗିଥିବା ବେଳେ ଏହାକୁ ନେଇ ସେ ବେଶ୍ ଚିନ୍ତାରେ ଅଛନ୍ତି ବୋଲି ଶ୍ରୀକାନ୍ତ କହିଛନ୍ତି। ଏପରି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ ଏବଂ ପୁଲିସ୍ ଡିଜି ଘଟଣାର ସଠିକ୍ ଅନୁସନ୍ଧାନ କରନ୍ତୁ। ଦୋଷୀ କର୍ମଚାରୀଙ୍କ ବିରୋଧରେ ଆଇନସମ୍ମତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ମୋ ପରିବାରକୁ ଯଥୋଚିତ ନ୍ୟାୟ ପ୍ରଦାନ କରିବାକୁ ଶ୍ରୀକାନ୍ତ ଦାବି କରିଛନ୍ତି।

# ଚଳନ୍ତା ବାଇକ୍‌ରେ ଯୁବକଙ୍କୁ ଛୁରାମାଡ଼



**ବଲାଙ୍ଗିର,୧।୬(ସମିସ):** ବଲାଙ୍ଗିର ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଅପରାଧୀ। ରବିବାର ସନ୍ଧ୍ୟାରେ ଟାଉନ୍ ଥାନା ନିକଟସ୍ଥ ଫଳ ବଜାର ପାଖରେ ଜଣେ ଯୁବକକୁ ଛୁରାମାଡ଼ କରି ଦୃବର୍ତ୍ତ ଫେରାର୍ ହୋଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆପରାଧିକ ଘଟଣା ଘଟିଥିବା ଜଣାପଡ଼ିଛି। ଆହତ ଯୁବକଜଣଙ୍କ ହେଲେ, ଲକ୍ଷ୍ମୀନଗରପଡ଼ାର ସିତେଶ ସ୍ୱାଇଁ।

ସିତେଶ କିଛି ଟଙ୍କା ଧରି ବାଇକ୍‌ରେ ଯାଉଥିବା ବେଳେ ୩ରୁ ୪ଜଣ ଯୁବକ ତାଙ୍କୁ ପଛପଟୁ ଛୁରାମାଡ଼ କରିଥିଲେ। ସିତେଶ ବାଇକ୍ ସହ ତଳେ ପଡ଼ିଯିବାରୁ ଅଭିଯୁକ୍ତମାନେ ତାଙ୍କ ପକେଟରେ ଥିବା ୧୫ ହଜାର ଟଙ୍କା ଲୁଟି ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଭର୍ତ୍ତି କରାଇଛନ୍ତି। ଛୁରାମାଡ଼ରେ ତାଙ୍କ ପିଠିର ଦୁଇଟି ସ୍ଥାନରେ ଗଭୀର ଆଘାତ ଲାଗିଛି। ତାଙ୍କୁ ହତ୍ୟା ପାଇଁ ଯୋଜନା କରାଯାଇଥିଲା ବୋଲି ସିତେଶ କହିଛନ୍ତି। ଟାଉନ୍ ଥାନା ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବଶତ୍ରୁତାରୁ ଆକ୍ରମଣ ହୋଇଥିବା ସୂଚନା ମିଳିଛି।

# ସରଣ୍ଡାରେ ପୁଣି ଲ୍ୟାଣ୍ଡମାଇନ୍ ବିସ୍ଫୋରଣ; ଜଣେ ଆହତ

**ରାଉରକେଲା,୧।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଜରେଇକେଲା ସୀମାନ୍ତରୁ ମାତ୍ର ୨୫କିଲୋମିଟର ଦୂରରେ ଥିବା ସରଣ୍ଡା ଜଙ୍ଗଲ ସଂଲଗ୍ନ ଗ୍ରାମ ବଲିବାଠାରେ ଗତକାଲି ସଂଧ୍ୟାରେ ପୁଣି ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି। ଏହି ବିସ୍ଫୋରଣରେ ସ୍ଥାନୀୟ ଅଞ୍ଚଳର ଜଣେ ଗ୍ରାମବାସୀ ଆହତ ହେଇଛନ୍ତି। ଆହତ ଗ୍ରାମବାସୀ ହେଲେ, ବଲିବା ଗାଁର ସାଉ ବାରଜୋ (୩୦)। ତାଙ୍କୁ ମନୋହରପୁରରୁ ରାଉରକେଲା ସରକାରୀ ଡାକ୍ତରଖାନା ଓ ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଚିକିତ୍ସା ନିମନ୍ତେ ବୁର୍ଲା ସ୍ଥାନାନ୍ତର କରାଯାଇଛି।



ସାଉ ପତ୍ର ତୋଳିବା ସହ କାଠ ପାଇଁ ଜଙ୍ଗଲକୁ ଯାଇଥିଲେ। ଫେରୁଥିବା ବେଳେ ସଂଧ୍ୟାରେ ଜଙ୍ଗଲ ରାସ୍ତାରେ ଖଞ୍ଜାଯାଇଥିବା ଲ୍ୟାଣ୍ଡମାଇନ୍ ଉପରେ ଚଢ଼ି ଯିବାରୁ ତାହା ବିସ୍ଫୋରଣ ହୋଇଥିଲା। ଏଥିରେ ସାଉଙ୍କ ଦୁଇଗୋଡ଼ରେ ଗଭୀର ଆଘାତ ଲାଗିଛି। ବାଲିବାରେ ଥିବା ସିଆର୍‌ପିଏଫ୍ ଯବାନମାନେ ସାଉଙ୍କୁ ଚିକିତ୍ସା ନିମନ୍ତେ ମନୋହରପୁରସ୍ଥିତ ସରକାରୀ ହସ୍ପିଟାଲକୁ ପଠାଇଥିଲେ। ଗୁରୁତର ଅବସ୍ଥାରେ ସେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଚାଇଁବାସା ଏସ୍.ପି ରାକେଶ ରଞ୍ଜନ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି (ଇମ୍ପ୍ରୋଭାଇଜ ଏକ୍ସପ୍ଲୋସିଭ ଡିଭାଇସ) ବିସ୍ଫୋରଣକୁ ନିଶ୍ଚିତ କରିଛନ୍ତି। ମାଓବାଦୀମାନେ କମ୍ବିଂରତ ସୁରକ୍ଷା କର୍ମଚାରୀଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଏହି ଲ୍ୟାଣ୍ଡମାଇନ୍ ଖଞ୍ଜିଥିବା କୁହାଯାଉଛି।


**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112


**AFFIDAVIT**

By virtue of an affidavit sworn before the Notary Public, Purushottampur, Ganjam. I, Sujata Raut, W/o- Late Rabi Raut, resident of Dhobapalli, Ganjam, Odisha here by declare that my minor son's name has been changed from Pradipta Raut to Pradeep Raut. Henceforth he shall be known as **Pradeep Raut** for all purposes.

Sd/- Sujata Raut

**AFFIDAVIT**

I, Sasmita Nandini Tripathy, aged 40 years, D/o- Sadananda Tripathy, at present AT/PO/PS-Bolgarh, Dist- Khurda, State Odisha do hereby declare that by sworn affidavit in the court of Executive Magistrate, Bhadrak, my minor daughter Sanhita Saloni Khatai has changed her surname from Khatai to Tripathy and henceforth she shall be known as **Sanhita Saloni Tripathy** instead of Sanhita Saloni Khatai for all the purposes.

ସକାଳ THE SAKALA



www.sakalaepaper.com

■ ଟ୍ରାକ୍ଟର ଚଢ଼ାଇ ହତ୍ୟା ଅଭିଯୋଗ ମାମଲା

# ୪ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଢେଙ୍କାନାଳ, ୧।୬(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ବିରିଖୁଣ୍ଟି ଗ୍ରାମରେ ଟ୍ରାକ୍ଟର ଚଢ଼ାଇ ହତ୍ୟା ଅଭିଯୋଗ ମାମଲାର ଶୁଣାଣି କରି ଢେଙ୍କାନାଳ ଅତିରିକ୍ତ ଦୌରାଜଜ ଅଞ୍ଜଳି କୁମାରୀ ପାଢ଼ୀ ଉପଯୁକ୍ତ ପ୍ରମାଣ ଅଭାବରୁ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୦୯ ମସିହାର ବହୁଚର୍ଚ୍ଚିତ ଏହି ହତ୍ୟା ଘଟଣାର ରାୟ ଶନିବାର ପ୍ରକାଶ ପାଇଛି।

ମାମଲାର ବିବରଣୀ ଅନୁଯାୟୀ, ବିରିଖୁଣ୍ଟି ଗ୍ରାମର କୋଠବନ୍ଧ ପୁନରୁଦ୍ଧାର କାର୍ଯ୍ୟରେ ଦୁତିକା ପରିଡ଼ାଙ୍କ ଜମି ହୁଡ଼ା ନଷ୍ଟ ହେବାରୁ ସେ ଏହି କାର୍ଯ୍ୟକୁ ବିରୋଧ କରୁଥିଲେ। ୨୦୦୯ ଜୁନ ୨୪ ସକାଳେ ପୁନର୍ବାର କୋଠବନ୍ଧରୁ ମାଟି ଖୋଳାଯାଇ ଟ୍ରାକ୍ଟର ଯୋଗେ ତାଙ୍କ ବିଲରେ ପକାଯିବା ଦେଖି ଦୁତିକା ଏହାକୁ ବିରୋଧ କରିଥିଲେ। ଏ ନେଇ କାମ କରୁଥିବା ସେହି ଗ୍ରାମର ଗିରୀଶ ସ୍ୱାଇଁ, ଯଶୋବନ୍ତ ସେନାପତି, ବସନ୍ତ ପରିଡ଼ା ଓ ଲିଟୁ ଓରଫ ଶକ୍ତିରଞ୍ଜନଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଗିରୀଶ, ଯଶୋବନ୍ତ, ବସନ୍ତ ଓ ଲିଟୁ ଦୁତିକାଙ୍କୁ ଟେକିନେଇ ଟ୍ରାକ୍ଟର ଆଗରେ ମାଡ଼ିବସି ତାଙ୍କୁ ଟ୍ରାକ୍ଟର ଚଢ଼ାଇଦେବାକୁ ଡ୍ରାଇଭରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡ୍ରାଇଭର କୃଷ୍ଣଚନ୍ଦ୍ର ମୁଦୁଲି ଟ୍ରାକ୍ଟର ଚଢ଼ାଇ ଦେବାରୁ ଦୁତିକାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଦୁତିକାଙ୍କ ପୁଅ ସୁଶାନ୍ତ ପରିଡ଼ା ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ତଦନ୍ତ କରି କେବଳ ଟାକ୍ଟର୍ ଚାଳକଙ୍କ ନାମରେ ବେପାରୁଆ ଗାଡ଼ି ଚାଳନା ଅଭିଯୋଗରେ ମାମଲା ରୁଜୁ କରିଥିଲା। ମାମଲାର ଚାର୍ଜସିଟ୍ ଦାଖଲ ପରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତରେ ବିଚାର ଆରମ୍ଭ ହୋଇଥିଲା। ତେବେ ଏହା ଦୁର୍ଘଟଣାଜନିତ ମୃତ୍ୟୁ ନୁହେଁ ବରଂ ହତ୍ୟାକାଣ୍ଡ ମାମଲା ବୋଲି ପବ୍ଲିକ୍ ପ୍ରସିକ୍ୟୁଟର ଯୁକ୍ତି ଉପସ୍ଥାପନ କରିଥିଲେ। ଅଦାଲତ ଏହାକୁ ଗ୍ରହଣ କରି ସମସ୍ତ ଅଭିଯୁକ୍ତଙ୍କ ନାମରେ ଚାର୍ଜଫ୍ରେମ୍ କରିବା ପରେ ହତ୍ୟା ମାମଲା ଅନୁଯାୟୀ ବିଚାର ଆରମ୍ଭ ହୋଇଥିଲା। ତେବେ ମାମଲାର ଶୁଣାଣି ପୂର୍ବରୁ ଅଭିଯୁକ୍ତ ଗିରୀଶ ସ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୪ ଜଣଙ୍କ ସାକ୍ଷ ପ୍ରଦାନ କରାଯାଇଥିଲା। ସେହିପରି ଅଭିଯୁକ୍ତମାନଙ୍କ ତରଫରୁ ୫ଜଣ ସଫେଇ ସାକ୍ଷୀ ଦେଇଥିଲେ। ତେବେ ଉପଯୁକ୍ତ ସାକ୍ଷ ପ୍ରମାଣ ଅଭାବରୁ କୋର୍ଟ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ବରିଷ୍ଠ ଆଇନଜୀବୀ ନବକିଶୋର ଗୁରୁ, ଓମପ୍ରକାଶ ଶରଣ ଓ ବିମଳ କୁମାର ମିଶ୍ର ଅଭିଯୁକ୍ତମାନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ। ସେହିପରି ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଗଣେଶ୍ୱର ବେହେରା ମାମଲା ପରିଚାଳନା କରୁଥିଲେ।

# ବିଦେଶରେ ବଢୁଛି ଢେଙ୍କାନାଳ ଆମ୍ବର ଚାହିଦା

ଢେଙ୍କାନାଳ, ୧।୬(ସମିସ)





ବିଦେଶରେ ବଢୁଛି ଢେଙ୍କାନାଳ ଆମ୍ବର ଚାହିଦା। ନିକଟରେ ଦୁବାଇ ଓ ଇଟାଲୀ ପରେ ଏବେ ଇଂଲଣ୍ଡକୁ ଆମ୍ବ ରପ୍ତାନୀ କରାଯାଇଛି। ଏ ନେଇ ଜିଲ୍ଲାର ଆମ୍ବଚାଷୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି।

ଢେଙ୍କାନାଳରୁ ପୁଣି ବିଦେଶକୁ ରପ୍ତାନୀ ହୋଇଛି ଆମ୍ବ। ସଦର ବ୍ଲକ ଲମ୍ବୋଦରପୁର ଗ୍ରାମରେ ଥିବା ଆମ୍ବ

● ଇଟାଲୀ, ଦୁବାଇ ପରେ ଏବେ ଇଂଲଣ୍ଡକୁ ପଠାଗଲା
● ରୋମ୍‌କୁ ଗଲା ୨ କ୍ୱିଣ୍ଟାଲ ତାଳସଜ

ବଗିଚାରୁ ପ୍ରାୟ ୧୦ ଟନ ଆମ୍ରପଲ୍ଲୀ ଆମ୍ବ ଇଂଲଣ୍ଡ ପଠାଯିବା ପାଇଁ ଅର୍ଡର ଥିବା ବେଳେ ୧ମ ପର୍ଯ୍ୟାୟରେ ଦୁଇ ଟନ ଆମ୍ବ ପଠାଯାଇଛି। ସେହିଭଳି ହିନ୍ଦୋଳ ଏନଏସିରୁ ୨ ଶହ କେଜି ତାଳସଜ ମଧ୍ୟ ରୋମ୍‌କୁ ପଠାଯାଇଛି। ଫସାଇଲୋ, ଭଅଁରନାଳୀ ଲମ୍ବୋଦରପୁରର ୩୦ରୁ ଊର୍ଦ୍ଧ୍ୱ ମହିଳା ଆମ୍ବ ଯୋଗାଇବା ପାଇଁ ତତ୍ପର ହୋଇପଡ଼ିଛନ୍ତି। ବଗିଚାରୁ ଆମ୍ବ ସଂଗ୍ରହ କରାଯିବା ପ୍ରଥମେ ଥଣ୍ଡା ପାଣିରେ ତାହାକୁ ସଫା କରାଯାଉଛି। ପରେ ଟ୍ରେରେ କାଗଜ ପ୍ୟାକିଂ ଦିଆଯାଇ ଆମ୍ବକୁ ସଜାଇ ପ୍ୟାକ୍ କରାଯାଉଛି। ସମସ୍ତ କାର୍ଯ୍ୟ ମହିଳାମାନଙ୍କ ଦ୍ୱାରା କରାଯାଉଥିବାରୁ ସେମାନେ ମଧ୍ୟ ବେଶ୍ ଦିପଇସା ରୋଜଗାର କରିବାର ସୁଯୋଗ ପାଇଛନ୍ତି। ପ୍ରଚୁର ପରିମାଣର ଆମ୍ବ ବିଦେଶକୁ ରପ୍ତାନୀ ହେଉଥିବାରୁ ଆମ୍ବଚାଷୀ ମଧ୍ୟ ଭଲ ରୋଜଗାର କରିପାରିଛନ୍ତି। ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆମ୍ବ ଉତ୍ପାଦନ ପାଇଁ ପ୍ରକୃଷ୍ଟ ଜଳବାୟୁ ରହିଛି। ଫଳରେ ଦଶେରୀ, ଆମ୍ରପଲ୍ଲୀ, ଲେଙ୍ଗେଡ଼ା ଭଳି ବହୁ ପ୍ରଜାତିର ସୁସ୍ୱାଦୁ ଆମ୍ବଚାଷ ଏଠାରେ ସମ୍ଭବ ହୋଇପାରିଛି। ଭାରତ ସରକାରଙ୍କ ଆପେଡ଼ା, ରାଜ୍ୟ ସରକାରଙ୍କ ପାଲେଡିୟମ ଉଦ୍ୟାନ ଓ କୃଷି ବିଭାଗ ଓ ସ୍ଥାନୀୟ କୃଷି ଉତ୍ପାଦକ ସଂସ୍ଥା ଆମ୍ବ ରପ୍ତାନୀରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। କେବଳ ଆମ୍ବ ନୁହେଁ, ଚଳିତ ବର୍ଷ ପ୍ରଥମ ଥର ପାଇଁ ମା' ସୁକିଆ ବାଉତି କୃଷି ଉତ୍ପାଦକ ସଂସ୍ଥା ସହାୟତାରେ ହିନ୍ଦୋଳ ଏନଏସିରୁ ୨ଶହ କେଜି ତାଳ ସଜ ମଧ୍ୟ ରୋମକୁ ପଠାଯାଇଛି। ଆଗକୁ ମଧ୍ୟ ଢେଙ୍କାନାଳର ସୁଆଦିଆ ଆମ୍ରପଲ୍ଲୀ ଓ ଦେଶେରୀ ଆମ୍ବ ଓ ତାଳସଜ ବିଦେଶକୁ ପଠାଯିବା କାର୍ଯ୍ୟକ୍ରମ ମଧ୍ୟ ରହିଛି।

## ଆନନ୍ଦ ବଜାର ଦୋକାନ ଗୃହ ଉଦ୍‌ଘାଟିତ



ଢେଙ୍କାନାଳ, ୧।୬(ସମିସ): ଢେଙ୍କାନାଳ ପୌରପାଳିକା ଦ୍ୱାରା ଆନନ୍ଦ ବଜାରରେ ନିର୍ମାଣ ହୋଇଥିବା ଦୋକାନ ଗୃହ ଆବଣ୍ଟନ କରାଯାଇଥିଲା। ରବିବାର ଏହାକୁ ଉଦ୍‌ଘାଟନ କରାଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ସମସ୍ତ ପାରିଷଦ ଓ ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ଉପସ୍ଥିତ ଥିଲେ।

## ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଭୁବନ, ୧।୬(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍ଏସି ୱାର୍ଡ ନଂ-୨ ରାମମନ୍ଦିର ନିକଟ ବେଣାଗାଡ଼ିଆ ପୋଖରୀରୁ ରବିବାର ସକାଳେ ପୁଲିସ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ହେଲେ ୱାର୍ଡ ନଂ-୪ ପାଲାମଣ୍ଡପସ୍ଥିତ ଡମ୍ବରୁଧର ସାହୁ (୭୦)। ଅସାବଧାନତା ଯୋଗୁଁ ଗୋଡ଼ ଖସିଯାଇ ସେ ପୋଖରୀରେ ବୁଡ଼ିଯାଇଥିବା ଚର୍ଚ୍ଚା ହେଉଥିବା ବେଳେ ଭୁବନ ଥାନା ପୁଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି।

## ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ଢେଙ୍କାନାଳ, ୧।୬(ସମିସ): ସ୍ଥାନୀୟ ଏଏନଏମ୍ ତାଲିମ୍ କେନ୍ଦ୍ରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଏଏନଏମ ତାଲିମ୍ କେନ୍ଦ୍ର ସହଯୋଗରେ ଜିଲ୍ଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଛି। ଏଏନଏମ୍ ଛାତ୍ରୀମାନଙ୍କୁ ନେଇ ତାଲିମ୍ କେନ୍ଦ୍ରଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାରେ ଛାତ୍ରୀମାନେ ତମାଖୁ ବର୍ଜନ ବାର୍ତ୍ତା ଦେଇ ସଚେତନ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତା କରାଯାଇଥିଲା। ତାଲିମ୍ କେନ୍ଦ୍ର ଅଧ୍ୟକ୍ଷା ସ୍ନେହଲତା ମାଝି, ସୁଧା ବିଶ୍ୱାଳ ଓ ଅନ୍ନପୂର୍ଣ୍ଣା ସାହୁ, ତାଲିମଦାତ୍ରୀ ଭାରତୀ ପଣ୍ଡା, ପଞ୍ଚା ପ୍ରିୟଦର୍ଶିନୀ ମହାନ୍ତି, ସଂଗ୍ରାମ କିଶୋର ସଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଶିକ୍ଷୟିତ୍ରୀଙ୍କୁ ଚୂଡ଼ାନ୍ତ ପେନସନ

ଭୁବନ, ୧।୬(ସମିସ): ଭୁବନ ଏନ୍ଏସି ଗୋଡ଼ି ପାଟଣା ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ରଙ୍ଗଲତା ପଣ୍ଡାଙ୍କୁ ଅବସର ଦିନ ହିଁ ଚୂଡ଼ାନ୍ତ ପେନସନ ପ୍ରଦାନ କରାଯାଇଛି। ଶିକ୍ଷୟିତ୍ରୀ ପଣ୍ଡା କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରେକୁଟିଆରେ ପ୍ରଥମେ ଚାକିରି କରିଥିଲେ। ପରେ ଭୁବନ ବ୍ଲକ ବଳରାମପୁରରେ ୧୬ ବର୍ଷ ଓ ଗୋଡ଼ିପାଟଣା ସ୍କୁଲରେ ୧୪ ବର୍ଷ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରି ଶନିବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଇଓ ମୀନତି ଦେହୁରୀ, ରାଜଲକ୍ଷ୍ମୀ ଟୁଡୁ, ସୁମତି ପ୍ରଧାନ ବରିଷ୍ଠ କିରାଣି ପ୍ରକାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



# କପିଳାସରେ ଶିବବିବାହ ଓ ଶୀତଳଷଷ୍ଠୀ ସମ୍ପନ୍ନ

ଗଁଦିଆ, ୧।୬(ସମିସ): ରାଜ୍ୟର ପ୍ରସିଦ୍ଧ କପିଳାସ ଶୈବପୀଠରେ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଛି। ସକାଳେ ଦେଓଗାଁସ୍ଥିତ ବଳଦେବଜୀଉ ମନ୍ଦିର ନିକଟରେ ଯଥାବିଧି ମଙ୍ଗଳ ଆଳତୀ, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା ଓ ବଲ୍ଲଭ ଭୋଗ ଚନ୍ଦ୍ରଶେଖରଜୀଉ ଓ ମା' ପାର୍ବତୀଙ୍କୁ ଅର୍ପଣ କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅରନହ ପୁରୀ ପୁଲି ଖେଚୁଡ଼ି ଭୋଗ ଲାଗି କରାଯାଇ ପହଡ଼ ପଡ଼ିଥିଲା। ପରେ ଚନ୍ଦ୍ରଶେଖରଙ୍କ ବିଜେ ପ୍ରତିମାଙ୍କୁ ବଳଦେବଜୀଉ ମନ୍ଦିରରୁ ବିମାନରେ ଶିବସଗର ପୁଷ୍କରଣୀକୁ ନିଆଯାଇଥିଲା। ସେଠାରେ ଆଳତି ପରେ ମହାଦେବ ମାଘସ୍ନାନ କରି ନୂତନ ବସ୍ତ୍ର ଓ ମୁକୁଟ ଲଗାଇ ବରବେଶରେ ପାଲିଙ୍କିରେ ବସାଇ ଶୋଭାଯାତ୍ରାରେ ବରଯାତ୍ରୀଙ୍କ ସହ ଶୋଭାଯାତ୍ରାରେ ନିଆଯାଇଥିଲା। ପ୍ରଭୁ ଶୋଭାଯାତ୍ରାରେ ଆସିବା ସମୟରେ ବଳଦେବଜୀଉ ମନ୍ଦିରରୁ ଗୋପୀନଥଜୀଉ ମନ୍ଦିର ପର୍ଯ୍ୟନ୍ତ ଅଧାବାଟରୁ ପାଲିଙ୍କିରେ ବସି ବଟାବରଣୀ କରାଯାଇଥିଲା। ପରେ ପ୍ରଭୁ ଚନ୍ଦ୍ରଶେଖରଙ୍କ ବିଜେ ପ୍ରତିମା ଓ ଗୋପୀନାଥ ଜୀଉ ଆଗପଛ ହୋଇ ବଳଦେବଜୀଉ ମନ୍ଦିର ନିକଟରେ ଥିବା ବିଗ୍ରହ ମଣ୍ଡପକୁ ଆସିଥିଲେ। ବରପିତା ଭାବେ ଅଜୟ ପତି ଓ କନ୍ୟା ପିତା ଭାବେ ମଙ୍ଗରାଜ ମହାପାତ୍ର ବିବାହ କାର୍ଯ୍ୟ କରିଥିଲେ। ମନ୍ଦିରରେ ଥିବା ବିବାହ ମଣ୍ଡପରେ ପୂଜକ ଖଗେଶ୍ୱର ମିଶ୍ରଙ୍କ ଦ୍ୱାରା ଶ୍ରୀଜୀଉଙ୍କ ବିବାହ ନୀତି ସମ୍ପନ୍ନ ହୋଇଥିଲା। ବିଳମ୍ବିତ ରାତିରେ ବିବାହ ଉତ୍ସବ ଶେଷହେବା ପରେ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ଅର୍ପଣ କରାଯାଇଥିଲା।



# ପୃଥକ ଦୁର୍ଘଟଣାରେ ଜଣେ ମୃତ; ୩ ଗୁରୁତର

ପରଜଙ୍ଗ, ୧।୬(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ ୩ ସ୍ଥାନରେ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଶନିବାର ରାତି ପ୍ରାୟ ସାଢ଼େ ୯ଟାରେ ପରଜଙ୍ଗ ବଜାରରୁ ଥାନା ଓ ତହସିଲ କାର୍ଯ୍ୟାଳୟ ଦେଇ ଭାଲୁମୁଣ୍ଡା ଛକ ଆଡ଼କୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ସରକାରୀ ଆଇଟିଆଇ ନିକଟରେ ରେଣ୍ଟାପାଟ ପଞ୍ଚାୟତ ପାଣିଭଣ୍ଡାର ଗ୍ରାମର ପ୍ରକାଶ ମହାପାତ୍ର (୩୮) ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସେ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଛିଟିକି ପଡ଼ିଥିଲେ। ଦମକଳ ବାହିନୀ ପହଞ୍ଚି ଗୁରୁତର ଆହତ ଅବସ୍ଥାରେ ପ୍ରକାଶଙ୍କୁ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ସେହିପରି ଶନିବାର ରାତିରେ ୫୩ନଂ ଜାତୀୟ ରାଜପଥ ମୁକ୍ତାପଶି ମେଡିକାଲ ଛକରେ ମୁକ୍ତାପଶି ଗ୍ରାମର ସମ୍ବରିଶ ସାହୁ (୬୫) ରାସ୍ତା ପାର ହେଉଥିବା ବେଳେ କାମାକ୍ଷାନଗର ପଟୁ ତାଳଚେର ଆଡ଼କୁ ଦ୍ରୁତଗତିରେ ଯାଉଥିବା ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ପଠାଇଥିଲେ। ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ରବିବାର ସକାଳେ ୫୩ନଂ ଜାତୀୟ ରାଜପଥରେ ରାଉରକେଲା ଅଞ୍ଚଳର ସୁଦର୍ଶନ ସାହୁ ଓ ତାଙ୍କ ପୁଅ ପ୍ରଶ୍ନଜିତ ସାହୁ ବାଇକରେ ରାଉରକେଲାରୁ ଯାଜପୁର ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ବାରିହାପୁର ବିଶ୍ୱାଳ ଢାବା ନିକଟରେ ରାସ୍ତା ପାର୍ଶ୍ୱରେ ଥିବା ଲୁହା ବ୍ୟାରିକେଡ୍‌ରେ ବାଇକ୍ ଧକ୍କା ହେବାରୁ ବାପପୁଅ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରାଯାଇ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କାମାକ୍ଷାନଗର, ୧।୬(ସମିସ): କାମାକ୍ଷାନଗର ବ୍ଲକ ନୃସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କବିତା ତ୍ରିପାଠୀଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ଖୁଣ୍ଟିଆଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କେଶବ ଚନ୍ଦ୍ର ପରିଡ଼ା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷାବିତ ମନୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ଏବିଇଓ ଅମ୍ବିକା ସାହୁ, ପ୍ରଫୁଲ୍ଲ କୁମାର ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ସୁମିତ୍ରା ରାଉତ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସିଆରସିସି ରାକେଶ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମନୋରଞ୍ଜନ ସାହୁ, ପ୍ରଭାସ ରଞ୍ଜନ ସାହୁ, ଅନସୂୟା ପରିଡ଼ା, ରାଜେଶ କୁମାର ସାହୁ, ସାରଙ୍ଗଧର ଖୁଣ୍ଟିଆ, ମଙ୍ଗୁଳୁ ଚାରଣ ନାଏକ ଓ ଲଳିତ ମୋହନ ସେଠୀ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଅବସର ନେଲେ ପୁଲିସ ଏସ୍‌ଆଇ

ସମ୍ବଲପୁର, ୧।୬(ସମିସ):ଢେଙ୍କାନାଳ ଜିଲ୍ଲା ଓଡାପଡ଼ା ବ୍ଲକ ମୋଟଙ୍ଗା ଥାନାରେ ସବ ଇନ୍ସପେକ୍ଟର(ଏସ୍‌ଆଇ) ଭାବେ କାର୍ଯ୍ୟରତ ଥିବା ପୌଲସ୍ତି ଖଡିରତ୍ନ ଶନିବାର ଦିନ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଦେବଗଡ଼ ରିଆମାଳ ବ୍ଲକ ଟିଙ୍କବିର ଗ୍ରାମରେ ଜନ୍ମ ଲାଭ କରିଥିବା ଶ୍ରୀ ଖଡିରତ୍ନ ୧୯୮୪ ମସିହା ଜାନୁଆରି ୧ ତାରିଖରେ ପୁଲିସ ବିଭାଗରେ ଚାକିରି ଆରମ୍ଭ କରିଥିଲେ। କିଛି ବର୍ଷ ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟରତ ରହିଥିଲେ। କାର୍ଯ୍ୟକାଳ ମଧ୍ୟରେ ସେ ନିଜକୁ ଜଣେ ଦକ୍ଷ ଓ କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଭାବେ ପ୍ରତିପାଦନ କରିଛନ୍ତି। କର୍ତ୍ତବ୍ୟ ନିଷ୍ଠା ଓ କର୍ମ ନିପୂଣତା ପାଇଁ ସେ ବିଭିନ୍ନ ସମୟରେ ଉପରସ୍ଥ ଅଧିକାରୀଙ୍କ ଠାରୁ ପ୍ରଶଂସିତ ଓ ପୁରସ୍କୃତ ହୋଇଛନ୍ତି। ଶନିବାର ଦିନ ଢେଙ୍କାନାଳ ଏସ୍‌ପି କାର୍ଯ୍ୟାଳୟରେ ଏସ୍‌ପି ଅଭିନବ ସୋନକରଙ୍କ ଉପସ୍ଥିତିରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।



# ଇ-ଟେକ୍‌ରେ ମେଧାବୀ ସମ୍ବର୍ଦ୍ଧନା ସମାରୋହ

ଢେଙ୍କାନାଳ, ୧।୬(ସମିସ): ମଙ୍ଗଳପୁରସ୍ଥିତ ଇ-ଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମେଧାବୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁରେଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୭୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନରେ ବିଦ୍ୟାଳୟର ରେକର୍ଡ ସଂଖ୍ୟକ ୬୦ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବାବେଳେ ସେମାନଙ୍କ ମଧ୍ୟରେ ରାଜ୍ୟର ଶ୍ରେଷ୍ଠ ୨୦ ଜଣଙ୍କ ମଧ୍ୟରୁ ଏହି ଅନୁଷ୍ଠାନର ୧୪ ଛାତ୍ରଛାତ୍ରୀ ରହିଛନ୍ତି। ଛାତ୍ର ଆଶିଷ କୁମାର ସାହୁ ୫୮୪ ନମ୍ବର ରଖି ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ଜାଗରଣ ନିମନ୍ତେ ନିରବଚ୍ଛିନ୍ନ ଅଧ୍ୟବସାୟ ରହିବା ଉଚିତ। ଏହି ସଫଳତାର ଧାରା ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ବଜାୟ ରଖିବେ ବୋଲି ଅଧ୍ୟକ୍ଷ ଡ. ସୁରେଶ ମିଶ୍ର ଏହି ଅବସରରେ କହିଥିଲେ।



# ଦନ୍ତା ଆକ୍ରମଣରେ ବୃଦ୍ଧ ଗୁରୁତର

ପରଜଙ୍ଗ, ୧।୬(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ୍ ଥାନା ଅଞ୍ଚଳରେ ରବିବାର ଭୋର ସମୟରେ ଦନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ମହାବିରୋଡ ରେଞ୍ଜ କୁଟୁରିଆ ଗ୍ରାମର ଅକ୍ଷୟ ସାହୁ (୭୦)। ଅକ୍ଷୟ ଗାଁ ହାଇସ୍କୁଲ ପଛ ପାଖରେ ଥିବା ପଡ଼ିଆକୁ ଯାଇଥିବା ବେଳେ ଏକ ଦନ୍ତା ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଅକ୍ଷୟଙ୍କ ଚିତ୍କାର ଶୁଣି ଗାଁ ଲୋକେ ପହଞ୍ଚିବାରୁ ହାତୀ ପଳାଇ ଯାଇଥିଲା। ପରେ ବନ ବିଭାଗ ଅଧିକାରୀ ସତ୍ୟବ୍ରତ ସିଂହ ଓ କର୍ମଚାରୀ ପହଞ୍ଚି ଅକ୍ଷୟଙ୍କୁ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରିଥିଲେ। ଅକ୍ଷୟଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ଗୋଟିଏ ହାତ ଭାଙ୍ଗି ଯାଇଛି। ଶରୀରର ବିଭିନ୍ନ ସ୍ଥାନରେ ମଧ୍ୟ ଗଭୀର କ୍ଷତ ସୃଷ୍ଟି ହୋଇଛି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ବିକାଶ ପାଇଁ ଜିଲ୍ଲାସ୍ତରୀୟ କମିଟି ବୈଠକ

# ୨୧ ବର୍ଗର ଦିବ୍ୟାଙ୍ଗଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଯିବ

ଢେଙ୍କାନାଳ, ୧।୬(ସମିସ)



ଜିଲ୍ଲା କାର୍ଯ୍ୟାଳୟ ସଭାବନା ସଭାଗୃହରେ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଦିବ୍ୟାଙ୍ଗଙ୍କ ସାମଗ୍ରିକ ବିକାଶ ସମ୍ପର୍କିତ ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଦିବ୍ୟାଙ୍ଗମାନଙ୍କୁ ଆର୍ଥିକ, ସାମାଜିକ ସୁରକ୍ଷା ପ୍ରଦାନ ସହ ସେମାନେ ଯେପରି ସମ୍ମାନର ସହ ଜୀବନଯାପନ କରିପାରିବେ ସେଥିପାଇଁ କମିଟି ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗଙ୍କ ବିକାଶ ପାଇଁ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ ଅବଗତ କରିଥିଲେ। ଦିବ୍ୟାଙ୍ଗଙ୍କ ବିକାଶ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ୪୧ ଜଣିଆ କମିଟି ଗଠନ କରାଯାଇଛି। ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସୁଯୋଗ ସୁବିଧା ପ୍ରଦାନ କରାଯିବା ପାଇଁ କମିଟି ସଦସ୍ୟମାନେ କାର୍ଯ୍ୟପନ୍ଥା ଗ୍ରହଣ କରିଥାନ୍ତି। ୨୧ ବର୍ଗର ଦିବ୍ୟାଙ୍ଗଙ୍କ ସୁରକ୍ଷା ପାଇଁ ଥିବା ଆଇନଗତ ବ୍ୟବସ୍ଥା, ମୁଖ୍ୟସ୍ରୋତରେ ସାମିଲ କରାଇବା ପାଇଁ ସମାନ ଅଧିକାର ପ୍ରଦାନ, ଜାତୀୟ ଟ୍ରଷ୍ଟ ଆକ୍ଟରେ ଥିବା ଆଇନଗତ ବ୍ୟବସ୍ଥା, ଶିକ୍ଷା, ସରକାରୀ ଚାକିରିରେ ସ୍ଥାନ ସଂରକ୍ଷଣ, ଶିକ୍ଷାବୃତ୍ତି ପ୍ରଦାନ, ବିଭିନ୍ନ ଭତ୍ତା ପ୍ରଦାନ, ସ୍ୱାସ୍ଥ୍ୟସେବା, ଦିବ୍ୟାଙ୍ଗଙ୍କୁ ଚିହ୍ନଟ ଓ ପ୍ରମାଣପତ୍ର ପ୍ରଦାନ, ଆତ୍ମନିର୍ଭରଶୀଳ କରିବା ପାଇଁ ଋଣ ପ୍ରଦାନ, ଯାତାୟାତ ନିମନ୍ତେ ବସ ଓ ଟ୍ରେନରେ ପାସ୍ ପ୍ରଦାନ, ଗୃହ ଯୋଗାଣ, ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା, ସ୍ୱତନ୍ତ୍ର ବିଦ୍ୟାଳୟରେ ହେଉଥିବା ଚିକିତ୍ସା ସେବା ଓ ବିଭିନ୍ନ ସହାୟକ ଉପକରଣ ପ୍ରଦାନ ଓ ବିଭିନ୍ନ ସହାୟତା ଯୋଗାଇଦେବାରେ ସ୍ଥାନୀୟ ମୁଖିଆ ଓ ପିଆରଆଇ ମେମ୍ବରମାନଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ସଦସ୍ୟମାନଙ୍କୁ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ଅବଗତ କରାଇଥିଲେ। ବୈଠକରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନୀଳମଣି ଦିଲୀପ ଚାନ୍ଦ ବେହେରାଙ୍କ ଓ କମିଟି ସଦସ୍ୟ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଢେଙ୍କାନାଳ, ୧।୬(ସମିସ): ସଦର ବ୍ଲକ ସିଆରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଦାଶ, ମହୁଲପୁଞ୍ଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ଶୁକ୍ଳ, ଜବାହର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀନକୃଷ୍ଣ ପୋଥାଳ, ଛଡ଼ାସିଂହ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ବୀଣାପାଣି ମିଶ୍ର, ରଣପଶି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଲଛମା ବେହେରା, ଦାମୋଦରନାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ରବିନାରାୟଣ ମହାନ୍ତି, ରାମଚନ୍ଦ୍ର ସାହୁ ଓ ପ୍ରେମାନନ୍ଦ ବରାଳ ମେ ୩୧ ତାରିଖ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ତରଫରୁ ବିଇଓ ଦିବ୍ୟପ୍ରକାଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଫାଇନାଲ୍ ପେନ୍‌ସନ୍ କାଗଜ ପ୍ରଦାନ କରି ବିଇଓ ପ୍ରଧାନ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ଶତୃଘ୍ନ ଖଣ୍ଡା, ଦେବବ୍ରତ ନାଥ, ସେକ୍ସନ୍ ଅଫିସର ବବିତା ଦାସ, ସିନିୟର୍ ଆସଷ୍ଟାଣ୍ଟ ଅକ୍ଷୟ ହୋତା, ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବୈରାଗୀ ସେଠୀ, ସମ୍ପାଦକ ଶତୃଘ୍ନ ମଲ୍ଲିକ, ସାଂଗଠନିକ ସମ୍ପାଦକ ବିଷ୍ଣୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



**ନିଦାବିଷ୍ଟ ସାଜିଛି ତଟବନ୍ଧ ବିଭାଗ**

# ଦୁର୍ବଳ ରିଙ୍ଗବନ୍ଧର ହେଉନି ମରାମତି, ଆତଙ୍କିତ ଆଳିବାସୀ



ଆଳି,୧।୬(ସମିସ): ନଦୀବନ୍ଧର ବିଭିନ୍ନ ସ୍ଥାନରେ ରେନକଟ ଯୋଗୁଁ ବନ୍ଧ ଦୁର୍ବଳ ହେବାରେ ଲାଗିଛି। ବର୍ଷାଋତୁରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ବନ୍ଧରେ ଘାଇ ହେବା ଆଶଙ୍କା ରହିଛି। ଏ ନେଇ ନଦୀକୂଳ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ ପରେ ବି କିଛି ସୁଫଳ ମିଳୁନାହିଁ। ଏଭଳି ଶୋଚନୀୟ ସ୍ଥିତି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଜୀବନରେଖା କୁହାଯାଉଥିବା ଆଳି ରିଙ୍ଗବନ୍ଧ।

ଆଳିର ୩୪ଟି ପଞ୍ଚାୟତ ମଧ୍ୟରୁ ୧୯ଟି ପଞ୍ଚାୟତ ନଦୀ ଘେରି ମଧ୍ୟରେ ରହିଛି। ଏସବୁ ପଞ୍ଚାୟତର ସୁରକ୍ଷା ପାଇଁ ରିଙ୍ଗବନ୍ଧ ନିର୍ମାଣ ହୋଇଥିବାବେଳେ ବାକି ୧୫ଟି ପଞ୍ଚାୟତ ପ୍ରତିବର୍ଷ ସିଧାସଳଖ ବନ୍ୟାର ଶିକାର ହୋଇଥା'ନ୍ତି। ତେବେ ନଦୀରେ ବନ୍ୟା ପାଣି ଆସିବା ମାତ୍ରେ ପ୍ରଥମେ ୧୫ ପଞ୍ଚାୟତବାସୀ ପ୍ରଭାବିତ ହୁଅନ୍ତି ବୋଲି ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ସେହିଭଳି ରିଙ୍ଗବନ୍ଧ ଭିତରେ ଥିବା ୧୯ଟି ପଞ୍ଚାୟତକୁ ଘେରି ରହିଥିବା ରିଙ୍ଗବନ୍ଧ ଦେଇ ନଦୀର ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ଘାଟ କରାଯାଇ ପ୍ରତିଦିନ ଶହ ଶହ ଟ୍ରାକ୍ଟର, ଟ୍ରକ୍, ହାଇୱା ଯୋଗେ ବାଲି ପରିବହନ କରାଯାଉଛି। ଯାନବାହନ ନଦୀବନ୍ଧ ଦେଇ ଯାତାୟାତ କରୁଥିବାରୁ ଦବିଯାଇ ନାଳ ସୃଷ୍ଟି ହେଉଛି। ସେହି ନାଳ ଯୋଗୁଁ ବନ୍ଧ ଦୁର୍ବଳ ହେଉଛି। ବନ୍ଧର ଦୁର୍ବଳ ସ୍ଥାନକୁ ମରାମତି କରାଯାଉନି। ରିଙ୍ଗବନ୍ଧରେ ଥିବା କଲଭର୍ଟ ବହୁ ପୁରୁଣା ହୋଇଥିବାବେଳେ ଆଜିଯାଏ କେବଳ ଠିକାଦାର ପୋଷଣ ନୀତିରେ ଠିକ୍ ଢଙ୍ଗରେ ମରାମତି କାମ ହେଉନି। ଯଦି ବନ୍ୟା ବିପଦ ସଂକେତ ଉପରେ ପ୍ରଭାବିତ ହୁଏ, ତେବେ ଘଳିଆ ପଡ଼ି ବନ୍ୟା ପାଣି ରିଙ୍ଗବନ୍ଧ ଭିତରେ ଥିବା ଶହ ଶହ ଏକର ଚାଷ ଜମିକୁ ନଷ୍ଟ କରିବା ସହ ଅନେକ ଘର ଜଳମଗ୍ନ ହେବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ପତ୍ରପୁରଠାରୁ ସାହୁପଡ଼ା, କୋଳିଡିହ ଦେଇ ବାଳକାଟି ପର୍ଯ୍ୟନ୍ତ ଓ ପତ୍ରପୁରଠାରୁ ଭୂଇଁପୁର ଦେଇ ଆଳି ଦେମାଳ ପର୍ଯ୍ୟନ୍ତ ନଦୀବନ୍ଧର ସଠିକ୍ ଭାବେ ବିଭାଗୀୟ ତଦାରଖ ଅଭାବରୁ ବନ୍ଧ ଅବସ୍ଥା ଦୁର୍ବଳ ହେବାରେ ଲାଗିଛି। ବ୍ରାହ୍ମଣୀ ନଦୀବନ୍ଧ ଖାଇ ଖାଇ ନଦୀକୂଳରେ ପହଞ୍ଚିଥିବାବେଳେ ଖରସ୍ରୋତା ଓ କାଣୀ ନଦୀ ମଧ୍ୟ କୂଳ ନିକଟରେ ପହଞ୍ଚିଲାଣି। ଯଦି ଲଗାଣ ବର୍ଷା ଲାଗି ରହେ, ତା'ହେଲେ ରିଙ୍ଗବନ୍ଧ ଭାଙ୍ଗି ନଦୀ ବନ୍ୟା ଜଳ ପ୍ରବେଶ କରିବାକୁ ବେଶୀ ସମୟ ଲାଗିବନି। ବନ୍ୟା ମୁକାବିଲା ନେଇ ଆଳି ତଟବନ୍ଧ ବିଭାଗ କେତେ ପ୍ରସ୍ତୁତ ଅଛି, ତାହା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଳିର ଜୀବନରେଖା ତଥା ରକ୍ଷା କବଚକୁ ଯଦି ବିଭାଗ ସଠିକ୍ ଭାବେ ତଦାରଖ ନ କରେ, ଆଗକୁ ଆସୁଥିବା ବିପଦକୁ ଏଡ଼ାଇ ଦିଆଯାଇ ନ ପାରେ। ତୁରନ୍ତ ତଟବନ୍ଧ ବିଭାଗ ଦୃଷ୍ଟି ଦେଇ ନଦୀବନ୍ଧ ସୁଦୃଢ଼ୀକରଣ କରିବାକୁ ଆଳି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଆର୍ତ୍ତେଶ୍ୱର ଓ ଉମାକାନ୍ତେଶ୍ୱର ମନ୍ଦିରରେ ଶିବ ବିବାହ



ପଞ୍ଚୁପାଣ୍ଡବ,୧।୬(ସମିସ): ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁରସ୍ଥ ଶୈବପୀଠ ଆର୍ତ୍ତେଶ୍ୱରଙ୍କ ମନ୍ଦିରରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଶେଷ ହୋଇଛି। ଆର୍ତ୍ତେଶ୍ୱରଙ୍କ ବେଢାରେ ନିର୍ମିତ ସୁସଜ୍ଜିତ ବେଦୀରେ ଦେବଦମ୍ପତିଙ୍କ ବିବାହ ହୋଇଥିଲା। ବର ପକ୍ଷରୁ ପଣ୍ଡିତ ରମାକାନ୍ତ ଆଚାର୍ଯ୍ୟ ଓ କନ୍ୟା ପକ୍ଷରୁ ପଣ୍ଡିତ ରଘୁନାଥ ମିଶ୍ର ବିବାହ ସମ୍ପନ୍ନ କରିଥିଲେ। ଶିକ୍ଷାବିତ୍ ପ୍ରଦୀପ୍ତ ନାୟକ ଓ ଦୀପ୍ତିରାଣୀ ନାୟକ ବର ପିତାମାତା ଓ ଦିବାକର ସ୍ୱାଇଁ ଓ ସୁପ୍ରଭା ପରିଡ଼ା କନ୍ୟା ପିତାମାତା ଥିଲେ। ମନ୍ଦିର ପରିଚାଳନା କମିଟିର ନାରାୟଣ ଲେଙ୍କାଙ୍କ ସମେତ ଭାଗବତ ସାହୁ, ସନ୍ତୋଷ ରାଉତ, ଶିକ୍ଷାବିତ୍ ଈଶ୍ୱର ପୃଷ୍ଟି, ହୃଷିକେଶ ଦାସ, କୈଳାସ ଲେଙ୍କା, ଅଭିମନ୍ୟୁ ରାଉତ, ଅଜୟ ମହାଭୋଇ, ରାଜକିଶୋର ମଲିକ, ଶରତ ମଲିକ ଓ ବୀରବର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ରଘୁଦେଇପୁର ପଞ୍ଚାୟତ ରାଜନଗର ଗ୍ରାମର ନୋଳସାହିରେ ଥିବା ଉମାକାନ୍ତେଶ୍ୱର ମନ୍ଦିରରେ ଶେଷ ହୋଇଛି ଦେବଦମ୍ପତିଙ୍କ ବିବାହ। ଏକ ସୁସଜ୍ଜିତ ବିମାନରେ ମହାଦେବ ବାଣ, ବାଜା ଓ ଘଣ୍ଟ ସଂକୀର୍ତ୍ତନ ପଟୁଆରରେ ବରଯାତ୍ରୀଙ୍କ ସହ ବେଣୀପୁର ବଜାର, ସଦାନନ୍ଦପୁର ଓ ବେଲାରପୁର, ରଘୁଦେଇପୁର ଗ୍ରାମ ଦେଇ ଉମାକାନ୍ତେଶ୍ୱରଙ୍କ ପୀଠକୁ ଯାଇଥିଲେ। ଉତ୍ସବକୁ ରଘୁଦେଇପୁର, ନୋଳସାହି ଓ ବଜାର ଗ୍ରାମର ଲୋକେ ପରିଚାଳନା କରିଥିଲେ।

## ସାହିତ୍ୟିକ ପ୍ରକାଶ ପରିଡ଼ାଙ୍କୁ ସମ୍ବର୍ଦ୍ଧନା



ଡେରାବିଶ,୧।୬(ସମିସ): ଓଡ଼ିଆ ସାହିତ୍ୟର ସୁନାମଧନ୍ୟ ଗବେଷକ, ଗାଳ୍ପିକ, ପ୍ରାବନ୍ଧିକ ଡଃ ପ୍ରକାଶ କୁମାର ପରିଡ଼ାଙ୍କୁ ତାଙ୍କ ଜନ୍ମଦିନରେ ମାହାଙ୍ଗା, ନିଶ୍ଚିନ୍ତକୋଇଲି ଓ ଡେରାବିଶ ବ୍ଲକ୍‌ର ବିଭିନ୍ନ ସାହିତ୍ୟାନୁଷ୍ଠାନ ଓ ସାହିତ୍ୟିକ ସମ୍ବର୍ଦ୍ଧିତ କରିଛନ୍ତି। ଚାନ୍ଦୋଳ ବଜାରରେ ଡଃ ପରିଡ଼ାଙ୍କୁ କୁଞ୍ଜ କଳିକାର ସମ୍ପାଦକ କବି ରାଜକିଶୋର ମିଶ୍ର, ମାହାଙ୍ଗାର ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ପରିଷଦ ସମ୍ପାଦକ କବି ଗୌତମ ଜେନା, କବି ପ୍ରଫୁଲ୍ଲ ସିଂ, ସାହିତ୍ୟିକ ପ୍ରାଧ୍ୟାପକ ଡଃ ନିଖିଳେଶ ମହାନ୍ତି, ଅଧ୍ୟାପକ ଫକୀର ନାୟକ, ପ୍ରାଧ୍ୟାପକ ବ୍ରଜକିଶୋର ସ୍ୱାଇଁ, ପ୍ରାଧ୍ୟାପକ ଅବନୀ ନାୟକ, କବି ସାମ୍ବାଦିକ ବିଜୟ କୁମାର କୁଅଁର, ଆଇନଜୀବୀ ଦିଲ୍ଲୀପ ଗ୍ରହାଚାର୍ଯ୍ୟ, ସରୋଜକାନ୍ତ ଦାଶ, ସାମ୍ବାଦିକ ପ୍ରମୋଦ ପ୍ରଧାନ, ଶୁଭେନ୍ଦୁ କୁମାର ପ୍ରତାପ, ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଡଃ ପରିଡ଼ାଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରି ପୁଷ୍ପଗୁଚ୍ଛ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପରେ ଡଃ ପରିଡ଼ା ଶୁଭେନ୍ଦୁଙ୍କୁ 'ଗଳ୍ପ ତର୍ପଣ' ପୁସ୍ତକ ଉପହାର ଦେଇଥିଲେ। ପ୍ରମୋଦ ପ୍ରତାପ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସର ଗ୍ରହଣ କଲେ ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ

- ରହିଛି ଆର୍ଥିକ ଅନିୟମିତତା ଅଭିଯୋଗ
- କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ତଦନ୍ତ ନିର୍ଦ୍ଦେଶ ହୋଇନି କାର୍ଯ୍ୟକାରୀ

ପଟ୍ଟାମୁଣ୍ଡାଇ,୧।୬(ସମିସ): ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଭୂୟାଁ ଶନିବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ନୂତନ ଅଧ୍ୟକ୍ଷ ଭାବେ ବରିଷ୍ଠ ପ୍ରାଧ୍ୟାପକ ପ୍ରଫେସର ଦୁଃଶାସନ ପରିଡ଼ା ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଇଥିବା ଡ. ପରିଡ଼ା କଲେଜର ବିକାଶରେ ନିଜକୁ ସାମିଲ କରି ବ୍ୟାପକ ପରିବର୍ତ୍ତନ ଆଣିବେ ବୋଲି ଛାତ୍ରାଭିଭାବକ, ଶିକ୍ଷାବିତ, କଲେଜ ଆଲମୁନି ଆସୋସିଏସନ ଆଶାବାଦୀ ଥିବାବେଳେ ପୂର୍ବରୁ କଲେଜରେ ଘଟିଯାଇଥିବା ଆର୍ଥିକ ଅନିୟମିତତାର ପର୍ଦାଫାଶ ହେବା ନେଇ ଆଶା ରଖିଛନ୍ତି। ସେହିପରି +୨ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ନେଇ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। କଲେଜ ଆଲୁମିନି ଆସୋସିଏସନର ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ କହିଛନ୍ତି, ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ପଟ୍ଟାମୁଣ୍ଡାଇ କଲେଜ ଅଞ୍ଚଳର ସ୍ୱାଭିମାନର ପ୍ରତୀକ। ଦୀର୍ଘଦିନ ଧରି କଲେଜରେ ଆର୍ଥିକ ଅନିୟମିତତା ଚରମ ସୀମାରେ ପହଞ୍ଚିଛି। ଏହାର ବିଧିବଦ୍ଧ ତଦନ୍ତ କରାଯିବାକୁ ଶ୍ରୀ ତ୍ରିପାଠୀ ଦାବି କରିଛନ୍ତି।

ପଟ୍ଟାମୁଣ୍ଡାଇ କଲେଜରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେବା ନେଇ ଅଭିଯୋଗ ହୋଇଆସୁଛି। କଲେଜରେ ଆର୍ଥିକ ଅନିୟମିତତା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ ବେହେରା ଏହାର ତଦନ୍ତ ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏଥିସହ ସୂଚନାକର୍ମୀ ପ୍ରତାପ ପାଢ଼ୀ ଆରଟିଆଇରେ ତଥ୍ୟ ମାଗିଥିଲେ। ଏହି ତଥ୍ୟରେ ଆର୍ଥିକ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ପଟ୍ଟାମୁଣ୍ଡାଇ କଲେଜ ଆଲୁମିନି ଆସୋସିଏସନ ପକ୍ଷରୁ ମଧ୍ୟ ଆର୍ଥିକ ଅନିୟମିତତା ସମ୍ପର୍କରେ ଭିଜିଲାନ୍ସ ତଦନ୍ତ ଦାବି କରାଯାଇଥିଲା। ତେବେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ପତ୍ର ସଂଖ୍ୟା ୧୧୧୩୮ ୨୭।୯।୨୦୨୪ ଅନୁଯାୟୀ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟର ବରିଷ୍ଠ ଆଡମିନଷ୍ଟ୍ରେଟିଭ ଅଫିସର ଦିଲ୍ଲୀପ ଦାସ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଆର୍ଥିକ ଅନିୟମିତତା ସମ୍ପର୍କରେ ତଦନ୍ତ କରି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା, ତାହାର ରିପୋର୍ଟ କମିଶନରଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ ହୋଇଛି। ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ ଭୂୟାଁ ଚାକିରିରୁ ଅବସର ନେଇସାରିଥିବାରୁ ନୂତନ ଅଧ୍ୟକ୍ଷ ଆର୍ଥିକ ଅନିୟମିତତା ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ସୁପାରିଶ କରିବାକୁ ଆଲୁମିନି ଆସୋସିଏସନ ସମ୍ପାଦକ ଶ୍ରୀ ତ୍ରିପାଠୀ ଦାବି କରିଛନ୍ତି।

## ପ୍ରାଧ୍ୟାପକ ଅବନୀ ରଞ୍ଜନ ନାୟକଙ୍କ ଅବସର ଗ୍ରହଣ



ଡେରାବିଶ,୧।୬(ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଅବନୀ ରଞ୍ଜନ ନାୟକ ଅବସର ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଷ୍ଟାଫ୍ କାଉନସିଲ୍ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷ ଅକ୍ଷୟ ବଳ ପୌରୋହିତ୍ୟ କରିଥିଲେ। ଷ୍ଟାଫ୍ କାଉନସିଲ ସମ୍ପାଦିକା ଅଧ୍ୟାପିକା ସୁକନ୍ୟା ମହାନ୍ତି ଓ ସହସମ୍ପାଦକ ଅଧ୍ୟାପକ ପ୍ରତାପ ଜେନାଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବଳ ପ୍ରାଧ୍ୟାପକ ଅବନୀ ରଞ୍ଜନଙ୍କୁ ଅଙ୍ଗାଭରଣ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀ, ଅଧ୍ୟାପକ ରମାକାନ୍ତ ଦାସ, ପ୍ରଦୀପ ରାଉତ, ପ୍ରଭାକର ଦାସ, ଅଧ୍ୟାପିକା ଶ୍ରୀମତୀ ଦାସ ବିଦାୟୀ ପ୍ରାଧ୍ୟାପକଙ୍କ ବହୁମୁଖୀ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ପ୍ରତାପ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପ୍ରାକ୍ତନ ପ୍ରାଧ୍ୟାପକ ବ୍ରଜକିଶୋର ସ୍ୱାଇଁ ପହଞ୍ଚି ଶ୍ରୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ହରେକୃଷ୍ଣ ସାହୁ, ଦେବାଶିଷ ମହନ୍ତ, ବେଦପ୍ରକାଶ ନାୟକ, ସୌଭାଗ୍ୟ ପ୍ରଧାନ, ଲଳିତ ମୋହନ ପଟ୍ଟନାୟକ, ଅଧ୍ୟାପିକା ଝରାଶ୍ରୀ ପରିଜା, ଲୋପାମୁଦ୍ର ଦାସ, ପୁଷ୍ପଲତା ସାହୁ, ପ୍ରୀତିମିତ୍ରା ସାମଲ, ଅପର୍ଣ୍ଣା ନାୟକ, ସ୍ମୃତିରେଖା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ବୈଠକ



ଡେରାବିଶ,୧।୬(ସମିସ): ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳସ୍ଥ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ମୁଖ୍ୟ କାର୍ଯ୍ୟାଳୟରେ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି କାମିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଶ୍ରମିକ ନେତା ତଥା ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମାଧାନ ହେବା ବଦଳରେ ବଢ଼ି ବଢ଼ି ଚାଲିଥିବା କହିଥିଲେ। ନିର୍ମାଣ ଶ୍ରମିକ ଆବେଦନ କରିଥିବା ସେମାନଙ୍କ ଝିଅ ବିଭାଘର ସହାୟତା ରାଶି ଅଦ୍ୟାବଧି ମିଳିପାରୁନାହିଁ। ଏଥିସହିତ ମହିଳା ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଉନାହିଁ। ଫଳରେ ନିର୍ମାଣ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଉଗ୍ର ହେବାରେ ଲାଗିଛି। ସେମାନଙ୍କ ସମସ୍ୟା ତୁରନ୍ତ ସମାଧାନ ନ ହେଲେ ନିର୍ମାଣ ଶ୍ରମିକ ବାଧ୍ୟ ହୋଇ ନ୍ୟାୟ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକ୍ ରିଆଜୁଦ୍ଦିନ, ଅନିରୁଦ୍ଧ ପୃଷ୍ଟି, ପ୍ରଦୀପ୍ତ ସାମଲ, ନିତ୍ୟାନନ୍ଦ ସାମଲ, ସୁବାସ ସ୍ୱାଇଁ, ଭଗବାନ ବେହେରା, ମହେଶ୍ୱର ନାୟକ, ବାହାଲି ଟୁଡୁ, ଟୁନି ସୋରେନ, ବିଶ୍ୱମ୍ଭର ଗିରି, ଭଗବାନ ବେହେରା ପ୍ରମୁଖ ଶ୍ରୀ ତ୍ରିପାଠୀଙ୍କ ବକ୍ତବ୍ୟକୁ ସମର୍ଥନ କରିଥିଲେ। ଦିତିକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ସହାୟତା



ଆଳି, ୧।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ମାଣିକପାଟଣା ପଞ୍ଚାୟତର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଗୋପାଳଜୀଉପାଟଣା ଗ୍ରାମର ଅସହାୟ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଆଳି ବ୍ଲକ୍ ମାଣିକପାଟଣା ପଞ୍ଚାୟତ ଗୋପାଳଜୀଉପାଟଣା ଗ୍ରାମର ଅମୂଲ୍ୟ ସାହୁ (୫୦) ଗୁଜୁରାଟ ସୂତା କଳରେ କାର୍ଯ୍ୟରତ ଅବସ୍ଥାରେ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଗୁଜୁରାଟର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେବା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଅମୂଲ୍ୟଙ୍କ ପରିବାର କହିଲେ ତାଙ୍କ ସ୍ତ୍ରୀ ଓ ଛୋଟପୁଅ। ଅମୂଲ୍ୟଙ୍କ ମୃତ୍ୟୁ ପରେ ତାଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ପରିବାର ଏବେ ଅସହାୟ। ଅମୂଲ୍ୟଙ୍କ ଶୁଦ୍ଧିକ୍ରିୟା କରିବା ମଧ୍ୟ ପରିବାର ସକ୍ଷମ ନ ଥିଲା। ଏ ଖବର ଜାଣିବା ପରେ 'ଆମ ସ୍ୱାଭିମାନ ଟ୍ରଷ୍ଟ' ସହଯୋଗର ହାତ ବଢ଼ାଇଛି। ଅମୂଲ୍ୟଙ୍କ ଏକାଦଶରେ ଟ୍ରଷ୍ଟର ସଦସ୍ୟ ଅମୂଲ୍ୟଙ୍କ ଧର୍ମପତ୍ନୀ ଅନୁରାଧା ସାହୁଙ୍କୁ ଭେଟି କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତତ୍‌ସହିତ ଟ୍ରଷ୍ଟର ସଦସ୍ୟ ଅମୂଲ୍ୟଙ୍କ ପରିବାରକୁ ସରକାରୀ ଓ ବେସରକାରୀ ସ୍ତରରେ ଅଧିକ ସାହାଯ୍ୟ ଯୋଗାଇ ଦେବା ନେଇ ନିବେଦନ କରିଛନ୍ତି। ଏଥିସହିତ ଗ୍ରାମର ପୁରୁଷୋତ୍ତମ ବେହେରା, ବୀରକିଶୋର ତରାଇ, ନିରଞ୍ଜନ ତରାଇ, ଭଗବାନ ସାହୁ, ପର୍ଶୁରାମ ଆରୁଖ ପ୍ରମୁଖ ଏଭଳି ଅସହାୟ ସମୟରେ ଟ୍ରଷ୍ଟର ସଦସ୍ୟ ସହଯୋଗର ହାତ ବଢ଼ାଇଥିବାରୁ ଟ୍ରଷ୍ଟକୁ ଧନ୍ୟବାଦ ଦେଇଥିଲେ।

## କୋରୋ ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



କେନ୍ଦ୍ରାପଡ଼ା,୧।୬(ସମିସ): ଶନିବାର ପୂର୍ବାହ୍ନରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କୋରୋ ପଞ୍ଚାୟତ ନୋଡାଲ ସରକାରୀ ଉଚ୍ଚବିଦ୍ୟାଳୟରେ ଆଦର୍ଶ ଶିକ୍ଷକ ରାଧାମୋହନ ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୋମନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସତୀର୍ଥର ସମ୍ପାଦକ କବି ମନ୍ମଥ ବରାଳ ମୁଖ୍ୟଅତିଥି, ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ତଥା ବରିଷ୍ଠ ପ୍ରଧାନଶିକ୍ଷକ ବିମଳ ପରିଡା ମୁଖ୍ୟବକ୍ତା, ସମାଜସେବୀ ହରେକୃଷ୍ଣ ସିଂହ, ମଳୟ ସାହୁ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମଧୁସ୍ମିତା ନାୟକ, ଶିକ୍ଷୟିତ୍ରୀ ପୁଷ୍ପମିତ୍ରା ଦ୍ୱିବେଦୀ, ଜଗନ୍ନାଥ ଉପାଧ୍ୟାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେବା ନିବୃତ୍ତ ଶିକ୍ଷକ ରାଧାମୋହନ ଦାଶଙ୍କ ଶିକ୍ଷାଦାନ କ୍ଷେତ୍ରରେ ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଗଣିତ, ବିଜ୍ଞାନ, ସାହିତ୍ୟ, ଇଂରାଜୀ ଓ ସଂସ୍କୃତ ବିଷୟରେ ସେ ବେଶ୍ ଅଭିଜ୍ଞ ଓ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଥିଲେ ବୋଲି ମୁଖ୍ୟବକ୍ତା ବିମଳ ପରିଡା କହିଥିଲେ। ପ୍ରଧାନଶିକ୍ଷକ ସୋମନାଥ ମହାପାତ୍ର ସ୍ୱାଗତ ଭାଷଣ ଓ ଶିକ୍ଷକ ଜଗନ୍ନାଥ ଉପାଧ୍ୟାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ତୃପ୍ତିରେଖା ପରିଡା, ଦୀପ୍ତିରେଖା ପରିଡା, ଦୀପ୍ତିମୟୀ ମୁଦୁଲି, ଇତିଶ୍ରୀ ପ୍ରଧାନ, ସାବିତ୍ରୀ ବିଶ୍ୱାଳ, ଏଲିନା ରାଉତରାୟ, କଳ୍ପନା ଦାସ, ଶିକ୍ଷକ ହିମାଂଶୁ ପରିଡା, ରଘୁନାଥ ବେହେରା, ଚିତ୍ରସେନ ମାଝୀ, ରଞ୍ଜନ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ରାଧାମୋହନ ଦାଶଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର, ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ, ଛତା, ଯୋତା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ତୃପ୍ତିରେଖା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ାମ୍ବିଳା ପଞ୍ଚାୟତରେ ବିକଶିତ କୃଷି ସଂକଳ୍ପ ଅଭିଯାନ

ଆଳି,୧।୬(ସମିସ): ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବହୁ ଯୋଜନା ପ୍ରଣୟନ କରୁଛନ୍ତି। ଏ ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅଧୀନ ବଡ଼ାମ୍ବିଳା ପଞ୍ଚାୟତ ସଭାଗୃହରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇସିଏଆର-ସିଆଇଡବ୍ଲୁଏର ବରିଷ୍ଠ ବୈଜ୍ଞାନିକ ଡା. ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡା ଅରବିନ୍ଦ ଦାସ, ବୈଜ୍ଞାନିକ ଡା ତାପସ ସାହୁ, ବୈଜ୍ଞାନିକ ନମିତା ମହାପାତ୍ର, ବ୍ଲକ୍ କୃଷି ଅଧିକାରୀ ତାପସ ବେହେରା, ସହକାରୀ କୃଷି ଅଧିକାରିଣୀ ସୁଚେତା ପାତ୍ର, ସହକାରୀ ଉଦ୍ୟାନ ଅଧିକାରୀ ସୌମ୍ୟରଞ୍ଜନ ସେଠୀ ଯୋଗଦେଇ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଉନ୍ନତ ଜ୍ଞାନକୌଶଳ ଓ ସରକାରଙ୍କ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ବୈଜ୍ଞାନିକ ଓ କୃଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ୩୦୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇ କୃଷି କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ସୂତ୍ର ବୈଜ୍ଞାନିକଙ୍କଠାରୁ ବୁଝିଥିଲେ। ସରପଞ୍ଚଙ୍କ ପ୍ରତିନିଧି ବିଜୟ ମହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଅଧିକାରୀ, ବୈଜ୍ଞାନିକ, ଚାଷୀଙ୍କ ସହ ଅଟାଳ ସରପଞ୍ଚ ଶ୍ରୀମତୀ ସମ୍ପଦ ବଳ ଉପସ୍ଥିତ ଥିଲେ।

## ନିରଙ୍କାରୀ ମିଶନ ପକ୍ଷରୁ ମହିଳା ସମାବେଶ



ଆଳି,୧।୬(ସମିସ): ନିରଙ୍କାରୀ ମିଶନ ପକ୍ଷରୁ ଆଳି ବ୍ଲକ୍ ନମୌଜାସ୍ଥ ସତସଙ୍ଗ ଭବନରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସୁମିତ୍ରା ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସତସଙ୍ଗରେ ପୁରୀ ଜିଲ୍ଲା ବ୍ରହ୍ମଗିରି ଶାଖାର ଜ୍ଞାନ ପ୍ରଚାରିକା ଶାନ୍ତିଲତା ପ୍ରଧାନ ଯୋଗଦେଇ ମାନବ ଜୀବନର ମୂଳଲକ୍ଷ୍ୟ, ମାନବ କଲ୍ୟାଣ ଓ ବିଶ୍ୱ ଭାତୃତ୍ୱ ପ୍ରତିଷ୍ଠା ପାଇଁ ନିରଙ୍କାରୀ ମିଶନର କାର୍ଯ୍ୟ ଓ ତାହାକୁ ସଫଳ କରିବା କ୍ଷେତ୍ରରେ ମହିଳାଙ୍କ ଭୂମିକା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଏହି ସମ୍ମିଳନୀରେ ଆଳିର ବିଭିନ୍ନ ଅଞ୍ଚଳ ସମେତ ରାଜକନିକା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ଭଦ୍ରକ, ବଳଭଦ୍ରପୁର, ଗୌଡ଼ବାଜପୁର, କଲ୍ୟାଣୀ, କଟକ, ବ୍ରହ୍ମଗିରି ଶାଖାରୁ ୩ ଶହରୁ ଉର୍ଦ୍ଧ୍ୱ ନିରଙ୍କାରୀ ଭଉଣୀ ଯୋଗଦେଇ ଭଜନ, ପ୍ରବଚନ ପ୍ରଦାନ କରିଥିଲେ। ଆଳି ଶାଖାର ନିରଙ୍କାରୀ ଭାଇ ଓ ସେବା ଦଳ ଭଉଣୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ସେବାଦଳ ଭଉଣୀ ସସ୍ମିତା ସାମନ୍ତରାୟ, ରଶ୍ମିତା ନାୟକ, ଶଶୀକଳା ସାହାଣୀ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

**୨୬ ପଞ୍ଚାୟତ ପାଇଁ ଖୋଲିଛି ମାତ୍ର ଗୋଟିଏ ମୁଗ ଓ ବିରି ମଣ୍ଡି**

# ଅଭାବି ବିକ୍ରିର ଶିକାର ହେଉଛନ୍ତି ଡେରାବିଶ ବ୍ଲକ୍‌ର ଚାଷୀ

ଡେରାବିଶ,୧।୬(ସମିସ): ଚଳିତ ରବି ଋତୁରେ ପାଣିପାଗ ଅନୁକୂଳ ଥିବାରୁ ଡେରାବିଶ ବ୍ଲକ୍ ଅଞ୍ଚଳରେ ଭଲ ମୁଗ ଫସଲ ହୋଇଛି। ଏହି ଫସଲକୁ ନେଇ ଚାଷୀଙ୍କ ଆନନ୍ଦ କହିଲେ ନସରେ। ତେବେ ସେମାନଙ୍କ ଆନନ୍ଦ ଏବେ ଭଟ୍ଟା ପଡ଼ିଯାଇଛି। କାରଣ ଏହି ଅର୍ଥକରୀ ଫସଲ ଅମଳ ଦେଖି ଚାଷୀ ଯେତେ ଆନନ୍ଦିତ ହୋଇଥିଲା, ଏବେ ଅଭାବି ବିକ୍ରିର ଶିକାର ହୋଇ କଷ୍ଟ ପାଇବାରେ ଲାଗିଛି। ୨୬ଟି ପଞ୍ଚାୟତ ପାଇଁ ଗୋଟିଏ ମାତ୍ର ମୁଗ ଓ ବିରି ମଣ୍ଡି ଖୋଲିଥିବାରୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

ଡେରାବିଶ ବ୍ଲକ ଅଧୀନରେ ୨୬ଟି ପଞ୍ଚାୟତ ରହିଛି। ଏହି ୨୬ଟି ପଞ୍ଚାୟତର ଚାଷୀଙ୍କଠାରୁ ଖରିଫ ଋତୁରେ ବ୍ଲକ୍ ଅଞ୍ଚଳରେ ଥିବା ୧୦ଟି ସମବାୟ ସମିତି ଧାନ କ୍ରୟ କରିଥିଲେ। ତେବେ ମୁଗ ଅମଳ ସରିବାର ଦୀର୍ଘଦିନ ପରେ ମାତ୍ର ଗୋଟିଏ ସମିତିରେ ମୁଗ ମଣ୍ଡି ଖୋଲିଛି। ଯାହାକି ସମୁଦ୍ରକୁ ଶଙ୍ଖେଭଳି ଡେରାବିଶ ବ୍ଲକ୍‌ର ଚାଷୀ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଡେରାବିଶ ବ୍ଲକ୍ ଅଞ୍ଚଳରେ ୭୦୦୦ ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ମୁଗ ଓ ବିରି ଫସଲ ହୋଇଥିଲା। ମଣ୍ଡି ନ ଖୋଲିବା ଯୋଗୁଁ ଚାଷୀ ଖୋଲା ବଜାରରେ ମୁଗ କ୍ୱିଣ୍ଟାଲ ପ୍ରତି ୬୦୦୦ ଟଙ୍କା ଓ ବିରି କ୍ୱିଣ୍ଟାଲ ପ୍ରତି ୫୪୦୦ ଟଙ୍କାରେ ବିକ୍ରି କରୁଛନ୍ତି। ଏପରିକି ବେପାରୀ ଅଧିକ ଲାଭ ପାଇଁ ବାହାର ବଜାରରେ ମୁଗ ଓ ବିରି ବିକ୍ରୟ ହେଉ ନ ଥିବା କହି ଉପରୋକ୍ତ ଦରରୁ ମଧ୍ୟ କମ୍ ଦରରେ ଗ୍ରାମାଞ୍ଚଳର ଚାଷୀଙ୍କଠାରୁ ହାତେଇବା ପାଇଁ ସକ୍ଷମ ହେଉଛନ୍ତି। ଫଳରେ ଚାଷୀ ନିଜର କଷ୍ଟାର୍ଜିତ ଫସଲକୁ ଲାଭଖୋର ବେପାରୀଙ୍କ ହାତକୁ ଟେକି ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ତେବେ ବ୍ଲକ୍ ଅନ୍ତର୍ଗତ କୁଶିଆପାଳ ସମବାୟ ସମିତିରେ ଖୋଲିଥିବା ମଣ୍ଡିରେ ସରକାରୀ ଧାର୍ଯ୍ୟ ଦରରେ ଚାଷୀ ସେମାନଙ୍କ ରବି ଫସଲ ବିକ୍ରି କରିବେ। ସରକାରୀ ମଣ୍ଡିରେ ମୁଗ କ୍ୱିଣ୍ଟାଲ ପ୍ରତି ୮୬୮୨ ଟଙ୍କା, ବିରି କ୍ୱିଣ୍ଟାଲ ପ୍ରତି ୭୪୦୦ ଟଙ୍କା, ଚିନାବାଦାମ କ୍ୱିଣ୍ଟାଲ ପ୍ରତି ୬୭୮୩ ଟଙ୍କା ଓ ସୂର୍ଯ୍ୟମୁଖୀ କ୍ୱିଣ୍ଟାଲ ପ୍ରତି ୭୨୮୦ ଟଙ୍କାରେ କିଣିବେ। ଏଠାରେ ପ୍ରଶ୍ନ ଉଠିଛି ଏହି ମଣ୍ଡିର ଲାଭ କିପରି ଡେରାବିଶ ବ୍ଲକ୍‌ର ୨୬ଟି ପଞ୍ଚାୟତର ଚାଷୀ ନେଇପାରିବେ। କାରଣ କୁଶିଆପାଳ ମଣ୍ଡିଠାରୁ ଡେରାବିଶ ବ୍ଲକ୍ ଅନ୍ତର୍ଗତ ଯଅଁରାବାରିମୂଳ, ହରିଅଙ୍କ, ବସପୁର, ମୁକୁନ୍ଦପୁର, ଚାନ୍ଦୋଳ, ରତାଦିଆ ଖଣ୍ଡସାହି, ଦାନପୁର, ଚାନ୍ଦୋଳ, ପଲେଇ, କାଉପଡ଼ା, ନରସିଂହପୁର, ବାଲିଆ, ଏଣ୍ଡର, ଲକ୍ଷ୍ମୀନାରାୟଣପୁର, ଛୋଟି, ରଘୁଦେଇପୁର, ମଙ୍ଗଳପୁର, ବେଣୀପୁର ଇତ୍ୟାଦି ପଞ୍ଚାୟତ ୮ରୁ ୧୦ କିଲୋମିଟର ଦୂରରେ ଅବସ୍ଥିତ। ଏ ଅଞ୍ଚଳର ଚାଷୀ ଏତେ ଦୂର ନେଇ ସେଠାରେ ସେମାନଙ୍କ ରବି ଫସଲ ବିକ୍ରି କରିବେ। ଖରିଫ ସମୟରେ ଚାଷୀଙ୍କ ସୁବିଧା ପାଇଁ ବ୍ଲକ ଅଧୀନ ୧୦ଟି ସମବାୟ ସମିତି ମାଧ୍ୟମରେ ଧାନ କ୍ରୟ କରାଯାଇଥିବାବେଳେ ଏବେ ରବି ଋତୁରେ କାହିଁକି ଗୋଟିଏ ମାତ୍ର ମୁଗ ମଣ୍ଡି ଖୋଲାଯାଇଥିବା ନେଇ ଚାଷୀ ପ୍ରଶ୍ନ କରିଛନ୍ତି। ତୁରନ୍ତ ବ୍ଲକ ଅଞ୍ଚଳର ସମସ୍ତ ସମବାୟ ସମିତିରେ ମୁଗ ମଣ୍ଡି ଖୋଲିବାକୁ ଚାଷୀ ଦାବି କରିଛନ୍ତି।

# ଚିକିତ୍ସାରେ ଅବହେଳା: ମା’ ସହ ଗର୍ଭସ୍ଥ ଶିଶୁର ମୃତ୍ୟୁକୁ ନେଇ ତୁମୁଳକାଣ୍ଡ

**■ ନୟାଗଡ଼ ଡାକ୍ତରଖାନାରେ ତୀବ୍ର ଉତ୍ତେଜନା ■ ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ଫୋର୍ସ ମୁତୟନ ■ ଡାକ୍ତରଙ୍କୁ ତୁରନ୍ତ ବଦଳି, ଥାନାରେ ମାମଲା**




ନୟାଗଡ଼, ୧।୬ (ସମିସ): ଜଣେ ମହିଳାଙ୍କ ସହ ତାଙ୍କର ଗର୍ଭସ୍ଥ ଶିଶୁର ମୃତ୍ୟୁକୁ ନେଇ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତୁମୁଳକାଣ୍ଡ ଘଟିଛି। ଉତ୍ତ୍ୟକ୍ତ ଲୋକ ଡାକ୍ତରଖାନା ପରିସରରେ ପାଟିତୁଣ୍ଡ କରିବା ସହ ଡାକ୍ତରଙ୍କ ସହ ହାତାହାତି ଭଳି ପରିସ୍ଥିତି ଉପୁଜିଛି। ଏପରିକି, ପରିସ୍ଥିତି ନିୟନ୍ତ୍ରଣ ପାଇଁ ହସ୍ପିଟାଲ ପରିସରରେ ପୁଲିସ୍‌କୁ ଫୋର୍ସ ମୁତୟନ କରିବାକୁ ପଡ଼ିଥିଲା। ତେବେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବନମାଳି ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିବା ସହ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମେତ ଅନ୍ୟାନ୍ୟ ପ୍ରତିଶ୍ରୁତି ଦିଆଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ମୃତ ମହିଳାଜଣଙ୍କ ହେଲେ, ନୟାଗଡ଼ ସଦର ଥାନା ଅନ୍ତର୍ଗତ ବାଲୁଗାଁର ବିଜେପି ଯୁବନେତା ସଞ୍ଜୟ କୁମାର ନାୟକଙ୍କ ପତ୍ନୀ ମମତା ସ୍ୱାଇଁ। ମମତାଙ୍କ ପ୍ରସବ ବେଦନା ହେବାରୁ ଗତକାଲି ରାତି ପ୍ରାୟ ୭ଟାରେ ପରିବାରଲୋକ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଲେବର୍ ରୁମ୍‌ରେ ତାଙ୍କର ଠିକ୍ ଭାବେ ଚିକିତ୍ସା କରାଯାଇନଥିଲା। ଡାକ୍ତର ତାଙ୍କୁ ଦେଖିବା ପାଇଁ ଆସିନଥିଲେ। ଏପରିକି, ପ୍ରସବ କରାଇବା ପାଇଁ ଡାକ୍ତର ୩୦ ହଜାର ଟଙ୍କା ଦାବି କରିଥିଲେ ବୋଲି ସଞ୍ଜୟ ଅଭିଯୋଗ କରିଛନ୍ତି। ତାଙ୍କ କହିବାନୁଯାୟୀ, ଡାକ୍ତରଙ୍କ ଦାବି ମୁତାବକ ସେ ଟଙ୍କା ଯୋଗାଡ଼ କରି ଆସିବା ବେଳକୁ, ଦୀର୍ଘସମୟଧରି ପ୍ରସବବେଦନାରେ ଛଟପଟ ହୋଇ ରାତି ପ୍ରାୟ ୩ଟା ୪୫ରେ ମମତାଙ୍କ ମୃତ୍ୟୁ ହୋଇଯାଇଥିଲା।

ଏହି ଖବର ପଦାକୁ ଆସିବା ପରେ ଭୋର୍‌ରେ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଯାଇଥିଲା। ସଞ୍ଜୟଙ୍କ ସମ୍ପର୍କୀୟଙ୍କ ସହ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ପାଟିତୁଣ୍ଡ ହେବା ସହ ହାତାହାତି ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ସକାଳ ହେବା ବେଳକୁ ଶହଶହ ଲୋକ ହସ୍ପିଟାଲ ପରିସରରେ ରୁଣ୍ଡ ହୋଇ ହୋ-ହଲ୍ଲା କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ହସ୍ପିଟାଲର ଡାକ୍ତରମାନେ ମନମୁଖୀ କାର୍ଯ୍ୟ ଚଳାଇ ଆସୁଛନ୍ତି। ହସ୍ପିଟାଲ ଅପେକ୍ଷା କ୍ଲିନିକ୍‌କୁ ଗୁରୁତ୍ୱ ଦେଉଛନ୍ତି। ଡାକ୍ତରଙ୍କ ଶୋଷଣ ମନୋବୃତ୍ତି ଯୋଗୁଁ ପ୍ରତିଦିନ ବହୁ ଗରିବ, ନିରୀହ ଲୋକ ପ୍ରାଣ ହରାଉଛନ୍ତି। ଏହି କାରଣରୁ ଆଜି ମଧ୍ୟ ଜଣେ ମା’ ଓ ପେଟରେ ଥିବା ଛୁଆର ଜୀବନ ଯାଇଛି ବୋଲି ସେମାନେ ଅଭିଯୋଗ କରିଥିଲେ।

ପରେ ମମତାଙ୍କ ପରିବାରଲୋକ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ରବୀନ୍ଦ୍ରନାଥ ସାହୁଙ୍କ ନାମରେ ଥାନାରେ ଅଭିଯୋଗ କରିବାରୁ ତତକ୍ଷଣାତ୍ ପୁଲିସ ଏହାକୁ ନେଇ ମାମଲା ରୁଜୁ କରିଥିଲା। ଅପରପକ୍ଷେ, ଡାକ୍ତରଙ୍କୁ ଗିରଫ ଦାବିରେ ଲୋକମାନେ ରୁଣ୍ଡ ହୋଇ ହୋହାଲ୍ଲା କରିବାରୁ ପୁଲିସ୍ ଆଇନଶୃଙ୍ଖଳା ରକ୍ଷା ପାଇଁ ଫୋର୍ସ ମୁତୟନ କରିଥିଲା। ଖବର ପାଇ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ସଦଳବଳେ ପହଞ୍ଚି ବୁଝାସୁଝା କରିଥିଲେ। କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନାତନ କାଲୋ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଏବଂ ୪ ଜଣ ଡିଏସ୍‌ପି, ୬ ଜଣ ଇନ୍‌ସପେକ୍ଟର ଓ ୨ ପ୍ଲାଟୁନ୍ ଫୋର୍ସ ଉପସ୍ଥିତ ରହି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

ସେହିପରି ଖବର ପାଇ ବିଜେପି ଜିଲ୍ଲା ସଭାପତି ତାପସ କୁମାର ମାର୍ଥା, ରଣପୁର ବ୍ଲକ୍ ଅଧ୍ୟକ୍ଷ ନିର୍ମଳା ବେହେରା, ବିଜେପି ନେତା ସନ୍ତୋଷ ପ୍ରଧାନ, ନସିର ଅହମ୍ମଦ, ପ୍ରହଲ୍ଲାଦ ବରାଡ଼, ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କହଁର, ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ, କଂଗ୍ରେସ ନେତା ମନୋଜ କୁମାର ସାହୁ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ।

ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବନମାଳୀ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ବୈଠକରେ ପୁଲିସ୍ ବିଭାଗର ବରିଷ୍ଠ ଅଧିକାରୀ, ସମସ୍ତ ନେତୃବୃନ୍ଦ ଏବଂ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ପିପି ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନୟାଗଡ଼ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ମଧ୍ୟ ଆଲୋଚନାରେ ସାମିଲ ହୋଇଥିଲେ। ଦାବି ମୁତାବକ ତୁରନ୍ତ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ରବୀନ୍ଦ୍ର ନାଥ ସାହୁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଅନ୍ୟତ୍ର ବଦଳି କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାସହ ଏକ କମିଟି ଗଠନ କରି ଘଟଣାର ତଦନ୍ତ କରାଯିବ ଏବଂ ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଏହାସହ ଶବ ବ୍ୟବଚ୍ଛେଦକୁ ଭିଡିଓଗ୍ରାଫି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅପରାହ୍ଣ ପ୍ରାୟ ୧ଟାରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଥିଲା।

**■ ପରକୀୟା ପ୍ରୀତିରୁ ଗଡ଼ିଲା ମୁଣ୍ଡ**

## ଯୁବକଙ୍କୁ ଗଳାକାଟି ହତ୍ୟା

କଣିହାଁ, ୧।୬ (ସମିସ): ପରକୀୟା ପ୍ରୀତିକୁ ନେଇ ଅନୁଗୋଳ ଜିଲ୍ଲା କଣିହାଁ ଥାନା ମସୁଣିହତା ଗ୍ରାମରେ ଜଣେ ଯୁବକଙ୍କ ମୁଣ୍ଡ ଗଡ଼ିଛି। ଶନିବାର ବିଳମ୍ବିତ ରାତିରେ ଯୁବକଙ୍କୁ ଗଳାକାଟି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ମସୁଣିହତା ଗ୍ରାମର ବାବାଜୀ ନାଏକ (୨୫)। ରାତି ପ୍ରାୟ ୨ଟାରେ ବାବାଜୀ ନିଜ ଘର ବାରଣ୍ଡାରେ ଶୋଇଥିବା ବେଳେ କାକୁଡ଼ିଆ ଗ୍ରାମର ବିଭୂତି ନାଏକ (୩୫) ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟିଦେଇଥିଲେ। ଘଟଣାସ୍ଥଳରେ ବାବାଜୀଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ବିଭୂତିଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବିଭୂତିଙ୍କ ସ୍ତ୍ରୀଙ୍କୁ ୭ ମାସ ହେଲା ବାବାଜୀ ପ୍ରେମ ବିବାହ କରି ଘରେ ରଖିଥିଲେ। ଏଥିରେ ବିଭୂତି ପ୍ରତିଶୋଧ ପରାୟଣ ହୋଇ ବାବାଜୀଙ୍କୁ ହତ୍ୟା କରିବା ପାଇଁ ଧମକ ଦେଇଆସୁଥିଲେ। ଶନିବାର ବାବାଜୀ ଘର ବାରଣ୍ଡାରେ ଶୋଇଥିବା ସମୟରେ ବିଭୂତି ଏକ ବାଇକ୍‌ରେ ଆସି ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟି ଦେଇଥିବା ବାବାଜୀଙ୍କ ବାପା ଅଭିଯୋଗ କରିଛନ୍ତି। ବିଭୂତିଙ୍କ ସହ ଅନ୍ୟ ଜଣେ ସହଯୋଗୀ ମଧ୍ୟ ଆସିଥିଲେ। ସେ ବିଭୂତିଙ୍କ ଭାଇ ବୋଲି ବାବାଜୀଙ୍କ ବାପା କହିଛନ୍ତି। ଆଇଆଇସି ରମଣୀ ରଞ୍ଜନ ଦଳେଇଙ୍କ ନେତୃତ୍ୱରେ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

## କାର୍-ବାଇକ୍ ଧକ୍କା; ଶ୍ୱଶୁର-ଜ୍ୱାଇଁ ମୃତ

ବନ୍ଧୁଗାଁ, ୧।୬ (ସମିସ): ଆନ୍ଧ୍ରପ୍ରଦେଶର ସାଦିୱାଲ୍ସା-ଡକିଲା କତାପାଟଣାମ୍ ମଧ୍ୟରେ ଏକ କାର୍ ଧକ୍କାରେ ଶ୍ୱଶୁର-ଜ୍ୱାଇଁଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ ପେଦାଲୋଡ଼ା ପଞ୍ଚାୟତ ଝାଙ୍କରକାର୍ଲି ଗାଁର ଶଶୁର ଅପାନା ପିଡ଼ିକା (୬୨) ଓ ଜ୍ୱାଇଁ ରମେଶ ହୁଇକା (୨୦)। ଘଟଣା ପରେ କାର୍‌ଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ସୂଚନାନୁଯାୟୀ, ଝଙ୍କାରକାର୍ଲିର ରମେଶ ଆନ୍ଧ୍ରପ୍ରଦେଶ ସାଦିୱାଲ୍ସା ଗାଁସ୍ଥିତ ନିଜ ଶ୍ୱଶୁର ଘରକୁ ଶୁକ୍ରବାର ଯାଇଥିଲେ। ସେଠାରୁ ସେ ଶ୍ୱଶୁରଙ୍କ ସହ ବାଇକ୍‌ରେ ନିଜ ଗାଁ ଝାଙ୍କରକାର୍ଲିକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସାଦିୱାଲ୍ସା-ଡକିଲା କତାପାଟଣାମ୍ ମଧ୍ୟରେ ଏକ କାର୍ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ରମେଶଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଆପାନାଙ୍କୁ ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସରପଞ୍ଚ ଶେଖର କଣ୍ଡାଗୋରୀ, ଭେଙ୍କଟ କଣ୍ଡାଗୋରୀ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆନ୍ଧ୍ରପ୍ରଦେଶ ପୁଲିସ୍ ଶବକୁ ଉଦ୍ଧାର କରିବା ସହ ଦୁର୍ଘଟଣା ଘଟାଇଥିବା କାର୍‌କୁ ଧରିବାକୁ ସିସିଟିଭି ଯାଞ୍ଚ କରୁଥିବା ଜଣାପଡ଼ିଛି।

## ମଦୁଆଙ୍କ ଖଣ୍ଡା ଚୋଟରେ ଦୁଇ ପୁଲିସ ଆହତ; ୨ ଗିରଫ

ବଲାଙ୍ଗିର/ପାଟଣାଗଡ଼, ୧।୬ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅପରାଧୀମାନେ ପୁଲିସ୍‌କୁ ବି ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଏହାର ଏକ ନମୁନା ଦେଖିବାକୁ ମିଳିଛି। ଦୁଇ ମଦୁଆଙ୍କ ଖଣ୍ଡା ଚୋଟରେ ପାଟଣାଗଡ଼ ଥାନାର ଦୁଇ ପୁଲିସ୍ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ, କନଷ୍ଟେବଲ୍ ଦେବାଶିଷ ନାଏକ ଓ ଗୃହରକ୍ଷୀ ନିରଞ୍ଜନ ସାହୁ। ଦୁହିଁଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ, ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଛି। ସେମାନେ ହେଲେ, ବ୍ରହ୍ମପୁରାର ମନୋଜ କୁମାର ସାହୁ ଓ ବାଲିପଟା ଗାଁର ଉମାକାନ୍ତ ମାଝୀ।

ସୂଚନାନୁସାରେ, ମନୋଜ ଓ ଉମାକାନ୍ତ ଶୁକ୍ରବାର ବିଳମ୍ବିତ ରାତିରେ ମଦ ପିଇ ଏକ ବାଇକ୍‌ରେ ବ୍ରହ୍ମପୁରା ଅଭିମୁଖେ ଯାଉଥିବା ବେଳେ କନଷ୍ଟେବଲ୍ ଦେବାଶିଷ ଓ ଗୃହରକ୍ଷୀ ନିରଞ୍ଜନ ସେମାନଙ୍କୁ ଅଟକାଇ ପଚରାଉଚରା କରିଥିଲେ। ଏଥିରେ ରାଗି ଯାଇ ଅଭିଯୁକ୍ତଦ୍ୱୟ ସେମାନଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ।

## କମିଲା ଯୁକ୍ତ ୩ ନାମଲେଖା ଆବେଦନ

ଭୁବନେଶ୍ୱର, ୧।୬ (ସମିସ): ଚଳିତ ବର୍ଷ ରାଜ୍ୟରେ ଯୁକ୍ତ ୩ ପାଠ୍ୟକ୍ରମରେ ନାମଲେଖା ଆବେଦନ ଅବଧି ରବିବାର ଶେଷ ହୋଇଛି। ଯୁକ୍ତ ୩ରେ ନାମଲେଖା ପାଇଁ ରାଜ୍ୟରେ ୨ଲକ୍ଷ ୭୬ହଜାର ୫୬୯ଟି ସିଟ୍ ଉପଲବ୍ଧ ରହିଛି । ମାତ୍ର ଯୁକ୍ତ ୩ରେ ନାମ ଲେଖାଇବା ପାଇଁ ମାତ୍ର ୨ଲକ୍ଷ ୫୬ହଜାର ୩୫୦ ଜଣ ଆବେଦନ କରିଛନ୍ତି। ତନ୍ମଧ୍ୟରୁ ୨ଲକ୍ଷ ୪୮ହଜାର ୫୨୮ ପିଲା ଆବଶ୍ୟକ ଫି’ ଦାଖଲ କରି ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଛନ୍ତି। ସମୁଦାୟ ସିଟ୍ ତୁଳନାରେ ଆବେଦନ ସଂଖ୍ୟା ପ୍ରାୟ ୨୬ ହଜାର କମିଛି। ଶିକ୍ଷାବର୍ଷରେ ସନ୍ତୁଳନ ଆଣିବାକୁ ଅର୍ଥାତ୍ ନିର୍ଦ୍ଧାରିତ ସମୟରେ ପାଠପଢ଼ା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ +୨ ପରୀକ୍ଷା ଫଳ ପ୍ରକାଶ ପାଇବା ପୂର୍ବରୁ +୩ ପାଇଁ ଆବେଦନ ଆରମ୍ଭ ହୋଇଥିଲା। ଏପରିକି ଆବେଦନ ଅବଧି ସରିବା ପୂର୍ବରୁ ଆଉ ୧୦ଦିନ ବଢ଼ାଯାଇଥିଲା। ଏହା ସତ୍ତ୍ୱେ ଚଳିତ ବର୍ଷ ଆବେଦନ ସଂଖ୍ୟା ହ୍ରାସ ପାଇଥିବାରୁ ଗତବର୍ଷ ପରି ଯୁକ୍ତ ୩ରେ ସିଟ୍ ସଂଖ୍ୟା ଖାଲି ପଡ଼ିବା ସ୍ପଷ୍ଟ ହୋଇ ଯାଇଛି ।

## ୪୪ ଗୁଣା ପିଲା ଦେଲେ ବିଏଡ୍ ପରୀକ୍ଷା

ଭୁବନେଶ୍ୱର, ୧।୬ (ସମିସ): ରାଜ୍ୟର ୩୪୨ଟି ପରୀକ୍ଷା କେନ୍ଦ୍ରରେ ରବିବାର ବିଏଡ୍ ପରୀକ୍ଷା ଅନୁଷ୍ଠିତ ହୋଇଛି। ଚଳିତବର୍ଷ ପ୍ରାୟ ୧ଲକ୍ଷ ୨୧ ହଜାର ପିଲା ପରୀକ୍ଷା ଦେଇଛନ୍ତି। କଡ଼ା ସୁରକ୍ଷା ମଧ୍ୟରେ ପରୀକ୍ଷା ସରିଥିବା ରାଜ୍ୟ ପ୍ରବରଣ ଆୟୋଗ(ଏସ୍‌ଏସ୍‌ବି)ର ସମ୍ପାଦକ ଡ. ରାଜେଶ କୁମାର ସାହୁ କହିଛନ୍ତି। ଚଳିତବର୍ଷ ବିଏଡ୍ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଛି। ସମୁଦାୟ ୩୧ଟି ଶିକ୍ଷାନୁଷ୍ଠାନରେ ୨୭୫୦ସିଟ୍ ଉପଲବ୍ଧ ରହିଛି। ପ୍ରାୟ ୧ଲକ୍ଷ ୨୧ହଜାର ପିଲା ଅର୍ଥାତ୍ ସମୁଦାୟ ସିଟ୍‌ର ପ୍ରାୟ ୪୪ଗୁଣା ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ଆବେଦନକାରୀଙ୍କ ମଧ୍ୟରେ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ସଂଖ୍ୟା ବହୁ ଅଧିକ। ଚଳିତଥର ୪୩ ହଜାର ୬୧୨ଜଣ ଛାତ୍ର ଆବେଦନ କରିଥିବା ବେଳେ ଏହାର ପ୍ରାୟ ଦୁଇଗୁଣ ଅର୍ଥାତ୍ ୮୬ ହଜାର ୯୩ଜଣ ଛାତ୍ରୀ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଥିଲେ। ଅପରପକ୍ଷରେ, ଏମ୍‌ଏଡ୍ ନାମଲେଖା ପାଇଁ ୧୬୫୧ଜଣ ଆବେଦନ କରିଥିବା ବେଳେ ଆସନ୍ତା ୪ ତାରିଖରେ ଏହାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ।

## ବିଜେଡିରେ ମିଶିଲେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଦଳର ନେତା



ଭୁବନେଶ୍ୱର, ୧।୬ (ସମିସ): ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୦୨୪ ସାଧାରଣ ନିର୍ବାଚନ କଂଗ୍ରେସ ପ୍ରାର୍ଥୀ ଦିଲ୍ଲୀପ ପ୍ରଧାନୀଙ୍କ ନେତୃତ୍ୱରେ ଶତାଧିକ ପିଆରଆଇ ସଦସ୍ୟ ଓ କର୍ମୀ ବିଜେଡିରେ ଯୋଗଦାନ କରିଛନ୍ତି। ରବିବାର ଶଙ୍ଖଭବନଠାରେ ବିଜେଡି ବିଧାୟକ ତଥା ଜିଲ୍ଲା ସଭାପତି ମନୋହର ରନ୍ଧାରୀଙ୍କ ଉପସ୍ଥିତିରେ ସେମାନେ ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ଦଳରେ ସାମିଲ୍ ହୋଇଥିବା ସମସ୍ତଙ୍କୁ ଶ୍ରୀ ରନ୍ଧାରୀ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ।

ଏହି ଅବସରରେ କଂଗ୍ରେସର ବିଧାନସଭା ପ୍ରାର୍ଥୀ ଦିଲ୍ଲୀପ ପ୍ରଧାନୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାବାସୀଙ୍କ ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ବିଜୁ ଜନତା ଦଳରେ ସାମିଲ ହେବା ପାଇଁ ନିଷ୍ପତ୍ତି ନେଲୁ। ଦଳରେ ସାମିଲ ହୋଇ ଆମେ ବହୁତ ଖୁସି ଅନୁଭବ କରୁଛୁ। ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ସରପଞ୍ଚ ସର୍ବଶ୍ରୀ ପ୍ରମିଳା ମୁଦୁଲି, ଶଙ୍କର ନାୟକ, ରୁକ୍ମୁଣୀ ମାଝୀ, ସମିତିସଭ୍ୟ ସର୍ବଶ୍ରୀ ଦୁର୍ଯୋ ମାଝୀ, ଜିତେନ୍ଦ୍ର ହରିଜନ, ସୋମନାଥ ସୌରା, ବରିଷ୍ଠ କଂଗ୍ରେସ ନେତା ମନ୍ଦର ଜାନୀ ଓ ବିପିନି ବିଶୋୟୀ, ପୂର୍ବତନ ସରପଞ୍ଚ କୁମର ପୂଜାରୀ ପ୍ରମୁଖ ବିଜେଡିରେ ସାମିଲ୍ ହେବା ସହ ବେଶ୍ ଖୁସି ବ୍ୟକ୍ତ କରିଥିଲେ। ଏହି ମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ (ମୁନ୍ନା ଖାନ), ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସାଧାରଣ ସମ୍ପାଦକ ରମେଶ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ମିଡିଆ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**■ ଟ୍ରେନ୍‌ରେ ଡକାୟତି ଯୋଜନା**

## ୪ ଗିରଫ, ୨୦ ମୋବାଇଲ ଜବତ

ପୁରୀ, ୧।୬ (ସମିସ): ଆଗକୁ ରଥଯାତ୍ରା। ପୁରୀକୁ ହଜାର ହଜାର ସଂଖ୍ୟାରେ ଯାତ୍ରୀ ଟ୍ରେନରେ ଯିବାଆସିବା କରିବେ। ତେବେ ଟ୍ରେନ ଯାତ୍ରା ଯେପରି ସୁରକ୍ଷିତ ହେବ ସେଥିପାଇଁ ବେଶ୍ ତତ୍ପର ହୋଇପଡିଛନ୍ତି ଆରପିଏଫ୍ ଏବଂ ଜିଆର୍‌ପି ପୋଲିସ। ରାତ୍ରୀକାଳୀନ ପାଟ୍ରୋଲିଂକୁ କଡାକଡି କରିଛନ୍ତି। ଏହି କ୍ରମରେ ଶନିବାର ରାତିରେ ପୁରୀ ଆରପିଏଫ୍ ଏବଂ ଜିଆର୍‌ପି ଥାନା ପୋଲିସ ମିଳିତ ଭାବେ ଷ୍ଟେଶନରେ ପାଟ୍ରୋଲିଂ କରୁଥିଲେ। ରାତି ପ୍ରାୟ ୧୧ଟା ୫୦ ସମୟରେ ଲୋକେ ଅଫିସ ନିକଟ ଟ୍ରେନ ଲାଇନ କଡରେ ୫ ଜଣ ଅସାମାଜିକ ଯୁବକ ବସି ବିଳମ୍ବିତ ରାତିରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ସେଠାରେ ଜିଆର୍‌ପି ଏବଂ ଆରପିଏଫ୍ ଚଢାଉ କରିଥିଲେ। ସେମାନଙ୍କୁ ଦେଖି ଜଣେ ଯୁବକ ଖସି ଯାଇଥିବା ବେଳେ ୪ ଜଣଙ୍କୁ କାବୁ କରିଥିଲେ ଆର୍‌ପିଏଫ୍ ଏବଂ ଜିଆର୍‌ପି ପୋଲିସ। ଅଭିଯୁକ୍ତମାନେ ହେଲେ ଡେଲାଙ୍ଗ ଓଡତରାହୀର ଦିଲ୍ଲୀପ ଜେନା, ଖୋର୍ଦ୍ଧା ଗୁରୁଜଙ୍ଗର ବାବୁଲା ବାରିକ, ଗଞ୍ଜାମ ଚମାଖଣ୍ଡିର ସଞ୍ଜୟ ସେଠୀ, ଗଞ୍ଜାମ ବ୍ରହ୍ମପୁର ସହର ବିଲସାହିର ମନୋଜ ବେହେରା। ପଚରାଉଚରା କରିବା ପରେ ପୁରୀ-ଭଲସାଦ ସାପ୍ତାହିକ ଏକ୍ସପ୍ରେସ ଟ୍ରେନରେ ଡକାୟତି କରିବା ଲାଗି ଯୋଜନା କରୁଥିବା ସ୍ୱୀକାର କରୁଥିଲେ। ଅଭିଯୁକ୍ତମାନଙ୍କଠାରୁ ୨୦ଟି ମୋବାଇଲ ଫୋନ (ଯେଉଁଥିରେ ଗୋଟିଏ ଆଇଫୋନ ରହିଛି), ୨ଟି ଛୁରୀ, ୪ ପ୍ୟାକେଟ ଲଙ୍କାଗୁଣ୍ଡ, ୪ଟି କଳା ରଙ୍ଗର ମାସ୍କ, ୪ଟି ଟ୍ରେନ ଟିକେଟ, ସିଗାରେଟ୍, ଆସ୍କା ୪୦ ବୋତଲ ଏବଂ ମ୍ୟାପ୍ ଜବତ କରାଯାଇଥିଲା। ଏ ନେଇ ଜିଆର୍‌ପି ଥାନାରେ ଏକ ମାମଲା (ନଂ.୪୭/୨୫) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଜିଆର୍‌ପି ଥାନାଧିକାରୀ ଏସ୍.କେ. ବାହିନୀପତି ସୂଚନା ଦେଇଛନ୍ତି। ଆଗକୁ ରଥଯାତ୍ରା ଆସୁଥିବାରୁ ଯାତ୍ରୀଙ୍କ ସୁରକ୍ଷିତ ଯାତାୟାତ ପାଇଁ ଯାଞ୍ଚ ଏବଂ ପାଟ୍ରୋଲିଂ କଡାକଡି କରାଯିବ ବୋଲି ବାହିନୀପତି କହିଛନ୍ତି।

## ରାଜ୍ୟରେ ବନ୍ଦର ବିକାଶ ପାଇଁ ଇଓଆଇ ଆହ୍ୱାନ

**ସହାୟକ ହେଲା ପୂର୍ବ ସରକାରଙ୍କ ବନ୍ଦର ନୀତି**

ଭୁବନେଶ୍ୱର, ୧।୬ (ସମିସ): ରାଜ୍ୟରେ ବିଶାଳ ସାମୁଦ୍ରିକ କ୍ଷମତାକୁ ଉପଯୋଗ କରି ବନ୍ଦର ଭିତ୍ତିକ ବିକାଶ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଅଣ ପ୍ରମୁଖ ବନ୍ଦର, କ୍ରୁଜ ଟର୍ମିନାଲ, ବହୁମୁଖୀ ବନ୍ଦର, ଜାହାଜ ନିର୍ମାଣ ଓ ମରାମତି ସୁବିଧା କେନ୍ଦ୍ର ଏବଂ କଣ୍ଟେନର ଟର୍ମିନାଲର ବିକାଶ ପାଇଁ ରାଜ୍ୟ ସରକାର ଏକ୍ସପ୍ରେସନ ଅଫ୍ ଇଣ୍ଟ୍ରେଷ୍ଟ(ଇଓଆଇ) ଆହ୍ୱାନ କରିଛନ୍ତି। ବୈଶ୍ୱିକସ୍ତରରେ ନିବେଶକ ଏବଂ ଅପରେଟରଙ୍କ ନିକଟରୁ ରାଜ୍ୟ ବନ୍ଦର ଏବଂ ଅନ୍ତଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ଇଓଆଇ ଆହ୍ୱାନ କରାଯାଇଛି।

ଇଓଆଇ ଅନୁଯାୟୀ ରାଜ୍ୟରେ ବାଲେଶ୍ୱରର ବିଚିତ୍ରପୁର(ତାଳସାରୀ)ଠାରୁ ଦକ୍ଷିଣରେ ବାହୁଦା ମୁହାଣ(ଗଞ୍ଜାମ) ଯାଏଁ ପ୍ରାୟ ୫୭୪ କିଲୋମିଟର ବିଶିଷ୍ଟ ସାମୁଦ୍ରିକ ଉପକୂଳ ରହିଛି। ରାଜ୍ୟରେ ବର୍ତ୍ତମାନ ପାରାଦୀପ ଏକ ପ୍ରମୁଖ ବନ୍ଦର ଥିବାବେଳେ ପ୍ରାୟ ୧୪ଟି ଅଣ ପ୍ରମୁଖ ବନ୍ଦର ଚିହ୍ନଟ କରାଯାଇଛି। ଏହି ୧୪ଟି ଅଣ ପ୍ରମୁଖ ବନ୍ଦର ମଧ୍ୟରୁ ଗୋପାଳପୁର ଏବଂ ଧାମରା ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇ ସାରିଲାଣି। ସେହିପରି ଅସ୍ତରଙ୍ଗ ଏବଂ ସୁବର୍ଣ୍ଣରେଖା ବନ୍ଦରରେ ବର୍ତ୍ତମାନ ବିକାଶ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଜଟାଧାର ମୁହାଣରେ ଖୁବଶୀଘ୍ର ଏକ ଜେଟି ନିର୍ମାଣକୁ ନିକଟରେ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏଠାରେ ଜେଏସଡବ୍ଲ୍ୟୁ ଏହି ଜେଟି ନିର୍ମାଣ କରିବ। ଅବଶିଷ୍ଟ ୮ଟି ଅଣ ପ୍ରମୁଖ ବନ୍ଦରର ବିକାଶ ପାଇଁ ଇଓଆଇ ଆହ୍ୱାନ କରାଯାଇଛି। ବିଚିତ୍ରପୁର, ବାହାବଳପୁର, ଚାନ୍ଦିପୁର, ଇଞ୍ଚୁଡି, ଚୂଡାମଣି, ବାଲିହରଚଣ୍ଡୀ, ପାଲୁର ଏବଂ ବାହୁଦା ମୁହାଣ(ସୋନପୁର)ରେ ବନ୍ଦର କାର୍ଯ୍ୟକଳାପକୁ ସଶକ୍ତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଆସନ୍ତା ଜୁନ୍ ୨୩ ତାରିଖ ସୁଦ୍ଧା ଇଚ୍ଛୁକ ସଂସ୍ଥା ଇଓଆଇ ଦାଖଲ କରିପାରିବେ ବୋଲି ଏଥିରେ ଉଲ୍ଲେଖ ରହିଛି।

ରାଜ୍ୟରେ ବନ୍ଦର ଭିତ୍ତିକ କାର୍ଯ୍ୟକଳାପର ବିକାଶ ପାଇଁ ଗତ ବିଜେଡି ସରକାର ୨୦୨୨ ମସିହାରେ ଓଡ଼ିଶା ବନ୍ଦର ନୀତି ପ୍ରଣୟନ କରିଥିଲେ। ଓଡ଼ିଶାରେ ଏହି ନୀତି ଦ୍ୱାରା ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ, ମାଧ୍ୟମରେ ଓଡ଼ିଶା ଉପକୂଳରେ ସ୍ଥାୟୀ ସାମୁଦ୍ରିକ ବିକାଶ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀତ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ବିଶେଷକରି ସାମୁଦ୍ରିକ ଜାହାଜ ପରିବହନ, ସାମୁଦ୍ରିକ ପର୍ଯ୍ୟଟନକୁ ପ୍ରୋତ୍ସାହନ, ବହୁମୁଖୀ ବନ୍ଦର ନିର୍ମାଣ, ଆଦି ଭିତ୍ତିଭୂମି ସୃଷ୍ଟିରେ ନୂଆ ନୀତି ସହାୟକ ହେବ ହୋଇ ପାରିଛି ବୋଲି ବିଶେଷଜ୍ଞ ମହଲରେ ମତ ପ୍ରକାଶ ପାଇଛି।

## ପୁଣି ଶ୍ରୀମନ୍ଦିର ଉପରେ ଉଡିଲା ଡ୍ରୋନ୍

**ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ**

ପୁରୀ, ୧।୬ (ସମିସ): ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦିନକୁଦିନ ବିପନ୍ନ ହେବାରେ ଲାଗିଛି। ବିଭିନ୍ନ ସମୟରେ ଫଟୋ, ଭିଡିଓ ବଡ଼ଦେଉଳର ବହୁ ଗୁପ୍ତତଥ୍ୟକୁ ପଦାରେ ପକାଉଥିବା ବେଳେ ଏବେ ପୁଣି ଉଡିଛି ଡ୍ରୋନ୍। ସମ୍ପ୍ରତି ଭାରତ-ପାକିସ୍ତାନ ସ୍ଥିତିକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଥିବା ବେଳେ ଏହା କେବଳ ଯେ କାଗଜ କଲମରେ ସୀମିତ ତାହା ପ୍ରମାଣିତ ହୋଇଛି। ତେବେ ଏହି ଡ୍ରୋନ ଶ୍ରୀମନ୍ଦିର ଭିତରର ଅନେକ ଦୃଶ୍ୟ ଚୋଲିଥିବା ସନ୍ଦେହ କରାଯାଉଥିବା ବେଳେ ଏହା ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥାକୁ ପୁଣି ପଦାରେ ପକାଇଛି। ବିଗତ ଦିନରେ ଅନେକଥର ସୋସିଆଲ ମିଡିଆରେ ମନ୍ଦିରର ସମ୍ବେଦନଶୀଳ ଫଟୋ, ଭିଡିଓ ଭାଇରାଲ ହୋଇଥିବା ବେଳେ ଏବେ ଲଗାତର ଡ୍ରୋନ୍ ଉଡ଼ିବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି।

ବାରମ୍ବାର ତାଗିଦ୍ ସତ୍ତ୍ୱେ ବୋଲ ମାନୁନାହାନ୍ତି ଅମାନିଆ। ପୁଣି ଭାଇରାଲ୍ ହୋଇଛି ଶ୍ରୀମନ୍ଦିରର ଡ୍ରୋନ ଭିଡିଓ। ମୁଖ୍ୟ ବାନା ଲଗାଯାଉଥିବା ଦୃଶ୍ୟ ଭିଡିଓରେ ଆସିଥିବା ବେଳେ ଜଣେ ଚୁନେରା ସେବାୟତ ନମସ୍କାର କରୁଥିବା ଭିଡିଓରେ ଦେଖିବାକୁ ମିଳିଛି, ଯାହାକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନବାଚୀ



ସୃଷ୍ଟି ହୋଇଛି। ତେବେ ଭାଇରାଲ ଭିଡିଓରେ ଚୁନରା ସେବାୟତଜଣଙ୍କ ଏକାଧିକଥର ଆସୁଥିବା ଦେଖିବାକୁ ମିଳିଛି। ମେ’ ୩୦ରେ ଫେସବୁକ୍‌ରେ ଏହି ଭିଡିଓ ଅପଲୋଡ୍ ହୋଇଛି। ଉତ୍ତରପ୍ରଦେଶର ହିମାଂଶୁ ନାମକ ଜଣେ ଯୁବକଙ୍କ ଆକାଉଣ୍ଟରୁ ଏହି ଭିଡିଓ ଭାଇରାଲ ହୋଇଥିଲା। ହେଲେ ଏବେ ସେ ତାଙ୍କ ଆକାଉଣ୍ଟରୁ ଏହି ଭିଡିଓ ଡିଲିଟ୍ କରିଦେଇଥିବା ଜଣାପଡ଼ିଛି। ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିକୋଣରୁ ଏହା ଉପର ନୋ-ଫ୍ଲାଇଂ ଜୋନ ଘୋଷଣା କରାଯାଇଛି। ହେଲେ ଅନେକ ସମୟରେ ଏହି କଟକଣାକୁ ଉଲ୍ଲଂଘନ କରାଯାଉଥିବା ବେଳେ ରବିବାର ଏହାର ପୁନରାବୃତ୍ତି ଘଟିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବାରମ୍ବାର ଡ୍ରୋନ୍ ଉଡୁଥିବା ବେଳେ ସୁରକ୍ଷା କର୍ମୀମାନେ ଜାଣିପାରୁନାହାନ୍ତି କେମିତି? ଶ୍ରୀମନ୍ଦିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବାଟାଲିୟନ ଗଠନ କରାଯାଇଛି। ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଯୁଦ୍ଧାସ୍ତ୍ର ଗାଡ଼ି ରକ୍ଷକ ସିଂହଦ୍ୱାର ସମ୍ମୁଖରେ ପହରା ଦେଉଛି। ମାଳମାଳ ଓଡ଼ିଶା ପୁଲିସ୍, ଜେଟିପି ମୁତୟନ ଅଛନ୍ତି। ହେଲେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାର ନାକ ତଳେ ଘଟୁଛି ଏଭଳି ଅଘଟଣ। ତେବେ ଶ୍ରୀମନ୍ଦିର ସୁରକ୍ଷା ନେଇ ଆଇନ ମନ୍ତ୍ରୀ ଘୋଷଣା କରିଥିବା ଆଣ୍ଟି ଡ୍ରୋନ ସିଷ୍ଟମ କେବେ ଲାଗିବ ତାହାକୁ ଏବେ ଅପେକ୍ଷା।

## ବର୍ଷାପୂର୍ତ୍ତି ପାଇଁ ବ୍ୟସ୍ତ ସରକାର: ରଜ ପରେ ଚାଷୀଙ୍କୁ ମିଳିବ ବିହନ!

**■ କ୍ଷେତ ହଳ କରି ବିହନକୁ ଚାହିଁଛି ଚାଷୀ ■ ସମବାୟ ସମିତିରେ ନାହିଁ ସରକାରୀ ବିହନ**

ଭୁବନେଶ୍ୱର, ୧।୬ (ସମିସ): ବର୍ଷା ଆସିବା ପୂର୍ବରୁ କ୍ଷେତ ସଜ କରି ଚାଷୀ ଧାନ ବିହନକୁ ଚାହିଁ ବସିଛି, ମାତ୍ର ବିହନ ମିଳୁନାହିଁ। ସମବାୟ ସମିତିକୁ ସରକାରୀ ବିହନ ଆସିନାହିଁ, ବଜାରରେ ମଧ୍ୟ ଆବଶ୍ୟକ ମୁତାବକ ବିହନ ନାହିଁ । ଯେଉଁ ଚାଷୀମାନେ ବିହନ ଗଚ୍ଛିତ କରି ରଖିଛନ୍ତି, ସେମାନେ ଚାଷବାସ କାମ ଆରମ୍ଭ କରିଛନ୍ତି; ଅନ୍ୟ ଚାଷୀମାନେ ସରକାରୀ ବିହନକୁ ଅପେକ୍ଷା କରି ମୁଣ୍ଡରେ ହାତ ଦେଇ ବସିଛନ୍ତି । ଚଳିତବର୍ଷ ଖରିଫ୍‌ରେ ୫୮.୫୦ ଲକ୍ଷ ହେକ୍ଟର ଜମିରେ ଚାଷ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ବିହନ ବଣ୍ଟନରେ ବିଳମ୍ବ ଏହି ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି ।

ଉପକୂଳ ଓଡ଼ିଶାର ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଜିଲ୍ଲା ସମେତ ଅନ୍ୟାନ୍ୟ କେତେକ ସ୍ଥାନରେ ବିହନ ଯୋଗାଣରେ ଅଚଳାବସ୍ଥା ଚାଷୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ବିହନ ଅଭାବ ଯୋଗୁଁ କିଛି ଚାଷୀ ସରକାରୀ ପ୍ରମାଣିକ ବିହନ ବଦଳରେ ବଜାରରୁ ଅନ୍ୟ ବିହନ କିଣି ବୁଣିବାକୁ ମନ ବଳାଉଛନ୍ତି। ମାତ୍ର ଏହି ବିହନ କେତେ ଫଳପ୍ରଦ ହେବ ତାକୁ ନେଇ ଆଶାଆଶଙ୍କା ଭିତରେ ରହୁଛନ୍ତି। ପୁନଶ୍ଚ ସମବାୟ ବ୍ୟାଙ୍କଗୁଡ଼ିକ ବିହନ ଯୋଗାଣରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ସରକାର ସ୍ଥାନୀୟ ସମବାୟ ବ୍ୟାଙ୍କ ମାଧ୍ୟମରେ ବିହନ ବିକ୍ରି କରିବେ ବୋଲି ଘୋଷଣା କରିଥିଲେ ହେଁ ଏଯାବତ୍ ଚାଷୀଙ୍କ ପାଖରେ ବିହନ ପହଞ୍ଚି ପାରୁନି। ବିହନ ଆସିବାକୁ ଆହୁରି ୧୫ ଦିନ ଲାଗିବ ଓ ରଜ ପରେ ବିହନ ମିଳିଯିବ ବୋଲି ସମବାୟ ସମିତି ସମ୍ପାଦକମାନେ କହୁଥିବା ଅଭିଯୋଗ ହୋଇଛି ।

ଚାଷୀ ନେତା ବିଶ୍ୱମ୍ବର ବେଉରିଆଙ୍କ ଅଭିଯୋଗ ଅନୁସାରେ ସମବାୟ ବ୍ୟାଙ୍କଗୁଡ଼ିକର ମନମାନି ଯୋଗୁଁ ଚାଷୀମାନେ ଆଜି ଏଭଳି ଦଶା ଭୋଗୁଛନ୍ତି। ଧାନ ମଣ୍ଡିବେଳକୁ ସମବାୟ ବ୍ୟାଙ୍କମାନେ ଯେତେ ତତ୍ପର, ବିହନ ବିକ୍ରି ପାଇଁ ସେତିକି ତତ୍ପରତା ନାହିଁ। ମଣ୍ଡିରେ କମିଶନ ଓ ଫାଇଦା ଥିବାରୁ ସମବାୟ ସମିତିମାନେ ସେଥିପ୍ରତି ଅଧିକ ମନ ବଳାଉଛନ୍ତି; କିନ୍ତୁ ବିହନ ବିକ୍ରିରେ କମ୍ ଲାଭ ଥିବାରୁ ସେ ଦିଗରେ ମୋଟେ ଧ୍ୟାନ ଦେଉନାହାନ୍ତି। ସମବାୟ ସମିତିଗୁଡ଼ିକ ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିହନ ଆଣୁନାହାନ୍ତି। ନିଜ ସୁବିଧା ଆଣି କିଛି ଖୋଲା ବଜାରରେ ଚଢ଼ା ଦରରେ ବିକ୍ରି କରିଦେଉଛନ୍ତି। ଜାଲିଆତି କରି ଚାଷୀଙ୍କ ନାଁରେ ଏହି ବିହନ ବିକ୍ରି ଉଲ୍ଲେଖ କରି ଦିଆଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି।

ଅପରପକ୍ଷେ ସମବାୟ ସମିତିର କିଛି ସମ୍ପାଦକ ଚାଷୀଙ୍କ ଏହି ଅଭିଯୋଗକୁ ସ୍ୱୀକାର କରିଥିଲେ ବି ବିହନ ନିଗମ ଓ କୃଷି ବିଭାଗ ଉପରକୁ ଦୋଷ ଠେଲି ସଫେଇ ଦେଇଛନ୍ତି। ବିହନ ବିକ୍ରି ନ ହୋଇ ବଳକା ରହିଗଲେ, ଫେରସ୍ତ ବ୍ୟବସ୍ଥା ନ ଥିବାରୁ ସମବାୟ ସମିତିଗୁଡ଼ିକ ଏହାପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ସେହିଭଳି ବହୁ ସମବାୟ ସମିତିରେ ଗୋଦାମ ନଥିବାରୁ ବିହନ ରଖିବା ସମସ୍ୟା ହେଉଛି ବୋଲି ସେମାନେ କହିଛନ୍ତି ।



## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ । ଶୁଭ ଖବର ପ୍ରାପ୍ତ ହେବ । ନୂଆ ଯାନ କିଣିବା ଯୋଗ ଅଛି । ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ । ଉଧାର ଟଙ୍କା ଫେରିପାଇବେ ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ । ନାଚ, ଗୀତରେ ପ୍ରଶଂସା ମିଳିବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ପଡୋଶୀଙ୍କ ସହ ସମ୍ପର୍କ ବଢ଼ିବ ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ । ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ । କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

**କନ୍ୟା:** ବ୍ୟବସାୟରେ ଲାଭ ହେବ । ଆୟଠୁ ଅଧିକ ବ୍ୟୟ କରିବେ । ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ । ନୂଆ କାମ ଆରମ୍ଭ କରିପାରନ୍ତି । ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ ।

**ତୁଳା:** ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ । ପାରିବାରିକ ସମସ୍ୟା ସମାଧାନ ହେବ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଭାଇଭଉଣୀଙ୍କଠାରୁ ଉପହାର ପାଇବେ । ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ । ଚକ୍ଷୁ ସମସ୍ୟା ହୋଇପାରେ ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବା ଭଲ । ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ । ଆଇନଜୀବୀଙ୍କୁ ସଫଳତା ମିଳିବ । ସାମାଜିକ ଓ ଧାର୍ମିକ ସମାବେଶରେ ଯୋଗଦେବେ । ଦାନ ଧର୍ମ କରିବେ ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ । ଲୋକସମ୍ପର୍କ ବୃଦ୍ଧି ପାଇବ । ରାଜନେତାଙ୍କ ପାଇଁ ଦିନଟି ଭଲ ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ । ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ । ବିରୋଧୀଙ୍କୁ ସାମ୍ନା କରିବେ । ଚିନ୍ତାଗ୍ରସ୍ତ ରହିବେ । ଜୀବନସାଥୀଙ୍କୁ ମନ କଥା କହିବେ ।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିପାରେ । କଳା କ୍ଷେତ୍ରରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି । ନିଜ ଲୋକ ଶତ୍ରୁ ସାଜିପାରନ୍ତି ।

## ଆଜିର ଐତିହ୍ୟ

- ୧୯୫୩- ବ୍ରିଟିଶ ରାଜଗାଦି ଆରୋହଣ କଲେ ମହାରାଣୀ ଏଲିଜାବେଥ ଦ୍ୱିତୀୟ ।
- ୧୯୬୬-ଆମେରିକାର ପ୍ରଥମ ମହାକାଶଯାନ ଚନ୍ଦ୍ରପୃଷ୍ଠରେ ଅବତରଣ କଲା ।
- ୧୯୮୮ - ବଲିଉଡ୍‌ର ମହାନ୍ ଅଭିନେତା ରାଜ୍ କପୁରଙ୍କ ଦେହାନ୍ତ ।
- ୨୦୦୬- ଆମେରିକା ଦାଉଦ୍ ଇବ୍ରାହିମ୍ ଓ ତାର ସଂଗଠନ ଉପରେ ପ୍ରତିବନ୍ଧକ ଲଗାଇଲା ।
- ୨୦୧୪- ତେଲଙ୍ଗାନା ଭାରତର ୨୯ ତମ ରାଜ୍ୟ ହେଲା ।

# ସନ୍‌ସ୍କ୍ରିନ୍ ହେଲା କାଳ



ଚୀନ୍‌ରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି । ଏହି ଖବରକୁ ନେଇ ସାମାଜିକ ଗଣମାଧ୍ୟମରେ ମଧ୍ୟ ଆଲୋଚନା ହେଉଛି । ଜଣେ ୪୮ ବର୍ଷୀୟା ମହିଳାଙ୍କ ହାଡ଼ ଏତେ ଦୁର୍ବଳ ହୋଇଥିଲା ଯେ, ସେ କଡ଼ ଲେଉଟାଇବାବେଳେ ଏହା ଭାଙ୍ଗି ଯାଇଥିଲା । ତେବେ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଅନେକ ଦିନରୁ ନ ଆସିବା ତଥା ଅତ୍ୟଧିକ ସନ୍‌ସ୍କ୍ରିନ୍ ବ୍ୟବହାର ଯୋଗୁଁ ତାଙ୍କ ସହ ଏପରି ଘଟିଥିବା ଜଣାପଡ଼ିଛି । ସିଚୁଆନରେ ଥିବା ଚେଙ୍ଗଡୁ ହସ୍‌ପିଟାଲକୁ ଏହି ମହିଳା ଜଣକ ଆସିଥିଲେ । ତାଙ୍କ ହାଡ଼ ଭାଙ୍ଗି ଯାଇଥିଲା । ତେବେ ଏହି ମହିଳାଙ୍କର କୌଣସି ସ୍ଥାନରୁ ଖସି ପଡ଼ିବାରୁ କିମ୍ବା ଦୁର୍ଘଟଣାରୁ ତାଙ୍କ ହାଡ଼ ଭାଙ୍ଗି ନ ଥିଲା । ସେ ବିଛଣାରେ ଶୋଇଥିବା ଅବସ୍ଥାରେ କଡ଼ ଲେଉଟାଇବା କ୍ଷଣି ତାଙ୍କର ହାଡ଼ ଭାଙ୍ଗି ଯାଇଥିଲା । ମେଡିକାଲ ଯାଞ୍ଚରୁ ତାଙ୍କ ଶରୀରରେ ଭିଟାମିନ୍ ଡି'ର ଅତ୍ୟଧିକ ଅଭାବ ଥିବା ଜଣାପଡ଼ିଥିଲା । ମହିଳା ଜଣକ ପିଲାଦିନରୁ ଖରାରୁ ଦୂରେଇ ରହୁଥିଲେ । ସବୁବେଳେ ସୂର୍ଯ୍ୟକିରଣରୁ ତ୍ୱଚାକୁ ଦୂରେଇ ରଖିବା ପାଇଁ ଶରୀରକୁ ଢାଙ୍କିଲା ପରି ପୋଷାକ ପିନ୍ଧୁଥିଲେ । କେବେବି ମୋଟା ପରସ୍ତର ସନ୍‌ସ୍କ୍ରିନ୍ ଲୋସନ ନ ଲଗାଇ ପଦାକୁ ବାହାରୁ ନ ଥିଲେ । ମହିଳା ଜଣକୁ ଚିକିତ୍ସା କରୁଥିବା ଡାକ୍ତର ଲୋଙ୍ଗ ସୁଆଙ୍ଗ କହିବା କଥା, ମହିଳାଙ୍କ ଜୀବନଶୈଳୀ ତାଙ୍କ ଶରୀରରେ ଭିଟାମିନ୍ ଡି'କୁ ଅବରୋଧ କରି ରଖିଥିଲା । ସାଧାରଣତଃ ସୂର୍ଯ୍ୟକିରଣରୁ ଭିଟାମିନ୍ ଡି ମିଳିଥାଏ । କିନ୍ତୁ ମହିଳାଙ୍କ ଶରୀରରେ ସୂର୍ଯ୍ୟକିରଣ ପ୍ରବେଶ କରିପାରୁ ନ ଥିବାରୁ ଏହା ଗମ୍ଭୀର ଅଷ୍ଟିଓପୋରୋସିସ୍‌ର କାରଣ ପାଲଟିଥିଲା । ଏହା ଏପରି ଏକ ସ୍ଥିତି ଯେଉଁଥିରେ ହାଡ଼ଗୁଡ଼ିକ ଦୁର୍ବଳ ହୋଇଯାଏ, ଟିକିଏ ଚାପ ପଡ଼ିଲେ ଭାଙ୍ଗିବା ଆଶଙ୍କା ଥାଏ । ତେବେ ଚୀନ୍‌ରେ ଗୋରା ରଙ୍ଗକୁ ଗୁରୁତ୍ୱ ଦିଆଯାଉଥିବାରୁ ଲୋକେ ମାତ୍ରାଧିକ ସନ୍‌ସ୍କ୍ରିନ୍ ଲୋସନ୍ ଲଗାଇବା ସହ ଲମ୍ବା ପୋଷାକ, ଗ୍ଲଭସ୍, ଟୋପି ଆଦି ବ୍ୟବହାର କରିଥାନ୍ତି । ସେମାନେ ଯଥାସମ୍ଭବ ସୂର୍ଯ୍ୟକିରଣରୁ ଶରୀରକୁ ରକ୍ଷା କରିବାକୁ ଚେଷ୍ଟା କରନ୍ତି । ଏଥିଯୋଗୁଁ ଏଭଳି ଏକ ଅପ୍ରତ୍ୟାଶିତ ରୋଗ ଦେଖାଯାଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି । ଏହି କାହାଣୀ ଏବେ ଚୀନ୍ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି । ଏହି ଘଟଣା ପରେ ଚୀନ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଲୋକଙ୍କୁ ସନ୍ତୁଳିତ ଜୀବନ ଆପଣାଇବାକୁ ପରାମର୍ଶ ଦେଇଛନ୍ତି । ସନ୍‌ସ୍କ୍ରିନ୍ ବ୍ୟବହାର କରିବା ସହ ସୂର୍ଯ୍ୟାଲୋକରେ ସୀମିତ ସମୟ ପାଇଁ ଚଲାବୁଲା କରିବା ନିମନ୍ତେ କହିଛନ୍ତି । ଏହାଦ୍ୱାରା ଶରୀରରେ ପ୍ରାକୃତିକ ଭାବେ ଭିଟାମିନ୍-ଡିର ଆବଶ୍ୟକତା ପୂରଣ କରାଯାଇପାରିବ ବୋଲି ସେମାନେ କହିଛନ୍ତି ।


# ପ୍ରେମରେ ତାରା



ଅଭିନେତ୍ରୀ ତାରା ସୂତାରିଆ ଆଦର ଜୈନଙ୍କଠାରୁ ଅଲଗା ହେବା ପରେ ପୁଣି ଥରେ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି । ବୀର ପାହାଡ଼ିଆଙ୍କ ପ୍ରେମରେ ସେ ପଡ଼ିଥିବା କଥା କୁହାଯାଉଛି । ଗତ ମାର୍ଚ୍ଚ ମାସରେ ଏକ ଫେସନ୍ ଶୋ'ରେ ଏଦୁହିଁଙ୍କୁ ଦେଖାଯାଇଥିଲା । ଉଭୟ ଏହି ଶୋ'ର ସୋଷ୍ଟପର୍ ଥିଲେ । ଏହାପରେ ଉଭୟଙ୍କୁ ଡିନର୍ ଡେଟ୍‌ରେ ଦେଖାଯିବା ପରେ ସେମାନେ ପ୍ରେମ ସମ୍ପର୍କରେ ଥିବା କଥା ଚର୍ଚ୍ଚା ହେବାକୁ ଲାଗିଲା । ଏହାପୂର୍ବରୁ ବୀରଙ୍କ ନାମ ସାରା ଅଲ୍ଲୀ ଖାନ୍, ମାନୁଷୀ ଛିଲ୍ଲରଙ୍କ ସହ ଯୋଡ଼ା ଯାଇଥିଲା । ସେହିଭଳି ତାରା ଆଦରଙ୍କ ଠାରୁ ଅଲଗା ହେବା ପରେ ଅଭିନେତା ଅରୁଣୋଦୟ ସିଂହଙ୍କ ପ୍ରେମରେ ପଡ଼ିଥିବା ଖବର ପ୍ରକାଶ ପାଇଥିଲା । କିନ୍ତୁ ଏକ ସାକ୍ଷାତକାରରେ ତାରା ଏହାକୁ ଗୁଜବ ବୋଲି କହିବା ସହ ଅରୁଣୋଦୟ ତାଙ୍କର ଜଣେ ଭଲ ବନ୍ଧୁ ବୋଲି କହିଥିଲେ । ବୀର ନିକଟରେ ଅକ୍ଷୟ କୁମାରଙ୍କ ସହ 'ସ୍କାଏ ଫୋର୍ସ' ଫିଲ୍ମରେ ଦେଖାଯାଇଥିଲେ । ଏହା ତାଙ୍କର ଡେବ୍ୟୁ ଫିଲ୍ମ ଥିଲା ।

# ଭୂତଳ ଗାଁ

ଦେଶ ହେଉ କି ବିଦେଶ ପ୍ରତ୍ୟେକ ଗାଁର ନିଜସ୍ୱ ସ୍ୱତନ୍ତ୍ରତା ରହିଛି । ଏହି କ୍ରମରେ ଆମେରିକାର ପ୍ରସିଦ୍ଧ ଗ୍ରାଣ୍ଡ କାନିୟନ ନିକଟରେ ଥିବା ହବାସୁ କାନିୟନ ନିକଟରେ ଏକ ବଡ଼ ଖାଇ ରହିଛି । ଏହି ଖାଇ ମଧ୍ୟରେ ଏକ ଗାଁ ରହିଛି । ଯାହାର ନାଁ ସୁପାଇ । ଏହା ଏକ ଭୂତଳ ତଥା ଅଣ୍ଡରଗ୍ରାଉଣ୍ଡ ଗାଁ ଭାବେ ପରିଚିତ । ଭୂପୃଷ୍ଠର ୩୦୦୦ ଫୁଟ ତଳେ ଏହା ରହିଛି । ଏଠାରେ ଆମେରିକାର ମୂଳ ନିବାସୀ ରେଡ୍ ଇଣ୍ଡିଆନମାନେ ରୁହନ୍ତି । ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏହି ଗାଁ ପରିଦର୍ଶନରେ ଆସିଥାନ୍ତି । ସୁପାଇ ଗାଁରେ ଏବେ ୫୦୦ ଲୋକ ରହୁଛନ୍ତି । ବାହ୍ୟ ଦୁନିଆଠାରୁ ବିଛିନ୍ନ ଏହି ଗାଁର ଲୋକେ ଏକ ଭିନ୍ନ ପ୍ରକାରର ଜୀବନ ଜିଇଁଥାନ୍ତି । ସୁପାଇ ଗାଁ ତା'ର ନୀଳ ରଙ୍ଗର ପାଣି ପାଇଁ ପରିଚିତ । ବୈଜ୍ଞାନିକମାନେ ନୀଳ ରଙ୍ଗର ପାଣି ନେଇ ଅନେକ ଗବେଷଣା କରିବା ସତ୍ତ୍ୱେ ଏହାର କାରଣ ଜାଣିପାରିନାହାନ୍ତି । ଏଠାକାର ଲୋକଙ୍କୁ ହବାସୁପାଇ କୁହାଯାଏ । ସ୍ଥାନୀୟ ଭାଷାରେ ଏହାର ଅର୍ଥ ନୀଳ ଓ ସବୁଜ ରଙ୍ଗର ପାଣିରେ ରହୁଥିବା ଲୋକ । ତେବେ ଏହି ଗ୍ରାମକୁ ଯିବା ଆସିବା ପାଇଁ ରାସ୍ତା ମଧ୍ୟ ସୀମିତ । ଏଠାକୁ ପାଦରେ ଚାଲି ଚାଲି ଯିବାକୁ ପଡ଼ିବ ନଚେତ ଘୋଡ଼ାଗାଡ଼ିରେ ବସି ଯିବାକୁ ପଡିବ । ଆଜିର ସମୟରେ ଏହି ଗ୍ରାମ ଏତେ ପଛରେ ଅଛି ଯେ, ଏଠାକାର ଲୋକମାନେ ଆଜିବି ଚିଠି ନେବା ଆଣିବା ପାଇଁ ଘୋଡ଼ା ଉପରେ ନିର୍ଭରଶୀଳ । କାରଣ ଏଠାରେ ନା ରହିଛି ଇ-ମେଲ, ନା ଫ୍ୟାକ୍ସ ନା ହିଁ ଫୋନ । ଆମେରିକା ଭଳି ଉନ୍ନତ ରାଷ୍ଟ୍ରରେ ଆଧୁନିକତାଠାରୁ ବହୁତ ଦୂରରେ ଥିବା ଏହି ଗ୍ରାମ ରହିବା ସତରେ ଆଶ୍ଚର୍ଯ୍ୟର କଥା । ସେହିପରି ଏହା ମଧ୍ୟକୁ ପ୍ରବେଶ କରିବାକୁ ହେଲେ ହବାସୁପାଇ ଜନଜାତିର ଲୋକଙ୍କ ଠାରୁ ଅନୁମତି ନେବାକୁ ପଡ଼ିଥାଏ । ଏହାର ସଂସ୍କୃତିକୁ ସଂରକ୍ଷଣ ରଖିବା ପାଇଁ ଏଠାରେ କଡ଼ା ନିୟମ ପାଳନ କରାଯାଏ । ଡ୍ରୋନ୍, ମାଦକଦ୍ରବ୍ୟ ଏବଂ ଗାଡ଼ି ଚାଳନାକୁ ଏଠାରେ ନିଷେଧ କରାଯାଇଛି । ସେହିପରି ଏଠାରେ ବାସ କରୁଥିବା ଲୋକେ ମକ୍କା, ବିନ୍ସ ଭଳି ପନିପରିବା ଚାଷ କରି ଜୀବିକା ନିର୍ବାହ କରିଥାନ୍ତି । ତେବେ ଏହି ସ୍ଥାନରେ ପହଞ୍ଚିବାକୁ ହେଲେ ଉଡ଼ାଜାହାଜ ଏକମାତ୍ର ସାଧନ ।




# ପବିତ୍ର ଶୀତଳ ଷଷ୍ଠୀ



ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀରେ ମାତା ପାର୍ବତୀ ଏବଂ ମହାଦେବ ଶିବଙ୍କ ବିବାହ ଉତ୍ସବ ପାଳନ କରାଯାଏ । ଏହା ପରଦିନ ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଶିବ ରୁଦ୍ର ଏବଂ ପାର୍ବତୀ ଶାନ୍ତିର ବାର୍ତ୍ତା ବହନ କରନ୍ତି । ଶୀତଳତାର ସଙ୍କେତ ବହନ କରୁଥିବା ଶିବ ପାର୍ବତୀଙ୍କ ବିବାହ ଉତ୍ସବକୁ 'ଶୀତଳ ଷଷ୍ଠୀ' କୁହାଯାଏ । ସେହିପରି ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ପରିସମାପ୍ତି ପରେ ଶୀତଳ ଷଷ୍ଠୀ ବେଳକୁ ଧରାପୃଷ୍ଠ ଶୀତଳ ପରିବେଶ ସୃଷ୍ଟି କରିଥାଏ । ଗ୍ରୀଷ୍ମ ଋତୁ ପୃଥିବୀପୃଷ୍ଠରୁ ବିଦାୟ ନେଉଥାଏ । ତେବେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପୌରାଣିକ କଥାବସ୍ତୁ ଉପରେ ଆଧାରିତ ।

ଆମ ଦୈନନ୍ଦିନ ଜୀବନରେ ଯେଉଁଭଳି ବିବାହ କାର୍ଯ୍ୟ ସମ୍ପାଦନ କରାଯାଏ, ଠିକ୍‌ସେମିତି ବୈଦିକ ରୀତିନୀତିରେ ଶିବ-ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥାଏ । କନ୍ୟା ଖୋଜା, ନିର୍ବନ୍ଧ, ବିବାହ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ, ବରଯାତ୍ରୀ ଆଗମନ ତଥା ବୈଦିକ ରୀତିରେ ବେଦିରେ ଦେବ ଦମ୍ପତିଙ୍କ ବିବାହ, କନ୍ୟାଦାନ ସହିତ ଯାନି ଯୌତୁକ ସହ କନ୍ୟା ବିଦାୟ କାର୍ଯ୍ୟ ହିନ୍ଦୁ ରୀତିରେ ସମ୍ପନ୍ନ କରାଯାଏ । ଏଥିରେ କିଛି ଭକ୍ତ ମା' ପାର୍ବତୀଙ୍କ ମାଆ ବାପା ହୋଇଥିବା ବେଳେ ଆଉ କିଛି ଭକ୍ତ ଶିବଙ୍କ ମାଆ ବାପା ହୋଇ ବିବାହ କାର୍ଯ୍ୟ ତୁଲାଇଥାନ୍ତି । ପାରମ୍ପରିକ ରୀତିରେ ପ୍ରଭୁ ଶିବଙ୍କୁ ବରଯାତ୍ରୀଙ୍କ ସହିତ ମା' ପାର୍ବତୀଙ୍କ ଘରକୁ ବାଜା, ବାଣ, ରୋଷଣୀରେ ନିଆଯାଏ ଏବଂ ବୈଦିକ ରୀତିରେ ବିବାହ କରାଯାଏ । ରଙ୍ଗବେରଙ୍ଗ ଚିତ୍ରରେ ସୁଶୋଭିତ ରଥରେ ଶିବ ଓ ମା' ପାର୍ବତୀଙ୍କୁ ଅଣାଯାଏ । ମଧ୍ୟରାତ୍ରିରୁ ଏହି ପଟୁଆର ଆରମ୍ଭ ହୋଇ ପରଦିନ ଦ୍ୱିପହରରେ ଶିବପାର୍ବତୀଙ୍କ ପୂଜାରେ ଶେଷ ହୁଏ ।

ଅନ୍ୟପଟେ ପୁରୀ ଲୋକନାଥ ମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଏବଂ ସମ୍ବଲପୁରର ଶିବ ମନ୍ଦିର ମାନଙ୍କରେ ଶୀତଳ ଷଷ୍ଠୀ ଯାତ୍ରା ଧୂମ୍‌ଧାମ୍‌ରେ ପାଳନ କରାଯାଏ । ଅବଶ୍ୟ ସମ୍ବଲପୁରରେ ଏହି ପର୍ବର ମୁଖ୍ୟ ଆକର୍ଷଣ ହେଉଛି ପାରମ୍ପରିକ ସଙ୍ଗୀତ ଓ ନାଚ ।




# ସୁଦଶା ବ୍ରତ



ଯେଉଁ ମାସର ଶୁକ୍ଳ ପକ୍ଷ ଦଶମୀ ତିଥୀ ଗୁରୁବାର ସଂଯୋଗ ହୁଏ, ସେହିଦିନକୁ ସୁଦଶା ବ୍ରତ ରୂପେ ପାଳନ କରାଯାଏ । ଏଥିରେ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଏ । ଏହା ମା' ଲକ୍ଷ୍ମୀଙ୍କର ସବୁଠୁ ପ୍ରିୟ ବ୍ରତ । ଏହିଦିନ ଘରକୁ ଲିପାପୋଛା କରାଯାଇ ଚିତା ପକାଯାଏ । ମହିଳାମାନେ ଏହି ଦିନ ବ୍ରତ ରଖନ୍ତି । ନବବିବାହିତା ନିଜ ନୂଆ ବ୍ରତ ସୁଦଶା ବ୍ରତରୁ ଆରମ୍ଭ କରିଥାନ୍ତି । ତେବେ ଏହାର ସଂଯୋଗ ତିଥିରେ ବିବାହ ବ୍ରତ ଆଦି ଶୁଭ କର୍ମ ପଡୁ ନ ଥିଲେ, ନୂଆ କରି ଏହି ବ୍ରତ ଆରମ୍ଭ କରାଯାଏ ନାହିଁ । ସୁଦଶା ଶବ୍ଦ ସହିତ ଦଶଟି ଶବ୍ଦ ଯୋଡ଼ି ହୋଇ ଅଛି । ସେଥିପାଇଁ ୧୦ ପାଖୁଡ଼ା ପଦ୍ମ, ଦଶ ରଙ୍ଗ ମୁରୁଜ, ଦଶ ମୁଖୀ ଦୀପ, ଦଶ ମୁଠି ଚାଉଳ, ଦଶ ମେଞ୍ଚା କଦଳୀ, ଦଶ ଗୋଟି ମଣ୍ଡା ଆଦି ପୂଜା କର୍ମରେ ଲାଗି କରାଯାଏ । କେବଳ ସେତିକି ନୁହେଁ, ଏହିଦିନ ମା' ଲକ୍ଷ୍ମୀଙ୍କ ପାଖରେ ଛେନା, ପିଠା ଭୋଗ ମଧ୍ୟ ଲାଗି କରାଯାଏ । ଦଶଖିଅ ଧଳାସୂତାର ଏକ ବ୍ରତ ପୂଜା କରିବାର ବିଧି ଅଛି । ଆଉ ସେହି ବ୍ରତକୁ ପରବର୍ତ୍ତୀ ସୁଦଶା ବ୍ରତ ପର୍ଯ୍ୟନ୍ତ ବାହୁରେ ଧାରଣ କରାଯାଏ । ବ୍ରତଧାରୀମାନେ ସୁଦଶା ବ୍ରତ ବହି ପଢ଼ିବାର ନିୟମ ଅଛି ।



# କ୍ୟାଲେଣ୍ଡର ଲଗାଇବାର ଶୁଭ ଦିଗ

ବାସ୍ତୁ ଅନୁସାରେ, ଘରେ ଥିବା ପ୍ରତ୍ୟେକ ଜିନିଷର ପ୍ରଭାବ ଲୋକଙ୍କ ଉପରେ ପଡ଼ିଥାଏ । ଏହି କ୍ରମରେ ଘର କାନ୍ଥରେ କ୍ୟାଲେଣ୍ଡର ନିହାତି ଲଗାଯାଏ । ତେବେ କାନ୍ଥରେ କ୍ୟାଲେଣ୍ଡରକୁ ଠିକ୍ ଦିଗରେ ଲଗାଇବାକୁ ନେଇ କିଛି ବାସ୍ତୁ ନିୟମ ଅଛି ।




- ବାସ୍ତୁ ଅନୁସାରେ, ପୁରୁଣା କ୍ୟାଲେଣ୍ଡରକୁ ରଖିବା କିମ୍ବା ଏହାକୁ ନୂଆ କ୍ୟାଲେଣ୍ଡର ସହ ଲଗାଇବା ବାସ୍ତୁ ଦୋଷକୁ ବଢ଼ାଇ ଥାଏ । ବିଶେଷକରି ଏହା ସ୍ୱାସ୍ଥ୍ୟ ଓ ଉନ୍ନତିରେ ବାଧା ସୃଷ୍ଟି କରିଥାଏ । ତେବେ ପୁରୁଣା କ୍ୟାଲେଣ୍ଡରରେ ଠାକୁରଙ୍କ ଫଟୋ ଥିଲେ ତାହାକୁ ଜଳରେ ପ୍ରବାହିତ କରନ୍ତୁ ।
- କ୍ୟାଲେଣ୍ଡରକୁ ପଶ୍ଚିମ ଦିଗରେ ଲଗାଇବା ଶୁଭ । ଉତ୍ତର ଦିଗରେ ଲଗାଇବା ବି ଉତ୍ତମ । ଏହି ଦିଗରେ ଲଗାଇବା ଦ୍ୱାରା ଧନ ଓ ସମୃଦ୍ଧି ଆସେ ।
- ଦକ୍ଷିଣ ଦିଗରେ କ୍ୟାଲେଣ୍ଡର ଲଗାଇବା ଅଶୁଭ । ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚେ ।
- ସେହିପରି ମୁଖ୍ୟ ଦ୍ୱାର କିମ୍ବା କବାଟ ପଛରେ କ୍ୟାଲେଣ୍ଡର ଲଗାଇବା ଅଶୁଭ ।

# ରାହୁ ରତ୍ନ ଗୋମେଦ

**ରତ୍ନ ଶାସ୍ତ୍ର ଅନୁସାରେ, ଗୋମେଦ ରତ୍ନକୁ ହେସୋନାଇଟ୍ କୁହାଯାଏ । ଏହା ରାହୁ ଗ୍ରହ ସହିତ ସମ୍ବନ୍ଧିତ । ଜାତକରେ ଗ୍ରହର ସ୍ଥିତି ଏବଂ ରାଶି ଅନୁସାରେ ଗୋମେଦ ରତ୍ନ ଧାରଣ କରିବା ଉଚିତ । ତେବେ ଏହାକୁ ଠିକ୍ ଭାବେ ଧାରଣ କରିବା ଦ୍ୱାରା ରାହୁ ଗ୍ରହ ମଜଭୁତ ହୋଇଥାନ୍ତି ।**

- ଏହି ରତ୍ନକୁ ରୁପା କିମ୍ବା ଅଷ୍ଟଧାତୁରେ ଧାରଣ କରିବା ଭଲ ।
- ୬ରତିରୁ କମ୍ ଗୋମେଦ ରତ୍ନକୁ ଧାରଣ କରିବା ଅଶୁଭ ।
- ଶନିବାର ଏହାକୁ ସୂର୍ଯ୍ୟାସ୍ତ ପରେ ମଧ୍ୟମା ଅଙ୍ଗୁଳିରେ ପିନ୍ଧିବା ଆବଶ୍ୟକ ।
- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ରତ୍ନକୁ ମିଥୁନ, ମକର, କୁମ୍ଭ, ବୃଷ, ତୁଳା ରାଶି ଧାରଣ କରିପାରିବେ ।
- ସେହିପରି ଜାତକର ଉଚ୍ଚ ସ୍ଥାନରେ ରାହୁ ଥିଲେ, ଗୋମେଦ ରତ୍ନ ଧାରଣ କରାଯାଇପାରିବ ।
- ମୋତି ଓ ମୁଙ୍ଗା ରତ୍ନ ସହିତ ଏହାକୁ ପିନ୍ଧିବା ଅନୁଚିତ ।
- ଗୋମେଦ ରତ୍ନକୁ ଧାରଣ କଲେ ମାନସିକ ଶାନ୍ତି ମିଳେ ।
- ରାହୁ ପ୍ରକୋପରୁ ରକ୍ଷା ପାଇବା ଲାଗି ଏହାକୁ ପିନ୍ଧିବା ଭଲ ।
- ଗ୍ରହର ସ୍ଥିତି ଓ ଜ୍ୟୋତିର୍ବିଦଙ୍କ ପରାମର୍ଶ କ୍ରମେ ଏହାକୁ ଧାରଣ କରିବା ଉଚିତ ।



■ ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ

# ଇଂଲଣ୍ଡ ଲାୟନ୍ସର ଲଢୁଆ ବ୍ୟାଟିଂ

କେଣ୍ଟବୁରୀ, ୧।୬ (ଏଜେନ୍ସି): ଭ୍ରମଣକାରୀ ଭାରତ-ଏ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟରେ ଇଂଲଣ୍ଡ ଲାୟନ୍ସ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରିଛି। ଭାରତ-ଏ'ର ପ୍ରଥମ ପାଳି ସ୍କୋର ୫୫୭ ରନ ଜବାବରେ ଘରୋଇ ଇଂଲଣ୍ଡ ଲାୟନ୍ସ ରବିବାର ତୃତୀୟ ଦିବସ ୩ୟ ସେସନ ରିପୋର୍ଟ ଲେଖା ହେଲାବେଳକୁ ୧୨୦ ଓଭରରେ ୬ ୱିକେଟ ହରାଇ ୫୨୭ ରନ ସଂଗ୍ରହ କରିଛି। ଡାନ୍ ମୋସଲୀ ୧୦୬ ଓ ଜମାନ ଅଖତର ୩୧ ରନ କରି ଖେଳୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଟମ୍ ହେନ୍ସ ୧୭୧ ଓ ମ୍ୟାକ୍ସ ହୋଲ୍ଡେନ ୧୦୧ ରନ କରିଛନ୍ତି। ଭାରତ-ଏ ପକ୍ଷରୁ ମୁକେଶ କୁମାର ସର୍ବାଧିକ ୩ ଏବଂ ଅଂଶୁଲ କାମ୍ବୋଜ, ଶାର୍ଦ୍ଦୁଳ ଠାକୁର ଓ ହର୍ଷ ଦୁବେ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଛନ୍ତି। ୪ ୱିକେଟ୍ ବଳକା ଥାଇ ଇଂଲଣ୍ଡ ଲାୟନ୍ସ ଆହୁରି ୪୮ ରନ ପଛରେ ରହିଛି। ପୂର୍ବରୁ କରୁନ ନାୟାର (୨୦୪)ଙ୍କ ଦ୍ୱିଶତକ ଏବଂ ଧ୍ରୁବ ଜୁରେଲ (୯୪) ଓ ସର୍ଫରାଜ ଖାନ (୯୨)ଙ୍କ ଉପଯୋଗୀ ଇନିଂସ ବଳରେ ଭାରତ-ଏ ପ୍ରଥମ ଇନିଂସରେ ୫୫୭ ରନରେ ଅଲ୍‌ଆଉଟ୍ ହୋଇଥିଲା। ଲାୟନ୍ସ ପକ୍ଷରୁ ଜମାନ ଅଖତର ଓ ଜୋଶ ହଲ୍ ୩ଟି ଲେଖାଏ ୱିକେଟ୍ ନେଇଥିଲେ।

# ପ୍ରଥମଥର ୟୁଫା ଚାମ୍ପିଅନ୍ସ ଲିଗ୍ ଜିତିଲା ପିଏସ୍‌ଜି



ମ୍ୟୁନିକ, ୧।୬ (ଏଜେନ୍ସି): ୟୁରୋପ ମହାଦେଶର ଶ୍ରେଷ୍ଠ ଫୁଟ୍‌ବଲ କ୍ଲବଗୁଡ଼ିକୁ ନେଇ ଆୟୋଜିତ ୟୁଫା ଚାମ୍ପିଅନ୍ସ ଲିଗ୍‌ରେ ଏଥର ପ୍ୟାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) ବାଜିମାତ୍ କରିନେଇଛି। ଶନିବାର ବିଳମ୍ବିତ ରାତିରେ ଜର୍ମାନୀର ମ୍ୟୁନିକ ଏରେନାରେ ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲରେ ଫ୍ରାନ୍ସଭିତ୍ତିକ କ୍ଲବ ପିଏସ୍‌ଜି ୫-୦ ଗୋଲ୍‌ରେ ଏକପାଖିଆ ଭାବେ ଇଣ୍ଟର ମିଲାନକୁ ପରାସ୍ତ କରିଥିଲା। ଫାଇନାଲରେ ପିଏସ୍‌ଜି ପକ୍ଷରୁ ଡିଜାୟର ଡୋଉ ଡବଲ୍ ଗୋଲ୍‌ସ୍କୋର କରିଥିଲେ। ଇଟାଲୀୟ କ୍ଲବ ଇଣ୍ଟର ମିଲାନ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରି ଗୋଲ୍‌ସ୍କୋର ଖାତା ଖୋଲିବାରେ ବିଫଳ ହୋଇଥିଲା। ଏଥିସହ ପିଏସ୍‌ଜି ଇତିହାସରେ ପ୍ରଥମଥର ଲାଗି ବିଶ୍ୱର ଏହି ଶ୍ରେଷ୍ଠ କ୍ଲବଭିତ୍ତିକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସେହିଭଳି ପିଏସ୍‌ଜିର ପ୍ରଶିକ୍ଷକ ଲୁଇସ ଏନ୍‌ରିକ ବିଶ୍ୱର ୬ଷ୍ଠ ପ୍ରଶିକ୍ଷକ ଭାବେ ଦୁଇଟି ଭିନ୍ନ କ୍ଲବ ପକ୍ଷରୁ ୟୁଫା ଚାମ୍ପିଅନ୍ସ ଲିଗ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଏନ୍‌ରିକ ପୂର୍ବରୁ ୨୦୧୫ରେ ବାର୍ସିଲୋନାର ପ୍ରଶିକ୍ଷକ ଥିବାବେଳେ କ୍ଲବକୁ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ କରାଇଥିଲେ।



ଆଇପିଏଲ୍-୧୮ : ଶ୍ରେୟସଙ୍କ ବିସ୍ଫୋରଣରେ ମୁମ୍ବାଇ ବିଦା

# ପଞ୍ଜାବ-ବେଙ୍ଗାଲୁରୁ ଫାଇନାଲ

ଅହମ୍ମଦାବାଦ,୧।୬ (ଏଜେନ୍ସି)

'ଆମେ ଲଢ଼େଇ ହାରିଛୁ, ଯୁଦ୍ଧ ନୁହେଁ।' ଆଇପିଏଲ୍-୧୮ର ପ୍ରଥମ କ୍ୱାଲିଫାୟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁଠାରୁ ହାରିବା ପରେ କହିଥିଲେ ପଞ୍ଜାବ କିଙ୍ଗସ ଅଧିନାୟକ ଶ୍ରେୟସ ଆୟର। ଏଠାରେ ଆଜି ଅନୁଷ୍ଠିତ ଦ୍ୱିତୀୟ କ୍ୱାଲିଫାୟରରେ ୫ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ୱିକେଟରେ ପରାସ୍ତ କରି ପଞ୍ଜାବ କିଙ୍ଗସକୁ ଫାଇନାଲରେ ପ୍ରବେଶ କରାଇବା ପରେ ଆୟର ଏହା ପ୍ରମାଣିତ କରିଛନ୍ତି। ଏହି ବିଜୟ ଫଳରେ ଦୀର୍ଘ ୧୧ ବର୍ଷ ପରେ ପଞ୍ଜାବ ଫାଇନାଲରେ ପ୍ରବେଶ କରିଛି ଓ ଏଠାରେ ଜୁନ୍ ୩ ତାରିଖ ଦିନ ହେବାକୁ ଥିବା ଟାଇଟଲ ମୁକାବିଲାରେ ବେଙ୍ଗାଲୁରୁକୁ ଭେଟିବ। ଏଠାରେ ରବିବାର ଖେଳାଯାଇଥିବା ମ୍ୟାଚ୍ ବର୍ଷା ଯୋଗୁଁ ୨ ଘଣ୍ଟା ୧୫ ମିନିଟ୍ ବିଳମ୍ବରେ ଆରମ୍ଭ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ପ୍ରତିଦ୍ୱନ୍ଦ୍ୱୀ ପଞ୍ଜାବ ଆଗରେ ୨୦୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର ଦମ୍‌ଦାର ବ୍ୟାଟିଂ ବଳରେ ଗୋଟିଏ ଓଭର ଖେଳ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଛକା ମାରି ଦଳକୁ ଜିତାଇଥିବା ଆୟର ୪୧ ବଲ୍‌ରେ ୫ ଚୌକା ଓ ୮ ଛକା ସହ ୮୭ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଜୋଶ ଇଂଲିଶ ୩୮ ଓ ଯୁବ ଖେଳାଳି ନେହାଲ ୱାଧେରା ୨୯ ବଲ୍‌ରୁ ୪୮ ରନ୍ କରି ଉପଯୋଗୀ ସହାୟତା ଦେଇଥିଲେ। ମୁମ୍ବାଇ ପକ୍ଷରୁ ଅଶ୍ୱିନ କୁମାର ୨ଟି ୱିକେଟ ନେଇଥିଲେ ମଧ୍ୟ ୧୯ତମ ଓଭରରେ ୨୬ ରନ୍ ସହ ୪ ଓଭରରେ ୫୫ ରନ୍ ଦେଇଥିଲେ।

**ଜୁନ୍ ୩ରେ ଫାଇନାଲ**

ପୂର୍ବରୁ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୦୩ ରନ୍ କରିଛି। ଦଳ ପକ୍ଷରୁ ଉଭୟ ସୂର୍ଯ୍ୟକୁମାର ଓ ତିଲକ ୪୪ ରନ୍ ଲେଖାଏଁ କରିଥିଲେ। ପୂର୍ବରୁ ମାତ୍ର ୮ ରନ୍ କରି ରୋହିତ ଶର୍ମା ଆଉଟ ହେବା ପରେ ଜନି ବେୟାରଷ୍ଟୋ ୨୪ ବଲ୍‌ରେ ୩୮ ରନ୍ କରି ଭଲ ଆରମ୍ଭ କରିଥିଲେ। ଶେଷଭାଗରେ ନମନ ଧୀରଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ମୁମ୍ବାଇ ଦୁଇ ଶହ ରନ୍ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ନମନ ୧୮ ବଲ୍‌ରେ ୭ଟି ଚୌକା ସହ ୩୭ ରନ୍ କରି ଶେଷ ଓଭରରେ ଆଉଟ ହୋଇଥିଲେ। ପଞ୍ଜାବ ପକ୍ଷରୁ ଆଜମତୁଲ୍ଲା ଓମରଜାଇ ସର୍ବାଧିକ ୨ଟି ୱିକେଟ ପାଇଥିଲେ।

**ରେକର୍ଡ** : ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ୧୬ ରନ୍ କରିବା ପରେ ଓପନିଂ କରି ନଥିବା ଖେଳାଳିଙ୍କ ମଧ୍ୟରେ ଗୋଟିଏ ସିଜନରେ ସର୍ବାଧିକ ରନ୍ କରିବାର ରେକର୍ଡ ଭାଙ୍ଗିଦେଇଥିଲେ। ପୂର୍ବରୁ ଗୋଟିଏ ସିଜନରେ ୬୮୭ ରନ୍ କରିଥିବା ବେଙ୍ଗାଲୁରୁର ଏବି ଡି ଭିଲିୟର୍ସଙ୍କ ନାମରେ ରହିଥିଲା। ୨୦୧୬ରେ ସେ ଏହି ରେକର୍ଡ କରିଥିଲେ। ଏହାର ୯ ବର୍ଷ ପରେ ସୂର୍ଯ୍ୟକୁମାର ଏହି ରେକର୍ଡକୁ ଭାଙ୍ଗିବାରେ ସମର୍ଥ ହୋଇଥିଲେ।ନାହିଁ। ଏଥର ପ୍ରଥମ ଟାଇଟଲ ଜିତିବାକୁ ଦଳ ନିକଟରେ ସୁଯୋଗ ରହିଛି।

# ରିଅଲ ମାଦ୍ରିଦ୍ ବିଶ୍ୱର ସବୁଠାରୁ ଧନୀ ଫୁଟବଲ କ୍ଲବ୍

ମାଦ୍ରିଦ୍,୧।୬ (ଏଜେନ୍ସି): ସ୍ପେନ୍‌ର ପେସାଦାର ଫୁଟବଲ କ୍ଲବ୍ ରିଅଲ ମାଦ୍ରିଦ୍ କ୍ରମାଗତ ଚତୁର୍ଥ ବର୍ଷ ଲାଗି ବିଶ୍ୱର ସବୁଠାରୁ ଦାମି କ୍ଲବ୍ ଭାବେ ବିଜନେସ୍ ମାଗାଜିନ୍ ଫୋର୍ବସ ପକ୍ଷରୁ ପ୍ରକାଶ ପାଇଛି। ଚଳିତବର୍ଷ ଏହି କ୍ଲବ୍ ୧.୧୩ ନିୟୁତ ଡଲାର ବିଲିୟନ୍ ଡଲାର ଆୟ କରିଛି। ଏହା ଫଳରେ ଦଳର ସମ୍ପତ୍ତିର ମୂଲ୍ୟ ୬.୬ ବିଲିୟନ ଡଲାରରେ ପହଞ୍ଚିଛି। ବିଶ୍ୱର ଦାମୀ କ୍ଲବ୍ ତାଲିକାରେ ଇଂଲଣ୍ଡର ମାଞ୍ଚେଷ୍ଟର ୟୁନାଇଟେଡ ଦ୍ୱିତୀୟ, ରିଅଲର ରିୟଲ ପ୍ରତିଦ୍ୱନ୍ଦ୍ୱୀ ବାର୍ସିଲୋନା ତୃତୀୟ ସ୍ଥାନରେ ରହିଛନ୍ତି। ଫୋର୍ବସ ପକ୍ଷରୁ ପ୍ରତିବର୍ଷ ଏହି ତାଲିକା ପ୍ରକାଶ କରାଯାଇଥାଏ।

ଫ୍ରେଞ୍ଚ ଓପନ୍

# କ୍ୱାର୍ଟରରେ ଭିଟୋଲିନା, ଆଲକାରାଜ୍

ପ୍ୟାରିସ, ୧।୬ (ଏଜେନ୍ସି): ଗତ ୨୨ ବର୍ଷରେ ପ୍ରଥମ ଆମେରିକୀୟ ଟେନିସ ଖେଳାଳି ଭାବେ ଟମି ପଲ୍ ବ୍ଲିଜଡ୍ ଫ୍ରେଞ୍ଚ ଓପନ୍ ପୁରୁଷ ଏକକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ୪ର୍ଥ ରାଉଣ୍ଡର ଏକ ମ୍ୟାଚରେ ବିଶ୍ୱର ୧୨ତମ ମାନ୍ୟତା ଟମି ୬-୩, ୬-୩, ୬-୩ ସିଧାସଳଖ ଗେମ୍‌ରେ ଅଷ୍ଟ୍ରେଲିଆର ଆଲେକ୍ସି ପୋପିରିନଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଶେଷଥର ଲାଗି ଆମେରିକୀୟ ଭାବେ ୨୦୦୩ରେ ଆନ୍ଦ୍ରେ ଆଗାସୀ ଏଠାରେ କ୍ୱାର୍ଟର ଫାଇନାଲ ଖେଳିଥିଲେ। ସେହିଭଳି କାର୍ଲସ ଆଲକାରାଜ ଇଂଲଣ୍ଡର ବେନ୍ ସାଲ୍ଟନ୍‌ଙ୍କୁ ୭-୬, ୬-୩, ୪-୬, ୬-୪ ସେଟ୍‌ରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ୧୩ତମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନା, ପୋଲାଣ୍ଡର ଇଗା ସ୍ୱିଆଟେକ, ବେଲାରୁଷର ଆରିନା ସାବାଲେଙ୍କା ଓ ଚାଇନାର କ୍ୱିନୱିନ ଝେଙ୍ଗ୍ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲରେ ଭିଟୋଲିନା ୪-୬, ୭-୬ (୮-୬), ୬-୧ରେ ଗତ ସଂସ୍କରଣର ଉପବିଜେତା ଇଟାଲୀର ଜସ୍ମିନ ପାଓଲିନଙ୍କୁ ହରାଇଥିଲେ। ପ୍ରଥମଥର ଲାଗି ଫ୍ରେଞ୍ଚ ଓପନର ରାଉଣ୍ଡ-୮ରେ ପହଞ୍ଚିଥିବା ଭିଟୋଲିନା କ୍ୱାର୍ଟରରେ ଡିଫେଣ୍ଡିଂ ଚାମ୍ପିଅନ ସ୍ୱିଆଟେକଙ୍କୁ ଭେଟିବେ। ଅନ୍ୟ ଏକ ମ୍ୟାଚରେ ସ୍ୱିଆଟେକ୍ ୧-୬, ୬-୩, ୭-୫ ସେଟରେ ଏଲିନା ରିବାକିନାଙ୍କୁ ହରାଇଥିଲେ। ସେହିଭଳି ବିଶ୍ୱମାନ୍ୟତାର ଏକ ନମ୍ବର ଖେଳାଳି ସାବାଲେଙ୍କା ୭-୫, ୬-୩ ସେଟରେ ଆମେରିକାର ଆମଣ୍ଡା ଆନିସିମୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି।






କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ 'ଓମେନ୍ସ ଆଚିଭର୍ସ ଆୱାର୍ଡ' ପ୍ରଦାନ କରୁଛନ୍ତି ମେନକା ଗାନ୍ଧି।

# ଇଂଲଣ୍ଡକୁ ସିରିଜ ଜିତାଇଲେ ରୁଟ୍

କାର୍ଡିଫ, ୧।୬ (ଏଜେନ୍ସି): ଜୋ ରୁଟ୍‌ଙ୍କ ୧୬୬ ରନର ଅପରାଜିତ ଶତକୀୟ ପାଳି ବଳରେ ରବିବାର ଏଠାରେ ଖେଳାଯାଇଥିବା ୨ୟ ଏକଦିବସୀୟ ମ୍ୟାଚରେ ଇଂଲଣ୍ଡ ୩ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୪୭.୪ ଓଭରରେ ୩୦୮ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ କେସି କାର୍ଟି ୧୦୩ ରନ କରିଥିଲେ। ବୋଲିଂରେ ଇଂଲଣ୍ଡର ଆଦିଲ ରଶିଦ ୪ ଓ ସାକିବ ମହମ୍ମଦ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଇଂଲଣ୍ଡ ୭ ବଲ୍ ପୂର୍ବରୁ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ୧୩୯ ବଲର ଶତକୀୟ ପାଳିରେ ରୁଟ୍ ୨୧ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ହ୍ୟାରୀ ବ୍ରୁକ୍ ୪୭ ଓ ୱିଲ୍ ଜ୍ୟାକ୍ ୪୯ ରନ କରିଥିଲେ। ୱେଷ୍ଟଇଣ୍ଡିଜର ଆଲ୍‌ଜାରୀ ଜୋସେଫଙ୍କୁ ୪ଟି ୱିକେଟ୍ ମିଳିଥିଲେ ମଧ୍ୟ ଏହା ବୃଥା ଯାଇଥିଲା। ବିଜୟ ସହ ଇଂଲଣ୍ଡ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ମଧ୍ୟ ୱେଷ୍ଟଇଣ୍ଡିଜ ୨୩୮ ରନରେ ହାରିଥିଲା। ଅନ୍ତିମ ତଥା ୩ୟ ଏକଦିବସୀୟ ମଙ୍ଗଳବାର ଖେଳାଯିବ।

# ଓସିଏର କ୍ୟୁରେଟର୍ କର୍ମଶାଳା ଉଦ୍‌ଯାପିତ

କଟକ,୧।୬(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ତରଫରୁ ବାରବାଟୀ ଷ୍ଟାଡିୟମରେ ଚାଲିଥିବା କ୍ୟୁରେଟର କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆସାମ ଆଇସିଏଆର କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ପ୍ରଫେସର ଏସ.କେ ରାୟ, ଓୟୁଏଟିର ପ୍ରଫେସର ରବୀନ୍ଦ୍ର କୁମାର ନାୟକ, ପ୍ରଫେସର ରବିରତନ ଦାସ, ପ୍ରଫେସର ଉତ୍ତମ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଓସିଏର ମୁଖ୍ୟ କ୍ୟୁରେଟର ଅଞ୍ଜନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ତିନି ଦିନିଆ କର୍ମଶାଳାରେ ୪୯ଜଣ କ୍ୟୁରେଟର ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ଅନୁଗୋଳ କ୍ରିକେଟ ଏକାଡେମୀର କ୍ୟୁରେଟର ଅଞ୍ଜନ କର, ସୋନପୁର କ୍ରିକେଟ ଏକାଡେମୀର କ୍ୟୁରେଟର ବି ସୁଦର୍ଶନ ପାତ୍ର ଏବଂ ସୁନ୍ଦରଗଡ଼ କ୍ରିକେଟ ଏକାଡେମୀର କ୍ୟୁରେଟର ଶୁଭମ ଦାସଙ୍କୁ ସମ୍ମାନିତ କରାଯିବା ସହ ୧୦ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସିଇଓ ସୁବ୍ରତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିସିସିଆଇ କ୍ୟୁରେଟର ପଙ୍କଜ ପଟ୍ଟନାୟକ, ଓସିଏ କ୍ୟୁରେଟର ବିଭୂ ଶତପଥୀ, ହୃଷିକେଶ ସିଂହ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ।

# ବିଶ୍ୱ ପାରା ଆଥ୍‌ଲେଟିକ୍ସରେ ଭାଗନେବେ ସୁଚିତ୍ରା

ଭୁବନେଶ୍ୱର, ୧।୬ (ସମିସ): ଫ୍ରାନ୍ସରେ ସୋମବାରଠାରୁ ପ୍ୟାରିସ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଗ୍ରାଁପ୍ରି ଆରମ୍ଭ ହେବ। ଏହି ବିଶ୍ୱସ୍ତରୀୟ ପାରା ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାର ସୁଚିତ୍ରା ପାତ୍ର ଦେଶ ତରଫରୁ ପ୍ରତିନିଧିତ୍ୱ କରିବେ। ସୁଚିତ୍ରା ମହିଳା ଥ୍ରୋ ଇଭେଣ୍ଟ (ଜାଭେଲିନ ଓ ସଟ୍‌ପୁଟ)ର ଏଫ୍-୫୫ ବର୍ଗରେ ଅଂଶଗ୍ରହଣ କରିବେ। ନିଜ କାଟାଗୋରୀରେ ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ସୁଚିତ୍ରା ଚଳିତ ବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ନୂଆଦିଲ୍ଲୀ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଗ୍ରାଁପ୍ରିରେ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିଭଳି ଚେନ୍ନଇରେ ଆୟୋଜିତ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ମଧ୍ୟ ପ୍ରଥମ ସ୍ଥାନ ହାସଲ କରିଥିଲେ। ପ୍ୟାରିସ ଗ୍ରାଁପ୍ରିରେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରିବା ନେଇ ଓଡ଼ିଶା ପାରା କ୍ରୀଡ଼ା ସଂଘ ପକ୍ଷରୁ ସୁଚିତ୍ରାଙ୍କୁ ଶୁଭେଚ୍ଛା ଜଣାଯାଇଛି।



ଅରବିନ୍ଦ ସ୍ମାରକୀ କ୍ରିକେଟ

# ସେମିରେ ରାଇଜିଂ ଷ୍ଟୁଡେଣ୍ଟସ୍



ଭୁବନେଶ୍ୱର,୧।୬ (ସମିସ): କଟକର ରାଇଜିଂ ଷ୍ଟୁଡେଣ୍ଟସ ୩୩ ରନ୍‌ରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରି ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ରବିବାର ଆରମ୍ଭ ହୋଇଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଉଦଘାଟନୀ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟୁଡେଣ୍ଟ ୨୯.୫ ଓଭରରେ ୧୭୨ ରନ୍ କରିଥିଲା। ଦଳ ପକ୍ଷରୁ ସାଇଦୀପ ମହାପାତ୍ର ୭୨ ଓ ଅମିନ ଖାନ୍ ୩୧ ରନ କରିଥିଲେ। ରାମେଶ୍ୱରର ନିରଞ୍ଜନ ଗୌଡ଼କୁ ୬ଟି ୱିକେଟ ମିଳିଥିଲା। ଜବାବରେ ରାମେଶ୍ୱର ୩୬.୧ ଓଭରରେ ୧୫୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ମଲ୍ଲିକ ୩୯ ଓ ରାଜେଶ ମହାନ୍ତି ୨୭ ରନ୍ କରିଥିଲେ। ବିଜୟୀ ଦଳର ବିପ୍ଳବ ସାମନ୍ତରାୟ ସର୍ବାଧିକ ୩ଟି, ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ଓ ସୋହେଲ ଖାନ୍ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଆସନ୍ତାକାଲି ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଓ କଟକର ୟୁନିଅନ ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ।

# ଜାତୀୟ ଶିଶୁ ଚେସ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ




ଖୋର୍ଦ୍ଧା,୧।୬ (ସମିସ)

ଅଲ୍ ଓଡ଼ିଶା ଚେସ ସଂଘ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, କେଟି ଗ୍ଲୋବାଲ ସ୍କୁଲ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର ମିଳିତ ସହଯୋଗରେ ୩୮ତମ ଜାତୀୟ ରାଜ୍ୟ ୭ ବର୍ଷରୁ କମ୍ ବା ଶିଶୁ ଚେସ ପ୍ରତିଯୋଗିତା ରବିବାର ଆରମ୍ଭ ହୋଇଛି। ସ୍ଥାନୀୟ କେଟି ଗ୍ଲୋବାଲ ସ୍କୁଲ ପରିସରରେ ରବିବାର ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଗୌତମ ପାଣିଗ୍ରାହୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଜୁନ୍ ୫ ତାରିଖଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ୯ ରାଉଣ୍ଡ ବିଶିଷ୍ଟ ହେବ। ଏଥିରେ ଓପନ ବା ବାଳକ ବିଭାଗରେ ୨୧୭ ଓ ବାଳିକା ବିଭାଗରେ ୧୨୭ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାରୁ ରେକର୍ଡ ୩୪ଜଣ ଖେଳାଳି ଏହି ପ୍ରତିଯୋଗିତାରେ ଭାଗନେଉଥିଲାବେଳେ ବାଳିକା ବିଭାଗରେ ଅନ୍ୱେଷା ମିଶ୍ର ଟପ୍ ସିଡ୍ ରହିଛନ୍ତି। ପୁରସ୍କାର ବାବଦରେ ଉଭୟ ବିଭାଗରେ ୨୦ ଜଣ ଲେଖାଏଁ ଖେଳାଳିଙ୍କୁ ମୋଟ ୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ମଧ୍ୟରୁ ପ୍ରତ୍ୟେକ ବିଭାଗର ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୫୦,୦୦୦ ଲେଖାଏଁ ଟଙ୍କା ପ୍ରଦାନ କରାଯିବ।

ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କେଟି ଗ୍ଲୋବାଲ ସ୍କୁଲର ଚେୟାରମ୍ୟାନ୍ ସେମାଦତ୍ତ ବେହୁରିଆ, ଆଇଏମ୍ ସ୍ୱାଂଶୁ ସତ୍ୟପ୍ରାଜ୍ଞ, ମନୋଜ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ ଅଲ୍‌ଓଡ଼ିଶା ଚେସ ସଂଘ ସମ୍ପାଦକ ତଥା ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଦେବବ୍ରତ ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲାବେଳେ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୁରେଶ ଚନ୍ଦ୍ର ସାହୁ ଚିଫ୍ ଆର୍ବିଟର ଥିଲାବେଳେ ଆର୍ବିଟର ତାପସ କୁମାର ମହାନ୍ତି, ଜ୍ୟୋତିଶଙ୍କର ନନ୍ଦ, ବିରଞ୍ଚିନାରାୟଣ ସାହୁ ଓ ସମ୍ବିତ ସ୍ୱାଇଁ ପ୍ରମୁଖ ଖେଳ ଚରିଚାଳନା କରୁଛନ୍ତି।

ଏସ୍‌ଏସ୍‌ଏନ୍ ସ୍ମାରକୀ ରାଜ୍ୟ ଓପନ ଚେସ୍

# ଟାଇଟଲ୍ ଜିତିଲେ ରବୀନ୍ଦ୍ର ଓଝା



ଭୁବନେଶ୍ୱର, ୧।୬ (ସମିସ): ଓଡ଼ିଶାର ବରିଷ୍ଠ ଚେସ୍ ପ୍ରଶିକ୍ଷକ କଟକର ରବୀନ୍ଦ୍ର କୁମାର ଓଝା ପ୍ରଥମ ସମୀରନ ସୁକୁମାର ନାୟକ (ଏସ୍‌ଏସ୍‌ଏନ୍) ସ୍ମାରକୀ ପ୍ରଥମ ରାଜ୍ୟସ୍ତରୀୟ ଚେସ ପ୍ରତିଯୋଗିତାରେ ଟାଇଟଲ ବିଜୟୀ ହୋଇଛନ୍ତି। ରାଜଧାନୀ ଉପକଣ୍ଠ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ରବୀନ୍ଦ୍ର ୫ ରାଉଣ୍ଡରୁ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ଜଟଣୀର ସ୍ଥିତପ୍ରଜ୍ଞ ସାହୁ ରନର୍ସଅପ୍, କଟକର ଲଳିତ ରଞ୍ଜନ ସାହୁ ତୃତୀୟ, କନ୍ଧମାଳର ଲରେନ୍ସ କୁମାର ପ୍ରଧାନ ଚତୁର୍ଥ, ପୁରୀର ମହେଶ ପ୍ରସାଦ ସେଠୀ ପଞ୍ଚମ, ଭୁବନେଶ୍ୱରର ଆଦର୍ଶ କୁମାର ରାଉତ ଷଷ୍ଠ ଓ ସୁରଜିତ ନାୟକ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ପଶ୍ଚିମବଙ୍ଗର ଶୁଭ୍ରଜିତ ଦତ୍ତ, ଭୁବନେଶ୍ୱରର ଦୁଇ ଖେଳାଳି ହୃଦୟ ଚାୱଡ଼ା ଓ ହର ଚାଟାର୍ଜୀ ଯଥାକ୍ରମେ ୮ମରୁ ୧୦ମ ସ୍ଥାନରେ ରହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ଟିସିଏସ୍ ପ୍ରୋଜେକ୍ଟ ମୁଖ୍ୟ ଦୀପ୍ତିରଞ୍ଜନ ନାୟକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ରୟାଲ ପବ୍ଲିକ୍ ସ୍କୁଲ୍‌ର ଉପାଧ୍ୟକ୍ଷ ପ୍ରଜ୍ଞାପାରମିତା ସାହୁ, ସମୀରନଙ୍କ ମା' ମଧୁସ୍ମିତା ଓ ଭଉଣୀ ଦୀପାନ୍ୱିତା ନାୟକଙ୍କ ସମେତ ଆୟୋଜକ ଓଡ଼ିଶା ରାଜ୍ୟ ଚେସ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଅନ୍ତର୍ଜାତୀୟ ପାରା ଫେନ୍ସିଂରେ ମାଳତୀଙ୍କୁ ରୌପ୍ୟ

ଭୁବନେଶ୍ୱର, ୧।୬ (ସମିସ): ଫ୍ରାନ୍ସରେ ଚାଲିଥିବା ୨୦୨୫ ପାରା ଫେନ୍ସିଂ (ଅସିଚାଳନା) ସାଟେଲାଇଟ୍ ଟୁର୍ଣ୍ଣାମେଣ୍ଟ 'ୱିଲିୟମ ଅଫ୍ ଓରେଞ୍ଜ'ରେ ଓଡ଼ିଆ କ୍ରୀଡ଼ାବିତ୍‌ଙ୍କ ଚମକ ଦେଖିବାକୁ ମିଳିଛି। ପ୍ରଥମ ଦିବସରେ ଓଡ଼ିଶାର ମାଳତୀ ପାନୌରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଫଳରେ ଏହି ଅନ୍ତର୍ଜାତୀୟ ପାରା ଫେନ୍ସିଂ ଟୁର୍ଣ୍ଣାମେଣ୍ଟରେ ମାଳତୀ ଦେଶ ପାଇଁ ପଦକ ଖାତା ଖୋଲିଛନ୍ତି। ମାଳତୀ ମହିଳା ଫଏଲ୍ ବ୍ୟକ୍ତିଗତରେ ଏହି ସଫଳତା ପାଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାରୁ ଅନ୍ୟମାନଙ୍କ ମଧ୍ୟରେ ଓମପ୍ରକାଶ ବେହେରା, ମଧୁସ୍ମିତା ସାହୁ ଓ ରାକେଶ କୁମାର ସେଠୀ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS